ମାର୍ଚ୍ଚ - ୨୦୨୧

# ଶିକ୍ଷାସୃଜନୀ



## ବିଦ୍ୟା ଭାରତୀ
## ଶିକ୍ଷା ବିକାଶ ସମିତି, ଓଡ଼ିଶା




ପ୍ରାଦେଶିକ +୨ ଶିକ୍ଷା ପରିଷଦ ବୈଠକ - ୨୦୨୧, ସ୍ଥାନ- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନାଲକୋ ନଗର, ଅନୁଗୁଳ

# ଶିକ୍ଷାସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ମୁଖପତ୍ର**

**ଫାଲଗୁନ - ଚୈତ୍ର**



**ସଂରକ୍ଷକ :**

- **ଶ୍ରୀମାନ୍ ଗୋବିନ୍ଦଚନ୍ଦ୍ର ମହାନ୍ତ**
  ସହ ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ
- **ଶ୍ରୀମାନ୍ ଦିବାକର ଘୋଷ**
  ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ ପୂର୍ବକ୍ଷେତ୍ର

**ଉପଦେଷ୍ଟା ମଣ୍ଡଳୀ :**

- **ଡଃ. ବିନାୟକ ଦାଶ**
  ସଭାପତି, ଶି.ବି.ସ., ଓଡ଼ିଶା
- **ଡା. ଲକ୍ଷ୍ମୀକାନ୍ତ ମହାରଣା**
  ସଂପାଦକ, ଶି.ବି.ସ., ଓଡ଼ିଶା
- **ଶ୍ରୀମାନ୍ ରମାକାନ୍ତ ମହାନ୍ତ**
  ସଂଗଠନ ସଂପାଦକ, ଶି.ବି.ସ., ଓଡ଼ିଶା



**ସର୍ବସ୍ୱତ୍ୱ ସଂରକ୍ଷିତ :**

ଶିକ୍ଷା ବିକାଶ ସମିତି, ଓଡ଼ିଶା



- ପ୍ରକାଶକ : ସମ୍ପାଦକ, ଶିକ୍ଷା ବିକାଶ ସମିତି, ଓଡ଼ିଶା
- ମୁଦ୍ରଣ : ସରସ୍ୱତୀ ଡିଟିପି ସେଣ୍ଟର, ଭୁବନେଶ୍ୱର


**ପ୍ରଚ୍ଛଦ ପ୍ରସଙ୍ଗ**

ବସନ୍ତ ରାଷ୍ଟ୍ରୀୟ ନୂତନ ବରଷ ଆଣଇ
ପ୍ରତିଟି ପରାଣେ ପୁଲକର ମଧୁ ଟାଣଇ
ଶୁଭଲଗନରେ କରି ପିତାମାତା ବରଣ
କଇଲାଣ ପାଇଁ ମଥା ଛୁଆଁଇବା
ହସି ହସି ତାଙ୍କ ଚରଣ ।


**ପରିଚାଳନା ସମିତି :**

- **ସଭାପତି : ପ୍ରଫେସର ଡଃ.ବସନ୍ତକୁମାର ପଣ୍ଡା**
- **ମୁଖ୍ୟ ସଂପାଦକ : ଡଃ ଶ୍ୟାମସୁନ୍ଦର ମିଶ୍ର**
- **ସଂପାଦକ : ଶ୍ରୀଯୁକ୍ତ ମହେନ୍ଦ୍ରକୁମାର ଘଡ଼େଇ**
- **ସଦସ୍ୟ : ଶ୍ରୀ ମନୋଜରଞ୍ଜନ ସେଠୀ**

**ସଂପାଦନା ମଣ୍ଡଳୀ :**

**(ସମ୍ଭାଗଶଃ ପ୍ରତିନିଧିମାନଙ୍କ ନାମ ଓ ସ୍ଥାନ)**

- ପୂର୍ବ - ଶ୍ରୀମତୀ ସଙ୍ଗୀତା ମିଶ୍ର, ଚନ୍ଦନପୁର, ପୁରୀ
- ପଶ୍ଚିମ - ଶ୍ରୀ ଦେବରାଜ ତ୍ରିପାଠୀ, ବୁର୍ଲା
- ଉତ୍ତର - ଶ୍ରୀ ଧରଣୀଧର ଦାସ, ଚମ୍ପୁଆ
- ଦକ୍ଷିଣ - ଶ୍ରୀ ସୁଧାକର ରଣା, ଜୟପାଟଣା
- ଉତ୍ତର-ପୂର୍ବ - ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା, ବାଲୁବଜାର, କଟକ
- ଦକ୍ଷିଣ ପୂର୍ବ - ଶ୍ରୀ ସୁନୀଲକୁମାର ଗୌଡ଼, ଗଜପତିନଗର
- ପୂର୍ବୋତ୍ତର - ଶ୍ରୀ ପ୍ରଣୟକୁମାର ପଡ଼ିଆରୀ, ବନ୍ତ
- ଦକ୍ଷିଣ ପଶ୍ଚିମ - ଶ୍ରୀ କବିରାଜ ପ୍ରଧାନ, କଲେଜଛକ, ବଲାଙ୍ଗୀର
- ମଧ୍ୟ - ଶ୍ରୀ ମାନସରଞ୍ଜନ ଜେନା, ତାଳଚେର
- **ସଂଯୋଜକ -ଶ୍ରୀ ଦେବେନ୍ଦ୍ରକୁମାର ପଟ୍ଟନାୟକ**



**ଯୋଗାଯୋଗ ଠିକଣା :**

ଶିକ୍ଷାସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶା**

ଇ-୫୯, ସେକ୍ଟର-ଏ, ଜୋନ୍-ଏ

ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦

ଦୂରଭାଷ : (୦୬୭୪)୨୫୮୨୯୮୮, ମୋ-୯୪୩୭୭୩୯୪୭୭

ଫାକ୍ସ : (୦୬୭୪) ୨୫୮୫୫୬୧

Email : shikshasrujanee@gmail.com



ପ୍ରତିଖଣ୍ଡର ମୂଲ୍ୟ : ଟ ୧୫.୦୦

ବାର୍ଷିକ ଦେୟ : ଟ ୯୦.୦୦

# ସୃଜନୀର ମୁଖଶାଳା


- ସମ୍ପାଦକୀୟ.......... ୦୩
- ଶ୍ରଦ୍ଧାଞ୍ଜଳି - ଶ୍ରୀଯୁକ୍ତ ତପନକୁମାର ଦାସ ୦୫
- ଅନ୍ତର୍ଜାତୀୟ ମାତୃଭାଷା ଦିବସ ୦୬
- ପିଙ୍କୁର ନୂଆବର୍ଷ ୦୮
- ରାଜା ବୃହଦ୍ରଥଙ୍କର ବ୍ରହ୍ମଜ୍ଞାନ ୧୦
- ତ୍ରିବେଣୀ ଅମାବାସ୍ୟା ୧୧
- ମାତୃ ଦେବୋଭବ ପିତୃ ଦେବୋଭବ ୧୩
- ମୌନୀ ଅମାବାସ୍ୟା ୧୪
- ଇସ୍ରୋର ସଫଳ ବୈଜ୍ଞାନିକ ୧୬
- ସମାନ ଜନେ ବନ୍ଧୁପଣ - ୨ ୧୮

**କବିତା ପସରା**

- ବିଶ୍ୱଗୁରୁ ୧୯
- ମୋ ଘର ୨୦
- ଚରଣରେ ପ୍ରଭୁ ୨୦
- ଆଶିଷ ଦିଅ ମା ୨୧
- ମାତୃଭାଷା ୨୧
- ନେତାଜୀ ହେ ତମେ କୁଆଡ଼େ ଗଲ ? ୨୧
- ଶ୍ରୀପଞ୍ଚମୀ ୨୨
- ହୋଲି ୨୨
- ଓଁ ଶ୍ରୀ ପରମାତ୍ମନେ ନମଃ ୨୩
- ଶ୍ରୀ ଶ୍ରୀ ଅଭିରାମ ପରମହଂସ - ଏକ ଆଲୋକପାତ ୨୬
- ବ୍ରହ୍ମାବଧୂତ ମହାପୁରୁଷ ଅରକ୍ଷିତ ଦାସ ୨୮
- ନଭେଲ କରୋନା ଭାଇରସ୍‌ର ସଂକ୍ରମଣ.... ୩୧
- ଜାତୀୟ ବିଜ୍ଞାନ ଦିବସ ୩୩
- ଅର୍ଦ୍ଧଚନ୍ଦ୍ରାସନ ୩୬
- ସମ୍ଭାଷଣାଭ୍ୟାସଃ ୩୭
- ସମାଜ ଆଇନାରେ.... ୩୮
- ଆମେ ଭେଟିଥିଲୁ.... ୩୯


## ସୁଗୁଣେ ସୁଯଶ ଅର୍ଜିବା

*ଶ୍ରୀ ମହେନ୍ଦ୍ରକୁମାର ଘଡ଼େଇ*

ସନ୍ଥ ଅରକ୍ଷିତ ଓଳାଶୁଣି ଗୁମ୍ଫା ମେଳାରେ
ତ୍ରିବେଣୀ ସଙ୍ଗମ କୁମ୍ଭ ଦରଶନ ବେଳାରେ
ମାଆ ବୀଣାପାଣି ପୂଜା ପାଇଁ ସଜ ଚାହାଳି
ମାଘ ସପ୍ତମୀରେ ଉଦିତ ସୂରୁଯ
ଦେଖିବାକୁ ଲାଗେ ଗହଳି ।


ପାଳିବାକୁ ଅଗ୍ନି ଉତ୍ସବ, ଜାଗର ହରଷ
ମୀନ ସଂକରାନ୍ତି, ରାଷ୍ଟ୍ରୀୟ ନୂତନ ବରଷ
ରାଇ ଦାମୋଦର ଚାଚେରି ପୂର୍ଣ୍ଣିମା ଦୋଳରେ
ଭେଦାଭେଦ ଭୁଲି ମାତି ଯାଉଥିଲେ
ରଙ୍ଗ ଅବିର ଏ ଖେଳରେ ।

ଲେଖିବା ପଢ଼ିବା କହିବା ଯେ ମାତୃଭାଷାରେ
ସନ୍ଧାନୀ ବିଜ୍ଞାନୀ ହୋଇକି ପାଇବା ଆଶାରେ
ପିତାମାତା ଗୁରୁ ଦିଅଁ ଦେବତାକୁ ପୂଜିବା
ଆତମନିର୍ଭର ହୋଇ ଧରା ଧାମେ
ସୁଗୁଣେ ସୁଯଶ ଅର୍ଜିବା ।

*ସମ୍ପାଦକ*

### ରୋକ୍‌ଠୋକ୍

ସଭିଏଁ ପଢ଼ିବେ ସଭିଏଁ ବଢ଼ିବେ
ନିଜ ମାତୃଭାଷା ନେଇ
ଜାତି ପ୍ରେମ ବହ୍ନି ଝଙ୍କାର ତୋଳିବେ
ଏକ ମନ ପ୍ରାଣ ହୋଇ
ଅନୁକରଣକୁ ଛାଡି
ସ୍ୱଦେଶୀ ସ୍ୱାଧ୍ୟାୟ ସ୍ୱାବଲମ୍ୱଶୀଳ
ପଥେ ଯିବେ ଲାଗିପଡ଼ି ।



ସେ ରଣୀ ନୋହେ ଏହାଙ୍କର । ଆବର ନୁହଇ କିଙ୍କର ।।

ସମ୍ପାଦକୀୟ

# ଆମ ଜାତୀୟ ଅସ୍ମିତାର ମଙ୍ଗ



ଯେତିକି ଦ୍ରୁତ ଗତିରେ ଜନସଂଖ୍ୟା ବୃଦ୍ଧି ପାଉଛି, ସେତିକି ଦ୍ରୁତଗତିରେ ମଣିଷ ପଣିଆ ହ୍ରାସ ପାଉଛି, ଯାହା ପ୍ରଗତିରେ କଣ୍ଟା ସାଜି ଆମକୁ ବାଟ ଓଗାଳୁଛି । ମହାବୀର ଜୈନଙ୍କ ଭାଷାରେ "ପ୍ରତ୍ୟେକ ଆତ୍ମାରେ ପରମାତ୍ମା ପାଲଟିବାର ଶକ୍ତି ରହିଛି ।" ସେ ଶକ୍ତିକୁ ବୁଝି କେବେ ଉପଯୋଗ କରିବା ?

ସକାଳର କଅଁଳ ସୂର୍ଯ୍ୟ, ଫୁଟିବାକୁ ଯାଉଥିବା ଫୁଲକଢ଼ି ଏବଂ ମଣିଷର ଶୈଶବ ବେଶ୍ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ କୁହାଯାଇଛି; ଯାହା ନ ହୋଇଛି ବାଳୁତ କାଳେ, ତାହା କି ହୋଇବ ପାଚିଲା ବାଳେ ।

'ବାଲ୍ୟ କାଳୁ ଧନ - ଧର୍ମ ମୁଁ ସଞ୍ଚିବି ଏ ଜୀବନ ଅନିଶ୍ଚିତ,
କେଜାଣି କାହାର ଆସି ମୃତ୍ୟୁକାଳ ହୋଇଯିବ ଉପସ୍ଥିତ ।'

ପାଣି ଫୋଟକା ପରି ଏ ଛୋଟିଆ ଜୀବନ ସମ୍ପର୍କରେ କବୀର ଦାସ ଚେତେଇ ଦେଇଛନ୍ତି;

'ପାନୀ କେରା ବୁଦ ବୁଦା, ଆସ ମାନୁସ କୀ ଜାତ ।
ଦେଖତ ହୀ ଛିପ ଜାଏଗା, ଯ୍ୟୋ ତାରା ପରଭାତ ।।'

ଟିକି ଦେହ, ମନ ଓ ପ୍ରାଣକୁ ନେଇ ସେହି ଟିକି ଗୁଣ୍ଡୁଚିଟି କାହାରି ଆହ୍ୱାନକୁ ଅପେକ୍ଷା କରିନି କି କାମକୁ ବୋଝ ମଣି ଅସହାୟତା ପ୍ରକାଶ କରିନି ବରଂ ରାଷ୍ଟ୍ରର କଲ୍ୟାଣ ପାଇଁ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କର ସେତୁ ବନ୍ଧ ବାନ୍ଧିବା କାମରେ ନିଜକୁ ସାମିଲ କରି ନେଇଥିଲା । ଟିକି ଗୁଣ୍ଡୁଚିର ଏଭଳି ବିରାଟ କାମକୁ ଦେଖି ପ୍ରଭୁ ଶ୍ରୀରାମଚନ୍ଦ୍ର କୋଳେଇ ନେଇ ତା' ପିଠି ଆଉଁସି ଦେଇଥିଲେ । ଯାହା ସ୍ମୃତିଚିହ୍ନ ହୋଇ ଆଜି ବି ତା' ପିଠିରେ ଶୋଭା ପାଉଛି । ଯୁଗେ ଯୁଗେ ଭଲ କାମ ପାଇଁ ତ ଏମିତି ପୁରସ୍କାର, ପ୍ରୋତ୍ସାହନ ରହି ଆସିଛି ।

ବାରଶହ ଶିଳ୍ପୀଙ୍କ ଶାସ୍ତିକୁ ଲାଘବ କରି କୋଣାର୍କର ଚୂଳମାରିଥିବା ଧରମା ହେଉ କି ଶତ୍ରୁକୁ ମାଟି ଛୁଆଁଇ ନ ଦେବାର କଠୋର ନିଷ୍ପତ୍ତିରେ ଅଟଳ ଥିବା ବାଜି ରାଉତଙ୍କର ଏହି ପ୍ରେରଣାଦାୟୀ କାର୍ଯ୍ୟ ତ ସେହି କଅଁଳ ବୟସର ।

'ଏକେନାପି ସୁବୃକ୍ଷେଣ ପୁଷ୍ପିତେନ ସୁଗନ୍ଧିନା
ବାସିତଂ ତଦବନଂ ସର୍ବ ସୁପୁତ୍ରେଣ କୁଳଂ ଯଥା ।'

ଅର୍ଥାତ - ଗୋଟିଏ ମାତ୍ର ବୃକ୍ଷର ସୁଗନ୍ଧ ଯୁକ୍ତ ଫୁଲର ମହକରେ ସମଗ୍ର ବନସ୍ଥଳୀ ସୁଗନ୍ଧିତ ହୋଇଥାଏ । ସେହିଭଳି ସୁଗୁଣ ସମ୍ପନ୍ନପୁତ୍ର ବଂଶକୁ ଗୌରବ ମଣ୍ଡିତ କରିଥାଏ ।

ସତ୍‌କର୍ମ ଓ ସତ୍‌ଚରିତ୍ର ମାନବକୁ ମହାମାନବରେ ପରିଣତ କରେ । ଆଳସ୍ୟ, ହୀନମନ୍ୟତା ଓ ଅକାର୍ଯ୍ୟ ଫଳମାରା କରି ସୁନାମକୁ ମାଟିରେ ମିଶାଇଦିଏ । ସେଥିପାଇଁ କୁହାଯାଇଛି;

'କୀର୍ତ୍ତି ହିଁ ପୁରୁଷଂ ଲୋକେ ସଞ୍ଜୀବୟତି ମାତୃବତ ।
ଅକୀର୍ତ୍ତି ଜୀବିତଂ ହନ୍ତି ଜୀବତୋଽପି ଶରୀରିଣ ।।'

ଅର୍ଥାତ : କୀର୍ତ୍ତି ହିଁ ସଂସାରରେ ମନୁଷ୍ୟକୁ ମାତୃତୁଲ୍ୟ ବଞ୍ଚାଇ ରଖେ । ମାତ୍ର ଅକୀର୍ତ୍ତି ବଞ୍ଚିଥିବା ଲୋକର ଜୀବନକୁ (ଶତ୍ରୁତୁଲ୍ୟ) ନାଶକରେ ।

ଆମ ବେଦ ପୁରାଣ କହେ, ବଚନବଦ୍ଧତାରେ ସତ୍ୟନିଷ୍ଠ

ହୋଇ କାମ କରିବା, ପିତୃ-ମାତୃ ଭକ୍ତି, ଭ୍ରାତୃ ସ୍ନେହରେ ସାରା ଜଗତକୁ ବାନ୍ଧି ରଖିବା, ନାରୀକୁ ସମ୍ମାନ ଦେବା, ପକ୍ଷପାତିତା ନ କରି ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା, ଦାନ ଧର୍ମରେ ମନ ବଳାଇବା ଭଳି ଆଦର୍ଶ ଜୀବନଯାପନ ଭିତରେ ମାନବୀୟ ଗୁଣର ସୁଶିକ୍ଷା ହିଁ ଗ୍ରହଣ କରିବା । ସେହିଭଳି ଶ୍ରେଷ୍ଠ ଓ ଆଦର୍ଶ ଚରିତ୍ରର ସବୁ ଲକ୍ଷଣ ଆମ ଜାତିର ଆରାଧ୍ୟ ଦେବତା ରାମ ଲାଲାଙ୍କ ପାଖରେ ରହିଛି । ସେ ହିଁ କେବଳ ସବୁ ସୁଗୁଣର ଅଧିକାରୀ । ସେଥିପାଇଁ ଆମେ ଗୋସ୍ୱାମୀ ତୁଳସୀ ଦାସଙ୍କର ସେହି ଉକ୍ତିକୁ ବାରମ୍ବାର ଦୋହରାଇ ଥାଉ,

'ରଘୁ କୁଳ ରୀତି ସଦା ଚଲିଆଇ
ପ୍ରାଣ ଯାଏପର ବଚନ ନ ଯାଇ ।'

ସେହି ରାମଲାଲାଙ୍କ ଜନ୍ମମାଟିରେ ଆମେ ଏତେ ଉଦାସ କାହିଁକି ? ଜାତୀୟ ଅସ୍ମିତାର ମଙ୍ଗ କ'ଣ ଆମେ ଧରିପାରିବା ନାହିଁ । ଶରୀର, ମନ ଓ ଧନ ଅର୍ପଣ କରି ଆମେ ତାଙ୍କ ଜନ୍ମପୀଠକୁ ନୂଆ ରୂପ ଦେବା ।

ପଛକୁ ଚାହଁ ନାହିଁ – ଅସୀମ ଶକ୍ତି, ଅସୀମ ଉତ୍ସାହ, ଅସୀମ ସାହସିକତା ଏବଂ ଅସୀମ ଧୈର୍ଯ୍ୟ ନେଇ ଆଗକୁ ଚାଲ, ଦେଖିବ ବଡ କାମ ସହଜରେ ତୁମ ହାତରେ ହୋଇପାରୁଛି ବୋଲି ସ୍ୱାମୀ ବିବେକାନନ୍ଦଙ୍କ ଏହି ବାଣୀଟି ଆମ ମାନସପଟ୍ଟରେ ରହୁ ।

ସ୍ୱାମୀଜୀ ଆମକୁ ଲକ୍ଷ୍ୟକରି ଆହୁରି ମଧ୍ୟ କହିଛନ୍ତି; 'ଆମକୁ ଏଭଳି ଶିକ୍ଷା ଆବଶ୍ୟକ, ଯାହା ଦ୍ୱାରା ଚରିତ୍ର ନିର୍ମାଣ ହୋଇପାରିବ, ମନର ଶକ୍ତି ବଢ଼ିବ, ବୁଦ୍ଧିର ବିକାଶ ହେବ ଏବଂ ମନୁଷ୍ୟ ନିଜ ଗୋଡ଼ରେ ଠିଆ ହୋଇପାରିବ ।'

"ଆତ୍ମବଳ, ଆତ୍ମ ସାମର୍ଥ୍ୟ, ବିବେକ, ଶାଳୀନତା ଓ ତେଜ ହିଁ ମନୁଷ୍ୟର ପରିଚୟ" – ପିତାମହ ଭୀଷ୍ମଙ୍କର ଏହି ଉକ୍ତିଟି ଆମ ଭିତରେ ଯେତେ ସକ୍ରିୟ, ଆମେ ସେତେ ଅଧିକ ସଫଳତାର ସିଢ଼ି ଚଢ଼ିବା ।

## ବୋଧକଥା

ସ୍ୱାମୀ କେଶବାନନ୍ଦ ସେବାର ବ୍ରତ ଶିକ୍ଷାର ବ୍ୟାପକ ପ୍ରଚାର କରିଥିଲେ । ଥରେ ତାଙ୍କର ଜଣେ ସହକର୍ମୀ ଦେଖିଲେ ଯେ ସ୍ୱାମୀଜୀ ହାତରେ ଦୁଇ ତିନି ପଟ ଶୁଖିଲା ରୁଟି ରଖି ଡାଲି ମଡ଼େଇ ଖାଉଛନ୍ତି । ରୁଟି ଥଣ୍ଡା ହୋଇଥିଲା ଓ ଶୁଖି ଯାଇଥିଲା । ସେ ଶୀଘ୍ର ଶୀଘ୍ର ଚୋବାଇ ଗିଳି ଦେଉଥିଲେ । ସହକର୍ମୀ ଏହାର କାରଣ ପଚାରିବାରୁ ସେ କହିଲେ – 'ମୋତେ ଗୋଟିଏ ସ୍ଥାନକୁ ଯିବାର ଅଛି । ତେଣୁ ତଳୁରୁ ଏହି ଦୁଇପଟ ରୁଟି ମଗାଇ ଦେଇଥିଲେ ।' ସହକର୍ମୀ ଜଣକ କହିଲେ, – 'ଏ ବୟସରେ ଆପଣ ଏପରି ଭୋଜନ କରବା ଉଚିତ ନୁହେଁ । କିଛି ନ ହେଲେ ଘିଅ, ଲହୁଣି ବା ଫଳ ଖାଆନ୍ତୁ ।' ଏହା ଶୁଣି ସ୍ୱାମୀଜୀ ମୁରୁକି ହସିଲେ । 'ଏହା ତ ଠିକ୍ କଥା ହେଲେ ଏଭଳି କଥାର ଚିନ୍ତା କରିବାର ଥିଲା ତ ସନ୍ନ୍ୟାସୀ ହୋଇ ସମାଜ ସେବା କରିବା ବ୍ରତ ଗ୍ରହଣ କରିବା କ'ଣ ଦରକାର ଥିଲା ?' ସହକର୍ମୀ ଜଣକ ନିରୁତ୍ତର ହେଲେ ।

ଆତ୍ମା କୁଶଳେ ସର୍ବ ସିଦ୍ଧି । ତରଇ ସଂସାର ଜଳଧି ।।




# ଶ୍ରଦ୍ଧାଞ୍ଜଳି

*ଶ୍ରୀ ପ୍ରଦୀପକୁମାର ମଲ୍ଲିକ*

ରହି ନାହିଁ କେହି ରହିବେ ନାହିଁଟି
ଭବରଙ୍ଗ ଭୂମି ତଳେ
ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କାଳ ବଳେ ।
ବାହୁଡ଼ି ଗଲ ବନ୍ଧୁ ମୁକ୍ତିର ମାର୍ଗେ
କରି ତୁମେ ଅଭିମାନ
ମାଆ ମାଟି ମମତା ଜଣାଉଛି
ଆଜି ତୁମକୁ ସନମାନ ।

କଟକ ଜିଲ୍ଲାର କରିମୂଳ ପ୍ରଗଣା ଅଞ୍ଚଳରେ ଗୋପାଳ ସାହି ସ୍ଥିତ ଏକ ମଧ୍ୟବିତ ପରିବାରରେ ପିତା ଅନନ୍ତ ଚରଣ ଦାସ ମାତା ଦୁର୍ଗାବତୀ ଦାସଙ୍କ କୋଳ ମଣ୍ଡନ କରି ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ ମହାପ୍ରଭୁଙ୍କ ଚରଣପ୍ରୀତ ଅମୃତ ସନ୍ତାନ ତପନ କୁମାର ଦାସ ୧୯୭୩ ମସିହା ଅକ୍ଟୋବର ୧ ତାରିଖରେ ଜନ୍ମଗ୍ରହଣ କରିଥିଲେ । ବାଲ୍ୟକାଳରୁ ସେ ଜଣେ ମେଧାବୀ ଛାତ୍ର ଥିଲେ । ଗୁରୁଜନଙ୍କ କଥା ମାନି ଚଳୁଥିଲେ । ତାଙ୍କର ପିତା ଶିକ୍ଷକ ଥିବାରୁ ପାଠପଢ଼ା ପ୍ରତି ଅଧିକ ଗୁରୁତ୍ୱ ଦେଉଥିଲେ । ସାଙ୍ଗସାଥିମାନଙ୍କ ସହ ମିଳିମିଶି ଚଳିବା, ସାଙ୍ଗମାନଙ୍କ ଦୁଃଖରେ ଦୁଃଖୀ ହେବା ଏହା ତାଙ୍କର ନିତିଦିନିଆ କାର୍ଯ୍ୟ ଥିଲା । ସେ ସବୁବେଳେ ସମୟାନୁବର୍ତ୍ତୀ ହୋଇ କାମ କରିବାକୁ ପସନ୍ଦ କରୁଥିଲେ । ଭାଇଭଉଣୀମାନଙ୍କ ସହ ମିଳିମିଶି କାମ କରିବାକୁ ସେ ଅଧିକ ଆନନ୍ଦ ଅନୁଭବ କରୁଥିଲେ । ପିଲାଦିନରୁ ଦେଶକୁ ଭଲ ପାଇବା ଓ ଦେଶ ମାତୃକାର ସେବା କରିବାର ମନୋବୃତ୍ତି ଦେଖା ଦେଇଥିଲା । ତେଣୁ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକ ଭାବରେ ଗାଁ ଶାଖାରେ ଯୋଗ ଦେଇଥିଲେ । ସଂଘର ବିଭିନ୍ନ ଦାୟିତ୍ୱ ତୁଲାଇବାରେ ସେ ସକ୍ଷମ ହୋଇପାରିଥିଲେ । ସଂଘର ୩ୟ ବର୍ଷ ମଧ୍ୟ ସମାପ୍ତ କରିଥିଲେ । ସଂଘର କାର୍ଯ୍ୟକୁ ପ୍ରଚାର ପ୍ରସାର କରିବା ପାଇଁ ସେ ନିୟମିତ କାର୍ଯ୍ୟକର୍ତ୍ତାମାନଙ୍କ ସହ ସୁସମ୍ପର୍କ ରଖି ଦକ୍ଷ ଗଟନାୟକ ହୋଇ ପାରିଥିଲେ । +୩ କଳା ପାସ୍ କଲା ପରେ ସେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଚୌଦ୍ୱାର ଠାରେ ଶିଶୁବାଟିକା ବିଭାଗରେ ଆଚାର୍ଯ୍ୟ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ । ଶାରୀରିକ ଓ ବୌଦ୍ଧିକରେ ତାଙ୍କର ଅଧିକ ରୁଚି ଥିଲା । ତେଣୁ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କର ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ଭାବରେ ପୂର୍ବ ସମ୍ଭାଗ ଓ ଉତ୍ତର ସମ୍ଭାଗର ଶିଶୁବାଟିକା ଶୈକ୍ଷିକ ସଂଯୋଜକ ଭାବରେ ଦାୟିତ୍ୱ ତୁଲାଇବାରେ ସକ୍ଷମ ହୋଇଥିଲେ । ସାରା ଓଡ଼ିଶାର ଶିଶୁବାଟିକାରେ କାର୍ଯ୍ୟରତ ଗୁରୁଜୀଗୁରୁମା ତାଙ୍କୁ ବହୁତ ଭଲ ପାଉଥିଲେ । ବର୍ଗ, ବୈଠକ, ପ୍ରଶିକ୍ଷଣମାନଙ୍କରେ ଶାରୀରିକ ଓ ବୌଦ୍ଧିକ ବିଭାଗରେ ଦାୟିତ୍ୱକୁ ନିଖୁଣତାର ସହ ସମ୍ପାଦନ କରି ଆସୁଥିଲେ । ଆମ ସହିତ କାମ କରିବା ସମୟରେ ସେ ଅନେକ ମୂଲ୍ୟବାନ ପରାମର୍ଶ ଦେଉଥିଲେ । ତାଙ୍କର ଦେହାନ୍ତରେ ମୁଁ ମୋର ଏକ ପରମ ମିତ୍ରକୁ ହରାଇଲି । ସଂଗଠନ ଏକ କାର୍ଯ୍ୟକର୍ତ୍ତା ହରାଇଲା । ମା' ତା'ର ପୁଅକୁ ହରାଇଲା । ଗାଁ ଏକ ଯୁବକକୁ ହରାଇଲା । ସାଙ୍ଗମାନେ ଜଣେ ସାଥିକୁ ହରାଇଲେ । ସଂଘ ଗୋଟିଏ ସ୍ୱୟଂସେବକ ହରାଇଲା । ପରିବାର ଘରର ମୁଖିଆଙ୍କୁ ହରାଇଲା, ଦୁଇ ପୁଅ ବାପ ଛେଉଣ୍ଡ ହୋଇଗଲେ । ଦୁଃଖ ଦେଇଗଲା ଦରଦୀ ବନ୍ଧୁ ପରି ସେ ସମସ୍ତଙ୍କୁ କନ୍ଦାଇ ନିଜେ ହସି ହସି ଭଗବାନଙ୍କ ପାଖକୁ ଚାଲିଗଲେ । ଏହି ପରିପ୍ରେକ୍ଷୀରେ ଦୁଇପୁଅଙ୍କୁ ସମସ୍ତଙ୍କର ଶୁଭାଶୀର୍ବାଦ ରହିବ । ସେମାନେ ଭଲ ମଣିଷ ହୋଇ ସମାଜର ବଡ଼ଦାଣ୍ଡରେ ଠିଆ ହୁଅନ୍ତୁ । ତାଙ୍କର ଅଧୁରା ସ୍ୱପ୍ନକୁ ଆମେ ଆଗକୁ ବଢ଼ାଇବୁ ଏହା ହିଁ ତାଙ୍କ ପାଇଁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ହେବ ।

ମାନବ ଜୀବନ ନୁହଁଇ କେବଳ
ବର୍ଷମାସ ଦିନ ଦଣ୍ଡ
କର୍ମେ ଯିଏ ନର କର୍ମ ଏକା ତା'ର
ଜୀବନର ମାନଦଣ୍ଡ ।

*ପ୍ରାନ୍ତ ଶିଶୁବାଟିକା ଶୈକ୍ଷିକ ସଂଯୋଜକ, ଶି.ବି.ସ., ଓଡ଼ିଶା*

**କର୍ମ ଆଦରି ସହି ଦୁଃଖ । କେବେହେଁ ନୋହିବ ବିମୁଖ ।।**

ଚିନ୍ତା ଚେତନା

# ଅନ୍ତର୍ଜାତୀୟ ମାତୃଭାଷା ଦିବସ

*ଶ୍ରୀ ଧରଣୀଧର ଦାସ*

ମାତୃଭାଷା କହିଲେ, ମାଆର ଭାଷାକୁ ବୁଝାଏ । ଶିଶୁ ଜନ୍ମ ହେବା ପରେ ମାଆ ଠାରୁ ଯେଉଁ ଭାଷା ଶିଖି ବ୍ୟବହାର କରେ, ସେହି ଭାଷା ତା' ପାଇଁ ମାତୃଭାଷା । ପରିବାରର ପିତାମାତା, ଭାତୃଭଗ୍ନୀ ତଥା ଅନ୍ୟ ସଦସ୍ୟଙ୍କ ସହ ବାର୍ତ୍ତାଳାପ ବେଳେ ସେ ଅଧିକରୁ ଅଧିକ ମାତୃଭାଷା ସମ୍ବନ୍ଧରେ ଜ୍ଞାନ ଆହରଣ କରେ । ଆଞ୍ଚଳିକ ଭାଷା ତା ପରିବେଶର ପ୍ରଥମ ଓ ପ୍ରଧାନ ଭାଷା, ବୃତ୍ତିଗତ ଭାଷା, ଗୋଷ୍ଠୀଗତ ଭାଷାରେ ଭିନ୍ନତା ଥିଲେ ମଧ୍ୟ ବହୁ ଲୋକଙ୍କ ମାତୃଭାଷା ଆଞ୍ଚଳିକ ଭାଷା ହିଁ ଶିଶୁର ଦ୍ୱିତୀୟ ପରିଚୟ । ଏହି ଦ୍ୱିତୀୟ ପରିଚୟଟି କ୍ରମେ ଶିଶୁର ପ୍ରଧାନ ପରିଚୟ ହୋଇଯାଏ । ଓଡ଼ିଶାରେ ବଢ଼ିଥିବା ସଭିଙ୍କର ଭାଷା ଓଡ଼ିଆ କହିଲେ ଏଇଆ ବୁଝାଯାଏ । ଓଡ଼ିଶାର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ସମତଳ ଅଞ୍ଚଳ, ଗଡଜାତ ଅଞ୍ଚଳ, ଯେଉଁଠି ହେଉନା କାହିଁକି ସମସ୍ତଙ୍କର ଭାଷା ଓଡ଼ିଆ । ଏସବୁ ଅଞ୍ଚଳରେ ଭାଷାର ଭିନ୍ନତା ଥିଲେ ମଧ୍ୟ ଏସବୁ ମିଶି ଓଡ଼ିଆ ଭାଷା । ଏହାକୁ କେହି ତାଙ୍କ ଉପରେ ଲଦି ଦେଇ ନାହାନ୍ତି, ସମସ୍ତେ ସ୍ୱଇଚ୍ଛାରେ ଗ୍ରହଣ କରିଛନ୍ତି । ତେଣୁ ଗୋଟିଏ ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତରେ ଏବଂ ଓଡ଼ିଶାରେ ସମସ୍ତେ ଦ୍ୱିଭାଷୀ । ଗୋଟିଏ ଜନ୍ମର ଭାଷା, ଆଉ ଗୋଟିଏ ସର୍ଜନର ଭାଷା । ଉଭୟ ମାତୃଭାଷା ।

ଭାଷା ଜାତି, ସମାଜ, ଅଞ୍ଚଳ ଓ ଦେଶକୁ ବାନ୍ଧିରଖେ । ଭାଷା ଭିତ୍ତିକ ପ୍ରଦେଶ ଗଠନ ବେଳେ ସବୁଠୁ ବଡ ଭୁଲ, ପ୍ରତ୍ୟେକ ଅଞ୍ଚଳକୁ ବହୁ ଭାଷାଭାଷୀ ରୂପେ ଘୋଷଣା ନ କରିବା । କରିଥିଲେ, ଭାଷାର ବିବିଧତା ମଧ୍ୟରେ ପରିପୂରକତା ଓ ପାରସ୍ପରିକତାକୁ ସ୍ୱୀକାର କରି ଭାଷା ନୀତି ପ୍ରସ୍ତୁତ କରାଯାଇଥାନ୍ତା । ଗୋଟିଏ ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଜନ୍ମର ଭାଷା ଥିଲେ ମଧ୍ୟ ସର୍ଜନ ଭାଷାକୁ କେବେ ଅସ୍ୱୀକାର କରିବେ ନାହିଁ । ଏହାର ଉଦାହରଣ ସ୍ୱରୂପ ଭାଷା ଭିତ୍ତିରେ କାନାଡା ଇଂରେଜ ଓ ଫରାସୀ ଭାଷା ଭିତ୍ତିରେ ଦୁଇ ଫାଳ ହେବାକୁ ବସିଥିଲା । ଏଥିପାଇଁ ଜାତିସଂଘ ଏଗାରଟା ଦେଶକୁ ନେଇ ଏହାର ସମାଧାନ ପାଇଁ ସଭା ଡାକିଥିଲେ । ଏହି ସମୟରେ ପାକିସ୍ଥାନ ଅର୍ଥାତ ପୂର୍ବ ବଙ୍ଗ ଓ ପଶ୍ଚିମ ପାକିସ୍ଥାନରେ ଆନ୍ଦୋଳନ ଲାଗିଥାଏ । ପୂର୍ବ ବଙ୍ଗରେ ବଙ୍ଗଳା କହୁଥିବା ଲୋକଙ୍କ ଉପରେ ଉର୍ଦ୍ଦୁଭାଷା ଚପେଇ ଦେବାର ପ୍ରଚେଷ୍ଟା ଫଳରେ ବଙ୍ଗଳା ଭାଷାଭାଷୀଙ୍କର ପ୍ରତିବାଦ ଓ ପ୍ରତିରୋଧ ହେତୁ ଆନ୍ଦୋଳନ ହେଲା । ଭାଷାଗତ ଓ ଚଳଣିଗତ ଭିନ୍ନତା ପାଇଁ ୧୯୫୨ ମସିହାରେ ସେତେବେଳର ପାକିସ୍ଥାନରେ ବଙ୍ଗଳା ଭାଷାକୁ ଦୁଇଟି ରାଷ୍ଟ୍ରୀୟ ଭାଷାର ମାନ୍ୟତା ଦାବି କରୁଥିବା ଢାକା ବିଶ୍ୱ ବିଦ୍ୟାଳୟ, ଜଗନ୍ନାଥ ବିଶ୍ୱ ବିଦ୍ୟାଳୟ, ଢାକା ମେଡିକାଲ କଲେଜର ଛାତ୍ରମାନଙ୍କୁ ଅଧୁନା ବଙ୍ଗଳା ଦେଶର ରାଜଧାନୀ ଢାକାର ଉଚ୍ଚ ନ୍ୟାୟାଳୟ ନିକଟରେ ପୁଲିସ ଗୁଳିରେ ପ୍ରାଣ ହରାଇବାକୁ ପଡିଥିଲା । ତାହାର ପରିଣାମ ହେଲା ଯୁଦ୍ଧ । ଏହି ଯୁଦ୍ଧରୁ ବାଙ୍ଗଲାଦେଶର ଜନ୍ମ ହେଲା । ୧୯୯୯ ନଭେମ୍ବର ୧୬ ତାରିଖରେ ୟୁନେସ୍କୋ ଫେବୃୟାରୀ ୨୧କୁ ବିଶ୍ୱ ମାତୃଭାଷା ଦିବସ ଘୋଷଣା କଲା । ୨୦୦୦ ମସିହା ଠାରୁ ଏହି ଦିବସ ପୃଥିବୀର ସବୁ ଦେଶରେ ପାଳିତ ହେଉଛି ।

ଅନ୍ତର୍ଜାତୀୟ ମାତୃଭାଷା ଦିବସର ଲକ୍ଷ୍ୟ ହେଉଛି "ଭାଷାଗତ ଓ ଚଳଣିଗତ ବିଭିନ୍ନତା ଓ ବହୁଭାଷାର ପ୍ରଚାର" କରିବା । ଆଞ୍ଚଳିକ ଭାଷାକୁ ଗୁରୁତ୍ୱ ଦେବା ତଥା ପ୍ରାଥମିକ ଶିକ୍ଷାରେ ମାତୃଭାଷାକୁ ବାଧ୍ୟତାମୂଳକ କରିବା । କିନ୍ତୁ ଆମ ଦେଶରେ ଏହି ପ୍ରତିଶ୍ରୁତି ପାଳନ ହୋଇନାହିଁ । ଶିକ୍ଷା, ପ୍ରଶାସନ, ଆଇନ, ସଞ୍ଚାର କ୍ଷେତ୍ରରେ ରାଜ୍ୟ ଭାଷା ବା ମାତୃଭାଷା ଏପର୍ଯ୍ୟନ୍ତ ସାମିଲ ହୋଇ ପାରିଲା ନାହିଁ କି ସରକାର ଆଗ୍ରହ ପ୍ରକାଶ କଲେ ନାହିଁ । ଆଜି ବି ମ୍ୟାକଲେ ଶିକ୍ଷାନୀତି

ଦୁଃଖେ ନ ଛାଡ଼ି ନିଜ ପଥ । ଚଞ୍ଚଳ ନ କରିବା ଚିତ୍ତ ॥

ଆମ ଦେଶରେ ଚାଲିଛି । ମ୍ୟାକଲେଙ୍କ ଶିକ୍ଷା ବ୍ୟବସ୍ଥା ଭାରତୀୟଙ୍କୁ ଶିକ୍ଷିତ କରିବା ପାଇଁ ନ ଥିଲା । ଏହାର ଲକ୍ଷ୍ୟ ଥିଲା ଅଳ୍ପ କେତେକ ଯୋଗ୍ୟ ଇଂରାଜୀ ପଢୁଆ ଲୋକ ପ୍ରସ୍ତୁତ କରିବା, ଯେଉଁମାନେ ସାମ୍ରାଜ୍ୟ ପ୍ରଶାସନରେ ସାହାଯ୍ୟ କରିବେ । ସ୍କୁଲ କଲେଜରୁ ଯେଉଁମାନେ ବାହାରିବେ ସେମାନେ ଜନ୍ମରେ ଭାରତୀୟ ହେବେ କିନ୍ତୁ ଚାଲିଚଳନ, ମୂଲ୍ୟବୋଧରେ ଇଂରେଜ ହେବେ । ତାହା ହିଁ ଲେଖା କେଜି ରୁ ପିଜି ଇଂରାଜୀ ମାଧ୍ୟମରେ ପଢ଼ିଥିବା ପିଲା ଆପଣା ସ୍ୱାଭିମାନ ହରେଇଲେ । ମାତୃଭାଷାକୁ ଅବମାନନା କଲେ । ପଦୁଟିଏ ବି ମାତୃଭାଷାର ଗରିମା ତାଙ୍କ ମୁହଁରୁ ବାହାରିଲା ନାହିଁ । ଆପଣା ପରମ୍ପରା, ସଂସ୍କୃତି ଓ ଐତିହ୍ୟ ଠାରୁ ଦୂରେଇ ଗଲେ । ସେମାନେ ଇଂରାଜୀ, ଅର୍ଥନୀତି, ରାଜନୀତି, ଧର୍ମନୀତିର ଦାଦନ ଶ୍ରମିକ ହୋଇ ରହିଲେ ।

ଶିଶୁର ଚେତନା, ଚିନ୍ତା, କଳ୍ପନା, ସ୍ମୃତି, ତର୍କଣା ଆଦି ସମସ୍ତ ସତ୍ତାର ବିକାଶ ଭୂମି ହିଁ ମାତୃଭାଷା । ଶିଶୁର ହସ, କାନ୍ଦ, ସୁଖ, ଦୁଃଖ, ଆବେଗ, ଉଜ୍ଜ୍ୱଳ ଆଶା, ଆକାଂକ୍ଷା, ସ୍ୱପ୍ନ ଆଦି ମାତୃଭାଷା ମାଧ୍ୟରେ ରୂପାୟିତ ହୁଏ । ଭାଷା ଓ ଭାବନାର ସମ୍ବନ୍ଧ ଅତି ନିବିଡ଼ । ଭାଷା ଓ ଭାବନା ଗୋଟିଏ ବୃନ୍ତର ଦୁଇଟି ପୁଷ୍ପ ଓ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ତେଣୁ ଶିଶୁର ଭାବନା ଓ ତା'ର ଭାଷା ମାଧ୍ୟମରେ କ୍ଷୀର ନୀର ସମ୍ପର୍କ ବିଦ୍ୟମାନ । ଶିଶୁ ମାତୃଭାଷାରେ ଭାବେ, କଳ୍ପନା କରେ, ସ୍ୱପ୍ନ ଦେଖେ । ମାତୃଭାଷା ହିଁ ତା'ର ମନଗଗନର ଭାବନାରାଜିର ରୂପଦାନ କରେ । ପିତାମାତା, ଆତ୍ମୀୟସ୍ୱଜନ ସହିତ ଭାବର ଆଦାନପ୍ରଦାନ ପ୍ରାଥମିକ ମାଧ୍ୟମ ହିଁ ଶିଶୁର ମାତୃଭାଷା ।

ମାତୃଭାଷା ମାନବ ସମାଜର ସମସ୍ତ ଆଶା, ଆକାଂକ୍ଷା ଓ ସ୍ୱପ୍ନର ଛବି ବହନ କରେ । ସମାଜର ଅନ୍ୟାୟ, ଅନାଚାର, ଅନୀତି ଦୂର କରିବାର ସମସ୍ତ ଭାବନା ରୂପାୟିତ ହୋଇଥାଏ ମାତୃଭାଷାରେ । ମାତୃଭାଷା ମାଧ୍ୟମରେ ଶିଶୁର ଉନ୍ନତ ଆଚରଣ ପରିପ୍ରକାଶ ସମ୍ଭବ ହୋଇଥାଏ । ମାତୃଭାଷା ମାଧ୍ୟମରେ ଶିଶୁଠାରେ ସ୍ନେହ, ପ୍ରୀତି, ମମତା, ସହନଶୀଳତା ଆଦି ମାନବିକ ଗୁଣର ବିକାଶ ହୋଇଥାଏ । ଉଚ୍ଚ ଆଦର୍ଶ ଓ ଉନ୍ନତ ମୂଲ୍ୟବୋଧର ମଧୁର ସଂଯୋଗ ହେତୁ ମାତୃଭାଷା ମାଧ୍ୟମରେ ଶିଶୁ ଜୀବନରେ ମାନବିକ ସାଫଲ୍ୟ ଫୁଟି ଉଠେ । ଶିଶୁ ଏକ ମାର୍ଜିତ ରୁଚି ସମ୍ପନ୍ନ ସଭ୍ୟ ମାନବ ରୂପେ ନିଜକୁ ଗଢ଼ି ତୋଳେ । ମାତୃଭାଷା ମାଧ୍ୟମରେ ଶିଶୁ ଗାଁର ସାହି ପଡିଶା ସାଥୀଙ୍କ ସହ ମିଶେ, ଖେଳେ, ମନଖୋଲା କଥା କୁହେ ଯାହା ଦ୍ୱାରା କି ଶିଶୁ ମନରେ ଗାଁ ମାଟିର ମାୟା ମମତା-ବନ୍ଧନକୁ ଅତୁଟ ରଖେ । ମାଟି ମାଆର ସେବା ପାଇଁ ତା'ର ପ୍ରାଣ ବ୍ୟାକୁଳ ହୁଏ । ଏ ମାଟିର ସନ୍ତାନସନ୍ତତିଙ୍କ ପ୍ରାଣସ୍ୱରରେ ସ୍ୱଦେଶ ପ୍ରୀତିର ବହ୍ନି ପ୍ରଜ୍ୱଳନ କରେ ।

ଏବେ ଭାରତ ସରକାର ନୂତନ ଶିକ୍ଷାନୀତି ଆଣିଛନ୍ତି । ନୂତନ ଶିକ୍ଷାନୀତିରେ ମାତୃଭାଷାକୁ ପ୍ରାଥମିକ ଶିକ୍ଷାରେ ଗୁରୁତ୍ୱ ଦେବା ସହିତ ଜନ୍ମଭାଷା ବା ଆଞ୍ଚଳିକ ଭାଷାକୁ ମଧ୍ୟ ପ୍ରୋତ୍ସାହନ କରାଯାଇଛି । ପ୍ରାଥମିକ ଶିକ୍ଷା ପରେ ବହୁ ଭାଷା ଶିକ୍ଷାର ମଧ୍ୟ ବ୍ୟବସ୍ଥା କରାଯାଇଛି । ମାତୃଭାଷାରେ ଶିଶୁ ଶିକ୍ଷା ଲାଭ କଲେ ସେ ତା'ର ସଂସ୍କୃତି, ପରମ୍ପରା ସମ୍ବନ୍ଧରେ ଅବଗତ ହୋଇପାରିବ । ନିଜର ମାତୃଭାଷାକୁ ସମ୍ମାନ କରିବ ଏବଂ ମାତୃଭାଷାକୁ ନେଇ ଗର୍ବ କରିବ । ମାତୃଭାଷା ସୁଦୃଢ଼ ହେଲେ ବ୍ୟକ୍ତି ସ୍ୱାଭିମାନୀ ହେବ, ସେହି ସ୍ୱାଭିମାନୀ ବ୍ୟକ୍ତି ହିଁ ସ୍ୱାବଲମ୍ବୀ ହୋଇ ପାରିବ । ସେ ପ୍ରତ୍ୟେକ କର୍ମ ସମ୍ବନ୍ଧରେ ଜ୍ଞାନ ଆହରଣ କରି କର୍ମ ନିଯୁକ୍ତିର ପନ୍ଥା ବାଛି ପାରିବ । ଦେଶର ଅର୍ଥନୀତିକ, ରାଜନୀତିକ, ଆଇନଗତ ତଥା ସାଂସ୍କୃତିକ ପ୍ରଗତିରେ ସହାୟକ ହୋଇପାରିବ । କୌଣସି ବ୍ୟକ୍ତି ବେକାର ରହିବ ନାହିଁ । ମାତୃଭାଷାରେ ସମୃଦ୍ଧ ଥିବା ବ୍ୟକ୍ତି ହିଁ ସୁସ୍ଥ ଭାରତ ଓ ସମୃଦ୍ଧ ଭାରତ ଗଠନରେ ଭାଗୀଦାର ହୋଇପାରିବ । ଆମେ ଆଶାକରୁ ଏହି ନୂତନ ଶିକ୍ଷାନୀତି ଆମ ଦେଶରେ ପ୍ରଚଳନ ହେଲେ, ମାତୃଭାଷାର ସମ୍ମାନ ବୃଦ୍ଧି ହେବ ତଥା ଏହି ଆର୍ନ୍ତଜାତିକ ମାତୃଭାଷା ଦିବସ ପାଳନର ଯଥାର୍ଥତା ପ୍ରତିପାଦିତ ହେବ ।

*ସହ-ପ୍ରାନ୍ତ ପ୍ରମୁଖ*

*ଶିକ୍ଷାସୃଜନୀ*

**ଧନ୍ୟ ଜୀବନ ଏ ଜଗତେ । ଯେ ପ୍ରାଣ ଧରେ ପରହିତେ ॥**

**ଗପ ଗଜରା**

# ଆମ ତ୍ରିରଙ୍ଗା

*ଶ୍ରୀମତୀ ମନୋରମା ଶତପଥୀ*

**ସ୍ୱା**ଧୀନତା ଦିବସ ଆଉ ଦୁଇଦିନ ଥାଏ । କଲ୍ୟାଣୀ ଗୁରୁମା ପ୍ରଥମ ଶ୍ରେଣୀର ଶ୍ରେଣୀ ଶିକ୍ଷୟିତ୍ରୀ । ସେ ଶ୍ରେଣୀରେ ପହଞ୍ଚିବା ମାତ୍ରେ ପିଲାଏ ଗୁରୁମା ପ୍ରଣାମ ବୋଲି କହିଲେ । ଗରୁମା ବସ ବୋଲି କହି ଉପସ୍ଥାନ ପକାଇଲେ । ତା'ପରେ କହିଲେ, 'ପିଲାଏ ଆଜି ଅଗଷ୍ଟ ମାସ ଚଉଦ ତାରିଖ । ଆଉ ଦିନକ ପରେ ଅଗଷ୍ଟ ମାସ ପନ୍ଦର ତାରିଖ ପବିତ୍ର ସ୍ୱାଧୀନତା ଦିବସ । ଅମେ ସବୁ ମିଶି ଜାତୀୟ ସଙ୍ଗୀତ ଗାଇବା ଏବଂ ଆମର ଜାତୀୟ ପତାକା ଉତ୍ତୋଳନ କରିବା । ଏହା ଆମର ଜାତୀୟ ପର୍ବ । ଏହାକୁ ଖୁବ୍ ଆନନ୍ଦ ଉଲ୍ଲାସ ମଧ୍ୟରେ ଧୁମ୍‌ଧାମ୍‌ରେ ପାଳନ କରିବା । ତୁମ୍ଭେମାନେ ସମସ୍ତେ ସକାଳ ୬ଟା ୩୦ମି. ବେଳକୁ ପହଞ୍ଚିଯିବ । ନାଁ କ'ଣ କହୁଛ ?' ପିଲାମାନେ ସମସ୍ତେ ଏକ ସ୍ୱରରେ ହଁ ମାରିଲେ ।

ଏହି ସମୟରେ ଦେବସ୍ମିତା ଠିଆ ହୋଇ କହିଲା, 'ଗୁରୁମା ଏହି ଦିନ ଆମ ଦେଶ ସ୍ୱାଧୀନ ହୋଇଥିଲା ବୋଲି ମୁଁ ଜାଣିଛି । ହେଲେ, ସେଦିନ ଏ ଜାତୀୟ ପତାକା କାହିଁକି ଉଡ଼ା ହେଉଛି ଓ ଏଥିରେ ଥିବା ତିନୋଟି ରଙ୍ଗ କାହିଁକି ଅଛି ମୁଁ କିଛି ବୁଝିପାରେ ନାହିଁ ।' ଗୁରୁମା କହିଲେ, 'ହଁ ବଢ଼ିଆ କଥାଟିଏ କହିଛ । ଏମିତି ନ ଡରି ଉଙ୍କି ମାରୁଥିବା ସମସ୍ତ ପ୍ରଶ୍ନ ପଚାରିଲେ ତୁମ୍ଭେମାନେ ଦିନେ ନା ଦିନେ ବଡ଼ ମଣିଷ ହେବ । ହଁ ତୁମେ ଜାତୀୟ ପତାକା ସମ୍ବନ୍ଧରେ କହୁଥିଲ ପରା । ତୁମ୍ଭେମାନେ ସମସ୍ତେ ମନଦେଇ ଶୁଣ । ମୁଁ ତୁମମାନଙ୍କୁ ଆଜି ସେଇ ଜାତୀୟ ପତାକା ସମ୍ବନ୍ଧରେ କହୁଛି । ପ୍ରତି ଦେଶର ଭିନ୍ନ ଭିନ୍ନ ଜାତୀୟ ପତାକା ରହିଛି । ଏହା ସ୍ୱାଧୀନତାର ଓ ସ୍ୱାଭିମାନର ପ୍ରତୀକ । ଏହା ଆମର ମା' ପରି । ଆମେ ଯେଉଁ ଜାତୀୟ ପତାକା ଉଡ଼ାଉଛେ ଏହା ତ୍ରିରଙ୍ଗା । ଏହି ତ୍ରିରଙ୍ଗା ଆମ ଦେଶର ଜାତୀୟ ପତାକା ।

ଏଥିରେ ଥିବା ତିନୋଟି ରଙ୍ଗରୁ ଉପର ରଙ୍ଗ ନାରଙ୍ଗୀ, ମଝି ରଙ୍ଗ ଧଳା ଓ ତଳ ରଙ୍ଗ ସବୁଜ ଅଟେ । ନାରଙ୍ଗୀ ରଙ୍ଗ ତ୍ୟାଗ ଓ ସାହସର ପ୍ରତୀକ । ଧଳା ରଙ୍ଗ ସତ୍ୟ, ଶାନ୍ତି ଓ ପବିତ୍ରତାର ପ୍ରତୀକ । ସବୁଜ ରଙ୍ଗ ବିଶ୍ୱାସର ପ୍ରତୀକ । ଏହାର ମଝି ଅଂଶରେ ଥିବା ଅଶୋକ ଚକ୍ର ନୀଳ ରଙ୍ଗର ଚକ୍ର । ଏଥିରେ ଥିବା ୨୪ଟି ଅର ଏକତା, ନ୍ୟାୟ, ଧନ ଓ ପ୍ରଗତିର ପ୍ରତୀକ । ଏହି ତ୍ରିରଙ୍ଗା ପତାକାର ଦୈର୍ଘ୍ୟ ପ୍ରସ୍ଥର ଦେଢ଼ଗୁଣ ଓ ଆକାର ଆୟତାକାର ଏହାକୁ ଉଡ଼ାଇବାର କେତେଗୁଡ଼ିଏ ନିୟମ ମଧ୍ୟ ଅଛି । ଏହାର ନାରଙ୍ଗୀ ଅଂଶ ଉପରକୁ ରହିବ । ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଏହା ଉଡ଼ାଯାଇ ପାରିବ । ଏହାକୁ ତଳେ ପକାଇବା ନାହିଁ । ଚିରା ପତାକା ବ୍ୟବହାର କରିବା ନାହିଁ । ଏହା ଆମର ଗର୍ବ, ଗୌରବ, ସ୍ୱାଧୀନତା ଓ ସ୍ୱାଭିମାନର ପ୍ରତୀକ ମନେକରି ଏହାକୁ ମା' ପରି ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରିବା । ବିଶେଷ ପରିସ୍ଥିତି ନ ଥିଲେ ପତାକା ନଇଁବ ନାହିଁ କିମ୍ବା ଯେଉଁଠି ସେଠି ପଡ଼ିବ ନାହିଁ ।'

ପିଲାମାନେ ଏତେବେଳ ଯାଏ ଚୁପ୍‌ଚାପ୍ ଗୁରୁମାଙ୍କଠାରୁ ତ୍ରିରଙ୍ଗା ପତାକା ସମ୍ବନ୍ଧରେ ଶୁଣୁଥିଲେ । ଗୁରୁମା କହିସାରି ପଚାରିଲେ ପିଲାଏ ଏବେ ତ୍ରିରଙ୍ଗା ପତାକା ସମ୍ବନ୍ଧରେ ତ ବହୁକଥା ଜାଣିଲ । ପିଲାମାନେ ଏକ ସ୍ୱରରେ ହଁ ମାରିଲେ । ଗୁରୁମା କହିଲେ, ସବୁ କଥା ମନେ ରଖିଥିବ । ମୁଁ ଯେତେବେଳେ ଯାହାକୁ ଯାହା ପଚାରିବି ସେ ସଙ୍ଗେ ସଙ୍ଗେ ଉତ୍ତର ଦେବ । ପିଲାଏ ମୁଣ୍ଡ ଟୁଙ୍ଗାରି ସମ୍ମତି ଜଣାଇଲେ । ଗୁରୁମା କହିଲେ ଦେବସ୍ମିତା କ'ଣ ବୁଝିଲ ଗୋଟିଏ ପଦରେ କହିଲ । ଦେବସ୍ମିତା କହିଲା –

ତ୍ରିରଙ୍ଗା ଅଟଇ ଆମ ଜାତୀୟ ପତାକା
ତା'ମାନ ରଖିବା ଆମ କର୍ତ୍ତବ୍ୟଟି ଏକା ।

*ବାଗସାହି, ଜଗତସିଂହପୁର*

ଧନ୍ୟ ଜୀବନ ଧନ୍ୟ ତାର । ଦୁର୍ଲଭ କର୍ମ ଏ ବେଭାର ॥

**ଜୀବନ ମୂଲ୍ୟ**

# ରାଜା ବୃହଦ୍ରଥଙ୍କର ବ୍ରହ୍ମ ଜ୍ଞାନ

*✸ ଶ୍ରୀ ନରେନ୍ଦ୍ରକୁମାର ରାଉଳ*

ବୃହଦ୍ରଥ ନାମକ ରାଜାଙ୍କ ମନରେ ନିଜ ଶରୀରର ନଶ୍ୱରତା ସମ୍ବନ୍ଧରେ ବିବେକ ଜାଗ୍ରତ ହେବା ପରେ ଅତ୍ୟନ୍ତ ବୈରାଗ୍ୟ ଉତ୍ପନ୍ନ ହେଲା । ଏହି କାରଣରୁ ସେ ନିଜ ଜ୍ୟେଷ୍ଠ ପୁତ୍ରକୁ ରାଜଭାର ପ୍ରଦାନ କରି ବନକୁ ପ୍ରସ୍ଥାନ କଲେ । ରାଜା ବନରେ ଦୀର୍ଘ କାଳ ପର୍ଯ୍ୟନ୍ତ କଠୋର ତପସ୍ୟା କଲେ । ସେ ପ୍ରତିଦିନ ସୂର୍ଯ୍ୟଙ୍କ ଆଡ଼କୁ ଚାହିଁ ନିଜ ଦୁଇ ହାତ ଉପରକୁ ଉଠାଇ ଠିଆ ହୋଇ ରହୁଥିଲେ । ଏକ ସହସ୍ର ବର୍ଷ ପରେ ତାଙ୍କ ଉଗ୍ର ତପସ୍ୟାର ଫଳ ସ୍ୱରୂପ ଶାକାୟନ୍ୟ ନାମକ ଆତ୍ମବେତ୍ତା ମହାମୁନି ରାଜାଙ୍କ ସମ୍ମୁଖକୁ ଆସିଲେ । ସେ ମୁନିଙ୍କ ତେଜ ଧୂମ ରହିତ ଅଗ୍ନି ସମାନ ଥିଲା । ମହାମୁନି ରାଜାଙ୍କୁ କହିଲେ, ହେ ରାଜନ ! ଉଠ, ବର ମାଗ । ରାଜା ମହାମୁନି ଶାକାୟନ୍ୟଙ୍କୁ ନମସ୍କାର କରି କହିଲେ, 'ହେ ଭଗବାନ ! ମୁଁ ଆତ୍ମବେତ୍ତା ନୁହେଁ । ମୁଁ ଶୁଣିଛି ଆପଣ ବ୍ରହ୍ମତତ୍ତ୍ୱବେତ୍ତା । ତେଣୁ ଆପଣ ମୋତେ ତତ୍ତ୍ୱଜ୍ଞାନରୂପ ବରଦାନ ପ୍ରଦାନ କରନ୍ତୁ ।' ଏହା ଶୁଣି ଶ୍ରେଷ୍ଠ ମୁନି କହିଲେ, 'ହେ ଇକ୍ଷାକୁବଂଶୀୟ ରାଜନ୍ ! ତୁମେ ଅନ୍ୟ କୌଣସି ବର ମାଗ । ପ୍ରାଚୀନ କାଳରୁ ଅତ୍ୟନ୍ତ କଠିନ ଓ ଦୁରୁହ ମନେ କରାଯାଉଥିବା ଏପରି ପ୍ରଶ୍ନ ପଚାର ନାହିଁ ।' ଏହା ଶୁଣି ରାଜା ବୃହଦ୍ରଥ ସେହି ମୁନିଶ୍ରେଷ୍ଠ ଶାକାୟନ୍ୟଙ୍କ ଚରଣରେ ପ୍ରଣାମ କରି କହିଲେ, ହେ ଭଗବାନ, ଏହି ଶରୀର ହାଡ, ଚର୍ମ, ସ୍ନାୟୁ, ମଜ୍ଜା, ମାଂସ, ରକ୍ତ, ଶୁକ୍ର, ଅଶ୍ରୁ, ବିଷ୍ଠା, ମୂତ୍ର - ବାତ, ପିତ, କଫ ଆଦିରେ ପରିପୂର୍ଣ୍ଣ । ଏହି ଶରୀର ଦୁର୍ଗନ୍ଧଯୁକ୍ତ ଓ ତତ୍ତ୍ୱ ରହିତ । ତେବେ କାମନା ଜନିତ ଭୋଗର ଆବଶ୍ୟକତା କ'ଣ ? ହେ ଭଗବାନ ! କାମ, କ୍ରୋଧ, ଲୋଭ, ମୋହ, ଭୟ, ବିଷାଦ, ଈର୍ଷା, ପ୍ରିୟବସ୍ତୁର ବିୟୋଗ ତଥା ଅପ୍ରିୟର ମିଳନ ଜନିତ ଦୁଃଖ, କ୍ଷୁଧା-ପିପାସା, ଜରା-ମରଣ, ଶୋକ ଆଦି ଦ୍ୱାରା ଏହି ଶରୀର ଅତ୍ୟନ୍ତ ବିଚଳିତ ହୁଏ । ଏପରି ସ୍ଥିତିରେ କାମନା, ଉପଭୋଗର ଆବଶ୍ୟକତା କ'ଣ ? ଏହି ସମ୍ପୂର୍ଣ୍ଣ ସଂସାର କ୍ଷଣ ଭଙ୍ଗୁର । ମନୁଷ୍ୟାଦି ସମସ୍ତ ପ୍ରାଣୀଙ୍କୁ ମୁଁ ନିରନ୍ତର ବିନଷ୍ଟ ହେବାର ଦେଖୁଛି । ଅନେକାନେକ କ୍ଷୁଦ୍ର ଜୀବ ଡାଂଶ, ମଶା, କୀଟ ଆଦି ଉତ୍ପନ୍ନ ହୋଇ ଅଳ୍ପ ସମୟ ପରେ କାଳ କବଳିତ ହୁଅନ୍ତି । ଅସଂଖ୍ୟ ଧନୁର୍ଦ୍ଧାରୀ, ଶୂରବୀର, ଅନେକ ଚକ୍ରବର୍ତ୍ତୀ ସମ୍ରାଟ ଇନ୍ଦ୍ରଦ୍ୟୁମ୍ନ, ହରିଶ୍ଚନ୍ଦ୍ର, ଅମ୍ବରୀଷ, ଯଯାତି, ଭରତ ଆଦି ସବୁ ନିଜ ବାନ୍ଧବଙ୍କ ସହିତ ଦେଖୁ ଦେଖୁ ଏହି ଲୋକର ମହାନ ଐଶ୍ୱର୍ଯ୍ୟକୁ ତ୍ୟାଗ କରି ଅକସ୍ମାତ ଶରୀର ତ୍ୟାଗ କରି ପରଲୋକକୁ ପ୍ରୟାଣ କରିଛନ୍ତି ।

ହେ ମୁନି ଶ୍ରେଷ୍ଠ ! କେବଳ ମନୁଷ୍ୟ ନୁହଁନ୍ତି ବରଂ ଅସୁର, ଗନ୍ଧର୍ବ, ଯକ୍ଷ, ରାକ୍ଷସ, ଭୂତ ସମୁଦାୟ, ପିଶାଚ, ସର୍ପ, ଗ୍ରହ ଓ ଉପଗ୍ରହ ଆଦିଙ୍କୁ ମଧ୍ୟ ଆମେ ବିନଷ୍ଟ ହେବାର ଦେଖୁଛୁ । ବଡ଼ ବଡ଼ ସାଗର ମଧ୍ୟ ଶୁଷ୍କ ହୋଇଯାଏ, ପର୍ବତ ଶୃଙ୍ଖଳା ବିଶୃଙ୍ଖଳିତ ହୋଇଯାଏ, ଧ୍ରୁବ ପ୍ରଦେଶ ମଧ୍ୟ ନିଜ ସ୍ଥାନରେ କେନ୍ଦ୍ରିତ ହୋଇ ରହିପାରେ ନାହିଁ । ବୃକ୍ଷ ଧରାଶାୟୀ ହୋଇଯାଏ, ପୃଥିବୀ ମଧ୍ୟ ନିଜ ସ୍ଥାନରେ ସ୍ଥିର ହୋଇ ରହିପାରେ ନାହିଁ, ସମସ୍ତ ଦେବଗଣ ନିଜ ପଦରୁ ଚ୍ୟୁତ ହେବାର ଦେଖାଯାଏ । ତେବେ ଏପରି ସ୍ଥିତିରେ ଏହି ଅହଂକାର ଯୁକ୍ତ ନଶ୍ୱର ସଂସାରରେ ବିଷୟ ବାସନା ଭୋଗର ଆସକ୍ତ ରହୁଥିବା ମନୁଷ୍ୟ ବାରମ୍ବାର ଏହି ନଶ୍ୱର ଜଗତରେ ଜନ୍ମମରଣ ଚକ୍ରରେ ଆବଦ୍ଧ ହେବାଭଳି ଦେଖାଯାନ୍ତି । ଏହି କାରଣରୁ ହେ ମୁନି ଶ୍ରେଷ୍ଠ ! ଏହି ଅଜ୍ଞାନ ଅନ୍ଧକାର ରୂପୀ କୂପରେ ରହୁଥିବା ମଣ୍ଡୁକ ଭଳି ଏହି ନଶ୍ୱର ଜଗତରେ ମୁଁ ମଧ୍ୟ ପତିତ ଅବସ୍ଥାରେ ଅଛି । କୃପା କରି ଆପଣ ମୋତେ ଗତି ପ୍ରଦାନ କରନ୍ତୁ ଅର୍ଥାତ ମୋତେ ଉଦ୍ଧାର କରନ୍ତୁ । ମୁଁ ଆପଣଙ୍କ ଶରଣାପନ୍ନ । ଆପଣ ହିଁ ମୋର ଏକମାତ୍ର ଆଧାର ।

ରାଜା ବୃହଦ୍ରଥଙ୍କ କଥା ଶୁଣି ମୁନି ଶ୍ରେଷ୍ଠ ଶାକାୟନ୍ୟ ଅତି ପ୍ରସନ୍ନ ହୋଇ କହିଲେ, ହେ ମହାରାଜ ବୃହଦ୍ରଥ ! ତୁମେ ଇକ୍ଷ୍ୱାକୁ ବଂଶରେ ଉତ୍ପନ ନରେଶ ଧ୍ୱଜଶୀର୍ଷଙ୍କ ପୁତ୍ର । ତୁମେ ସବୁ ପ୍ରକାର କୃତକୃତ୍ୟ ହୋଇ 'ମରୁତ' ନାମରେ ପ୍ରଖ୍ୟାତ । ଏହି ଆତ୍ମା କ'ଣ ଏବଂ କିପରି ? ମୁଁ ଏବେ ତୁମକୁ ଏହାର ସାରତତ୍ତ୍ୱ କରିବାର ପ୍ରୟାସ କରିବି । ହେ ରାଜନ ! ବାହ୍ୟ ଇନ୍ଦ୍ରିୟଗୁଡିକୁ ଅନ୍ତର୍ମୁଖୀ କଲେ ପ୍ରାଣ ତତ୍ତ୍ୱରୂପୀ ଏହି ଆତ୍ମା ଯୋଗ ମାଧ୍ୟମରେ ଊର୍ଦ୍ଧ୍ୱ ଦିଗରେ ଗମନ କରେ । ତାହା ଦୁଃଖ ରୂପ ପ୍ରତିଭାସିତ ହେଲେ ସୁଦ୍ଧା ଦୁଃଖ ରହିତ ତଥା ଅଜ୍ଞାନ ରୂପୀ ଅନ୍ଧକାରକୁ ବିନଷ୍ଟ କରିବା ପାଇଁ ସମର୍ଥ । ଏହି ଆତ୍ମା ଏହି ନଶ୍ୱର ଶରୀରରୁ ବହିର୍ଗମନ କରିବା ପରେ ପରମ ଜ୍ୟୋତି ସ୍ୱରୂପ ପରମାତ୍ମା ତତ୍ତ୍ୱକୁ ବରଣ କରି ସ୍ୱୟଂମେବ ନିଜ ସ୍ୱରୂପରେ ବିଲୀନ ହୋଇଯାଏ । ଏହି ଆତ୍ମତତ୍ତ୍ୱ ଅମୃତଯୁକ୍ତ, ଭୟ ରହିତ ତଥା ସ୍ୱୟଂ ବ୍ରହ୍ମରୂପ ।

*ପ୍ରାନ୍ତ ପ୍ରଶିକ୍ଷଣ ସଂଯୋଜକ,*
*ଶି.ବି.ସ. ଓଡ଼ିଶା*

ଅଧିକେ ସଂସାର ସଙ୍ଗତେ । ପୀରତି ନ କରିବ ଚିତ୍ତେ ।।

**ଆମ ପରମ୍ପରା**

# ତ୍ରିବେଣୀ ଅମାବାସ୍ୟା

*କନକବାଳା ରାଉତରାୟ*

ସନାତନ ଧର୍ମର ଦେଶ, ତ୍ୟାଗ, ପ୍ରେମ ଶାନ୍ତି ଓ ମୈତ୍ରୀର ଦେଶ, ଋଷିମୁନିମାନଙ୍କର ଜନ୍ମଭୂମି ଯାହାର ସମସ୍ତ ବାତାବରଣ ଆଧ୍ୟାତ୍ମିକତାରେ ସ୍ପନ୍ଦିତ । ଏହି ସେହି ପୁଣ୍ୟଭୂମି ଆମର ମାତୃଭୂମି ଭାରତବର୍ଷ । ଧର୍ମ, ନୀତିଶାସ୍ତ୍ର, ଆଧ୍ୟାତ୍ମିକତା ଯାହା କିଛି ମନୁଷ୍ୟକୁ ପଶୁତ୍ୱର ଆବରଣରୁ ମୁକ୍ତ କରି ଦେବତ୍ୱର ସନ୍ଧାନ ଦିଏ । ବାରମାସରେ ତେର ପର୍ବ ହିନ୍ଦୁ ସମାଜରେ ପ୍ରଚଳିତ । ପୂର୍ଣ୍ଣିମା, ଅମାବାସ୍ୟା, ସଂକ୍ରାନ୍ତି ଏବଂ ଅନ୍ୟାନ୍ୟ ତିଥି ବାରକୁ ନେଇ ଉତ୍ସବ ମୁଖରିତ ହୋଇ ଉଠେ । ଓଷା, ବ୍ରତ ଓ ପର୍ବପର୍ବାଣିର ନାମ ଧରି ପୁଣ୍ୟ ମାସ ମାଘ ମାସର ଅମାବାସ୍ୟା ତିଥିକୁ ତ୍ରିବେଣୀ ଅମାବାସ୍ୟା ରୂପେ ପାଳନ କରାଯାଏ । ଶ୍ରବଣା ନକ୍ଷତ୍ରଯୁକ୍ତ ମକର ଚନ୍ଦ୍ରରେ ଯାଜପୁରରେ ମା'ବିରଜା ଦେବୀଙ୍କର ସ୍ୱନକ୍ଷତ୍ର ଜନ୍ମୋତ୍ସବ ପାଳନ କରାଯାଏ ।

ଆମ ଓଡିଶାର ଯାଜପୁର ଜିଲ୍ଲାର ମଧ୍ୟ ଭାଗରେ ମା' ବିରଜାଙ୍କ ପ୍ରସିଦ୍ଧ ମନ୍ଦିର ବୈତରଣୀ ନଦୀ ନିକଟରେ ଅବସ୍ଥିତ । ଏହି ମନ୍ଦିରଟି ସାରା ଭାରତରେ ପ୍ରାଚୀନ ମନ୍ଦିର ଭାବେ ପରିଚିତ । ଏହି ମନ୍ଦିରର ଦେବୀ ଦୁଇଭୁଜା ଦୁର୍ଗା ରୂପେ ପୂଜା ପାଆନ୍ତି । ମା' ବିରଜା ଦେବୀଙ୍କର ଗୋଟିଏ ହାତରେ ତ୍ରିଶୂଳ ଓ ଅନ୍ୟ ହାତରେ ମଇଁଷି ରୂପରେ ଥିବା ମହିଷାସୁର ଲାଞ୍ଜି ଦେଖିବାକୁ ମିଳିଥାଏ । ଏହା ଅନ୍ୟ କୌଣସି ମନ୍ଦିରରେ ଦେଖାଯାଏ ନାହିଁ । ମା' ବିରଜାଙ୍କ ମୁକୁଟରେ ଗଣପତି, ଶିବଲିଙ୍ଗ, ଯୋନି, ନାଗରାଜ ଏବଂ ଅର୍ଦ୍ଧଚନ୍ଦ୍ର ଧାରଣ କରିଛନ୍ତି । ଇତିହାସ ଅନୁସାରେ ସର୍ବ ପ୍ରାଚୀନ ନୁହେଁ, ସର୍ବ ପ୍ରଥମ ମା' ଦୁର୍ଗା ।

ମୂର୍ତ୍ତି ହେଉଛନ୍ତି ମା' ବିରଜା । ବ୍ୟାସଦେବଙ୍କ ମହାଭାରତରେ କୌଣସି ତୀର୍ଥସ୍ଥାନ ବିଷୟରେ ବର୍ଣ୍ଣନା କରା ଯାଇନାହିଁ, କେବଳ ଓଡ଼ିଶାର ଯାଜପୁର ବିରଜା କ୍ଷେତ୍ରର ପ୍ରଶଂସା ବର୍ଣ୍ଣନା କରାଯାଇଅଛି ।

ଏହି ମନ୍ଦିର ତ୍ରୟୋଦଶ ଶତାବ୍ଦୀର ହେଲେ ବି ଏହି ପୀଠଟି ଗୁପ୍ତଯୁଗର ବୋଲି ଅନେକ ଗବେଷକ ମତ ଦେଇଛନ୍ତି । ମା' ବିରଜାଙ୍କ ମନ୍ଦିରର ଉଚ୍ଚତା ୩୫ ଫୁଟ । ମନ୍ଦିର ବେଢ଼ାର କ୍ଷେତ୍ରଫଳ ୩୦୦ ବର୍ଗଫୁଟ । ଏହାର ଅନ୍ୟନାମ ନାଭିଗୟା କ୍ଷେତ୍ର । ମାଘ ଅମାବାସ୍ୟା ଶ୍ରବଣା ନକ୍ଷତ୍ରଯୁକ୍ତ ମକର ଚନ୍ଦ୍ରରେ ମା' ବିରଜା ବ୍ରହ୍ମାଙ୍କ ଯଜ୍ଞରୁ ଜନ୍ମଲାଭ କରିଥିଲେ । ଉକ୍ତ ଦିନ ମା' ସାବିତ୍ରୀ ବେଶରେ ପୂଜା ପାଆନ୍ତି ।

ପୌରାଣିକ ଭିତ୍ତିଭୂମି : ଦେବତା ଓ ଅସୁରମାନଙ୍କ ମଧ୍ୟରେ ବାର ଦିନ ଧରି ଯୁଦ୍ଧ ଚାଲିଥିଲା ଯାହା ମର୍ତ୍ତ୍ୟରେ ବାରବର୍ଷ । ସୃଷ୍ଟିରକ୍ଷା ଓ ଅସୁରମାନଙ୍କ ବିନାଶ ପାଇଁ ବ୍ରହ୍ମାଙ୍କ ଯଜ୍ଞରୁ ମା' ବିରଜା ଏହି ମାଘ ଅମାବାସ୍ୟା ଦିନ ପ୍ରକଟ ହୋଇଥିଲେ । ସେହି ଦିନ ଠାରୁ ମା'ଙ୍କ ସ୍ୱନକ୍ଷତ୍ର ଜନ୍ମୋତ୍ସବ ପାଳନ କରାଯାଏ ଯାହା ତ୍ରିବେଣୀ ଅମାବାସ୍ୟା ରୂପେ ଜଣାଶୁଣା । ଅନେକ ପୌରାଣିକ (ଶିବପୁରାଣ) ମତ ଅନୁଯାୟୀ ବ୍ରହ୍ମା, ବିଷ୍ଣୁଙ୍କର ଆତ୍ମ ପ୍ରତିଷ୍ଠାକୁ ପ୍ରତିପାଦିତ କରିବା ପାଇଁ ଶିବଙ୍କର ମସ୍ତକରେ ଥିବା କେତକୀକୁ ବ୍ରହ୍ମା ଆଣିଛନ୍ତି ବୋଲି ମିଛ କହିଥିଲେ । ମହାପ୍ରଭୁ ରୁଦ୍ର ବ୍ରହ୍ମାଙ୍କର ଏହି କପଟତାକୁ ଜାଣିପାରିଥିଲେ । ବ୍ରହ୍ମାଙ୍କୁ ଅପୂଜ୍ୟ ପାଇଁ ଶାପ ଦେଇଥିଲେ । ଯଦି ବ୍ରହ୍ମା ଯଜ୍ଞରେ ନାରାୟଣଙ୍କୁ ତୁଷ୍ଟ କଲେ ତେବେ ଶାପରୁ ମୁକ୍ତ ହେବେ ବୋଲି ଦେବ ଦେବ ମହାଦେବ କହିଥିଲେ । ଚତୁର୍ଦ୍ଧା ମୂରତି ବ୍ରହ୍ମା ରୁଦ୍ର ଶାପରୁ ମୁକ୍ତି ନିମନ୍ତେ ବୈତରଣୀ ତଟଦେଶରେ ବିଶାଳ ଯଜ୍ଞର ଆୟୋଜନ କରିଥିଲେ । ଏହି ଯଜ୍ଞରେ ମା' ପାର୍ବତୀ ଈଶାନେଶ୍ୱର ଓ ଯଜ୍ଞ ନାରାୟଣ ବରାହଙ୍କ ଆତ୍ମପ୍ରକାଶ ପରେ ମା' ବିରଜା ରୂପରେ ଆତ୍ମପ୍ରକାଶ କରିଥିଲେ । ବ୍ରହ୍ମାଙ୍କ ଗାଢ଼ ପ୍ରତ୍ୟୟ ଯଜ୍ଞରେ ଶକ୍ତିସ୍ୱରୂପିଣୀ ମା'ବିରଜା ଆତ୍ମପ୍ରକାଶ କରିଥିଲେ ଓ ବ୍ରହ୍ମାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ସେହି ବୈତରଣୀ ନଦୀର ତଟଦେଶରେ ଚିରନିବାସ କରି ଶାକ୍ତପୀଠରେ ପ୍ରତିପାଦିତ କରିଥିଲେ ଓ ସେ ନିଜେ ନିଜର ନାମକରଣ କରିଥିଲେ । ତାଙ୍କ ଶରୀରରୁ ଅଷ୍ଟଚଣ୍ଡୀ ଅଷ୍ଟ ଭୈରବୀଙ୍କୁ ଆବିର୍ଭାବ କରାଇଥିଲେ । ନିଜେ ନିଜର ନାମ ବିରଜା ରଖି ତାଙ୍କୁ ଆରାଧନା କରିବା ପାଇଁ କହିଥିଲେ ।

ଐତିହାସିକ ମତ : ଐତିହାସିକ ଘଟଣାବଳୀ ଅନୁଯାୟୀ ଦଶମ ଶତାବ୍ଦୀର ରାଜା ଯଯାତିକେଶରୀ ବୌଦ୍ଧପୀଠ ଯାଜପୁରକୁ ବୌଦ୍ଧ ପ୍ରାବଲ୍ୟରୁ ମୁକ୍ତ କରିବା ପାଇଁ ଦଶାଶ୍ୱମେଧ ଯଜ୍ଞ କରିଥିଲେ । ମା'ଙ୍କୁ ବ୍ରାହ୍ମଣ୍ୟ ସଂସ୍କୃତିର ମୂଳମନ୍ତ୍ରରେ ପୂଜା କରି ବୈତରଣୀ ଗଙ୍ଗାଜଳରେ ଅଭିଷେକ କରି ଯଜ୍ଞବେଦୀର ରତ୍ନ ସିଂହାସନରେ ଅଭିଷିକ୍ତ କରାଇଥିଲେ । ଏହି ସ୍ୱନକ୍ଷତ୍ର ଦିନ ମା' ବିରଜା ଚତୁର୍ଦ୍ଧା ମୂରତି ଦୁର୍ଗାଙ୍କୁ ଷୋଡଶ ଉପଚାରରେ ଦଶଭୁଜା ସାବିତ୍ରୀ ବେଶରେ ଗାୟତ୍ରୀ ମନ୍ତ୍ରରେ ପୂଜା କରାଯାଏ ଓ ବିଭିନ୍ନ ମିଷ୍ଟାନ୍ନ ଓ ଅନ୍ନଭୋଗ କରାଯାଏ ।

**ଯେବେ କରିବ ସ୍ନେହ ଆଶ । କପୋତ ପ୍ରାୟ ଯିବ ନାଶ ।।**

ପଶ୍ଚିମ ଓଡିଶାରେ ତ୍ରିବେଣୀ ଅମାବାସ୍ୟାକୁ ଭିନ୍ନ ରୂପରେ ପାଳନ କରାଯାଏ । ଉକ୍ତ ଦିନ ବିବାହିତ ସ୍ତ୍ରୀଲୋକମାନେ ସ୍ୱାମୀ ମାନଙ୍କର ଦୀର୍ଘ ଜୀବନର କାମନା ପାଇଁ ଭକ୍ତି ସହକାରେ ପୂଜା କରିଥାନ୍ତି । ସେମାନେ ଉପବାସ, ବ୍ରତ କରି ତୁଳସୀ, ପିପ୍ପଳୀ ବଟ ବୃକ୍ଷ ଓ ଶିବପାର୍ବତୀଙ୍କୁ ପୂଜା କରିଥାନ୍ତି । ଏହି ବ୍ରତ ସାବିତ୍ରୀ ବ୍ରତ ପରି ପାଳନ କରାଯାଏ ।

ପୌରାଣିକ ମତ ଅନୁଯାୟୀ ଅବନ୍ତୀର ରାଜା ଚନ୍ଦ୍ରଧ୍ୱଜଙ୍କର ବହୁ ପ୍ରାର୍ଥନା ପରେ ଏକ କନ୍ୟା ଜାତ ହୋଇଥିଲା । ରାଜକୁମାରୀ ଚନ୍ଦ୍ରକାନ୍ତି ସୁନ୍ଦରୀ, ବୁଦ୍ଧିମତୀ ଓ ଜ୍ଞାନବତୀ ଥିଲେ । ସେ ଅଙ୍ଗରାଜ ବିଜୟକେତୁଙ୍କ ପୁତ୍ର ବଜ୍ରବାହୁଙ୍କୁ ସ୍ୱପ୍ନରେ ଦେଖି ବିବାହ କରିବା ପାଇଁ ସ୍ଥିର କରିଥିଲେ । ପିତା ଚନ୍ଦ୍ରଧ୍ୱଜ ପରେ ଜାଣିପାରିଲେ ବଜ୍ରବାହୁର ବୟସ ଆଉ ଏକ ବର୍ଷ । ଏହା ଜାଣି ମଧ ଚନ୍ଦ୍ରକାନ୍ତି ପିତାଙ୍କ ଅନିଚ୍ଛା ସତ୍ତ୍ୱେ ବଜ୍ରବାହୁଙ୍କୁ ବିବାହ କରିଥିଲେ ଏବଂ ସୁଖରେ ଜୀବନଯାପନ କରିଥିଲେ । ଏକଦା ରାଜା ବଜ୍ରବାହୁ ତ୍ରିବେଣୀ ସଙ୍ଗମ ଦର୍ଶନ ପରେ ନିଜକୁ ଅସୁସ୍ଥ ମନେ କଲେ । ରାଣୀ ଚନ୍ଦ୍ରକାନ୍ତି ସ୍ୱାମୀଙ୍କର ମୃତ୍ୟୁଦିନ ଆସିଗଲା ବୋଲି ଜାଣିପାରିଲେ । ତେଣୁ ସେ ଚିନ୍ତା କଲେ ତ୍ରିବେଣୀ ସଙ୍ଗମ ଠାରେ ନିଜକୁ ସମର୍ପଣ କରିଦେବେ । ସେ ନଦୀଗର୍ଭକୁ ଲମ୍ଫ ପ୍ରଦାନ କରିବା ସମୟରେ ତିନି ଦେବୀ ଗଙ୍ଗା, ଯମୁନା, ସରସ୍ୱତୀ ତାଙ୍କୁ ଦର୍ଶନ ଦେଇ ତାଙ୍କ ସ୍ୱାମୀ ସୁସ୍ଥ ହେବେ ବୋଲି ବରଦାନ ଦେଲେ ଓ ତାଙ୍କୁ ପ୍ରତିବର୍ଷ ଏହି ଦିନ ତ୍ରିବେଣୀ ଅମାବାସ୍ୟା ବ୍ରତ ରଖିବା ପାଇଁ କହିଲେ । ଉକ୍ତ ଦିନ ସଧବା ସ୍ତ୍ରୀଲୋକମାନେ ତୁଳସୀ, ପିପ୍ପଳୀ ଓ ବଟବୃକ୍ଷକୁ ପାଖାପାଖି ଲଗାଇ, ନୂତନ ବସ୍ତ୍ର ପରିଧାନ କରି ଏହି ବୃକ୍ଷଙ୍କୁ ହରିଦ୍ରାକ୍ଷରେ ସଜାଇ ସାତ ପ୍ରକାରର ଫୁଲ, ଫଳ ଦେଇ ପୂଜା କରନ୍ତି । ସେହି ଦିନ ଠାରୁ ପଶ୍ଚିମ ଓଡ଼ିଶାରେ ତ୍ରିବେଣୀ ଅମାବାସ୍ୟା ବ୍ରତ ଏହି ରୂପରେ ପାଳିତ ହୋଇ ଆସୁଅଛି ।

ଅନ୍ୟ ଏକ ପୌରାଣିକ ମତବାଦ ଅନୁଯାୟୀ ତ୍ରିନଦୀ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସଙ୍ଗମ ସ୍ଥଳକୁ ତ୍ରିବେଣୀ ସଙ୍ଗମ କୁହାଯାଏ । ମାଘ ଅମାବାସ୍ୟା ଦିନ ସେଠାରେ କୁମ୍ଭମେଳା ଅନୁଷ୍ଠିତ ହୁଏ । କୁମ୍ଭ ଶବ୍ଦର ଅର୍ଥ ଘଟ । ଘଟର ଅର୍ଥ ସକଳ ବିଶ୍ୱ ଓ ଦେହର ପ୍ରତୀକ ମଧ ଘଟ । ସମୁଦ୍ର ମନ୍ଥନ ସମୟରେ ସମୁଦ୍ରରୁ ଚଉଦଟି ରତ୍ନ ମିଳିଥିଲା । ସେଥି ମଧ୍ୟରୁ ଧନ୍ୱନ୍ତରୀ ଏକ ଅମୃତ ଘଟ ଧରି ବାହାରିଥିଲେ । ତାଙ୍କ ଠାରୁ ଜୟନ୍ତ ଏହି ଅମୃତ ଘଟକୁ ନେଇ ପଳାୟନ କରିବା ସମୟରେ ଦାନବ ଓ ଦେବତାମାନେ ତାଙ୍କ ପଛରେ ଗୋଡାଇଲେ । ଜୟନ୍ତ ଯିବା ସମୟରେ ଘଟରୁ ଚାରିବୁନ୍ଦା ଅମୃତ ମର୍ତ୍ତ୍ୟ ମଣ୍ଡଳରେ ପଡ଼ିଯାଇଥିଲା । ସେହି ସ୍ଥାନ ହେଲା ହରିଦ୍ୱାର, ନାସିକ, ପ୍ରୟାଗ ଓ ଉଜ୍ଜୟିନୀ । ସେହି ଚାରୋଟି ସ୍ଥାନ ଚାରୋଟି ତୀର୍ଥସ୍ଥାନରେ ପରିଣତ ହେଲା ଓ ସେଠାରେ କୁମ୍ଭମେଳା ହେଲା ।

ବାରବର୍ଷରେ ଥରେ କୁମ୍ଭରାଶିରେ ବୃହସ୍ପତିଙ୍କ ଯୋଗ ଓ ମେଷରାଶି ସହ ସୂର୍ଯ୍ୟଙ୍କ ସଂଯୋଗ ହେଲେ ହରିଦ୍ୱାର ଠାରେ କୁମ୍ଭମେଳା ଅନୁଷ୍ଠିତ ହୁଏ । ସିଂହ ରାଶିରେ ବୃହସ୍ପତିଙ୍କ ଯୋଗ ଓ ମେଷ ରାଶିରେ ସୂର୍ଯ୍ୟଙ୍କ ସଂଯୋଗ ହେଲେ ନାସିକଠାରେ କୁମ୍ଭମେଳା ଅନୁଷ୍ଠିତ ହୁଏ । ବୃଷ ରାଶି ସହ ବୃହସ୍ପତି ଯୋଗ ହେଲେ ତୀର୍ଥରାଜ ପ୍ରୟାଗ ଠାରେ କୁମ୍ଭମେଳା ଅନୁଷ୍ଠିତ ହୁଏ । ଏତଦ୍‌ବ୍ୟତୀତ ମାଘ ମାସର ପୁଣ୍ୟ ଅମାବାସ୍ୟା ତିଥିରେ ବୃହସ୍ପତି ସହ ବୃଷ ରାଶିର ଯୋଗ ଓ ସୂର୍ଯ୍ୟ, ଚନ୍ଦ୍ର ମକରଠାରେ ଥିଲେ ମହାକୁମ୍ଭ ମେଳା ପ୍ରୟାଗଠାରେ ଅନୁଷ୍ଠିତ ହୁଏ ।

ଏହି କୁମ୍ଭମେଳାରେ ହଜାର ହଜାର ସାଧୁସନ୍ଥ ବୁଡ଼ ପକାନ୍ତି । ବର୍ଣ୍ଣିତ ଅଛି ଯେଉଁମାନେ କୁମ୍ଭମେଳାରେ ବୁଡ଼ ପକାନ୍ତି, ଜନ୍ମ ଜନ୍ମାନ୍ତରର ପାପ ଦୂରେଇ ଯାଏ । ମୃତ୍ୟୁ ପରେ ପୁନର୍ଜନ୍ମ ହୁଏ ନାହିଁ । ପ୍ରୟାଗର ଅକ୍ଷୟବଟ ଦର୍ଶନ କଲେ ବ୍ରହ୍ମହତ୍ୟା ପାପ ଖଣ୍ଡନ ହୁଏ ଓ ମାଧବଙ୍କୁ ଦର୍ଶନ କଲେ ମହାପାତକରୁ ମୁକ୍ତି ମିଳେ । ଯେତେ ବଡ ପାପୀ ହେଲେ ମଧ ଚତୁର୍ଭୁଜ ହୋଇ ବୈକୁଣ୍ଠରେ ବସେ । ଏହି କୁମ୍ଭମେଳାରେ ଲୋକମାନେ ତିଳଲଡୁ ଓ କମ୍ବଳ ସାଧୁସନ୍ଥମାନଙ୍କୁ ଦାନ କରି ବହୁ ପୁଣ୍ୟ ଅର୍ଜନ କରିଥାନ୍ତି ବୋଲି ଶାସ୍ତ୍ରରେ ବର୍ଣ୍ଣିତ ଅଛି । ଶଗର ବଂଶକୁ ଉଦ୍ଧାର କରିବା ପାଇଁ ଭଗୀରଥଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଗଙ୍ଗାମାତା ମର୍ତ୍ତ୍ୟକୁ ଆସିଥିଲେ । ବିଷ୍ଣୁଙ୍କ ପାଦରୁ ବାହାରି ଶିବଙ୍କର ମସ୍ତକ ଦେଇ ପୃଥିବୀ ପୃଷ୍ଠରେ ପ୍ରବାହିତ ହୋଇଥିଲେ । ସେହି ଦିନ ଠାରୁ ଗଙ୍ଗା, ଯମୁନା ସରସ୍ୱତୀ ନଦୀଙ୍କର ପ୍ରୟାଗଠାରେ ସଙ୍ଗମ ହୋଇଥିଲା ।

ଭାରତର ପର୍ବପର୍ବାଣିଗୁଡିକରେ ବହୁ ଅର୍ଥ ନିହିତ ରହି ଅଛି । ଭାରତର ବିଶିଷ୍ଟ ବ୍ୟକ୍ତିମାନେ ଏହି ପର୍ବପର୍ବାଣିଗୁଡିକ ଉପରେ ଗବେଷଣା କଲେ ବହୁତ ବୈଜ୍ଞାନିକ ତଥ୍ୟ ଆବିଷ୍କୃତ ହୋଇ ପାରନ୍ତା । ଉତ୍କୃଷ୍ଟ ସାମାଜିକ ଜୀବନ ଓ ପାରିବାରିକ ଜୀବନ ପାଇଁ ଏଗୁଡିକରେ ଯେଉଁ ମହାନ ଆଦର୍ଶମାନ ଲୁକ୍କାୟିତ ହୋଇ ରହିଅଛି ତାହା ଅଭିନନ୍ଦନୀୟ । ଭାରତୀୟ ଗବେଷକମାନେ ଏହି ଦିଗମାନଙ୍କ ପ୍ରତି ଆଗଭର ହେବା ପାଇଁ ଧାନ ଦେବା ଉଚିତ ।

*ଆଚାର୍ଯ୍ୟା*

*ସ.ଶି.ବି.ମ., ବନ୍ତ*

**ଆହାରେ ଭଲ ମନ୍ଦ ନାହିଁ । ଯେ ସ୍ଥାନେ ଯେମନ୍ତ ମିଳଇ ॥**

**ପୁରାଣ ପୃଷ୍ଠାରୁ**

# ମାତୃ ଦେବୋଭବ ପିତୃ ଦେବୋଭବ

*ଦେବରାଜ ତ୍ରିପାଠୀ*

ଶ୍ରୀକୃଷ୍ଣଙ୍କ ମଥୁରାଗମନ ଅନେକବର୍ଷ ଅତିବାହିତ ହୋଇଯାଇଛି । ବୃନ୍ଦାବନ ଆଜି ଜନଶୂନ୍ୟ । ମରୁବାଲି ସମ ଯମୁନା ତଟ ଯମୁନାର ଫେନୀଳ ଉର୍ମିର ଖାଲି ଘୋ ଘୋ ଶବ୍ଦ । ଗୋ-ଗୋଷ୍ଠର ଧୂଳି ଧୂସରିତ ସନ୍ଧ୍ୟା ଆଜି ଫିକା ଫିକା । ଗୋପର ପ୍ରତି ଜନମାନସରେ କୃଷ୍ଣନାମ । ଯଶୋଦାଙ୍କ ନୟନ ଯମୁନାରେ ଅଶ୍ରୁବନ୍ୟା ଆଉ ନନ୍ଦବାବାଙ୍କ ଚକ୍ଷୁ ଯୁଗଳ କୋଟରାଭିମୁଖୀ । ବାହୁନି ହେଉଛି ଯଶୋଦାଙ୍କ ମାତୃତ୍ୱ ।

ଦେବର୍ଷି ନାରଦ ଆସିଛନ୍ତି ଗୋପପୁର । ଗୋପ ଗୋପାଙ୍ଗନା, ନନ୍ଦ ଯଶୋଦା ଗୋପପୁରବାସୀ ଘେରି ଯାଇ କୁଶଳ ମଙ୍ଗଳ ପଚାରିଛନ୍ତି । କଥା ପ୍ରସଙ୍ଗରେ ନାରଦ କହୁଛନ୍ତି । ଶ୍ରୀକୃଷ୍ଣ ପ୍ରୟାଗତୀର୍ଥ ତ୍ରିବେଣୀ ସଙ୍ଗମରେ ଯଜ୍ଞ କରୁଛନ୍ତି । ତିନିପୁରରୁ ଅତିଥି ଅଭ୍ୟାଗତ ଆସୁଛନ୍ତି । ଆପଣମାନେ ସେଠିକି ସମସ୍ତେ ନିମନ୍ତ୍ରିତ ତ ? ଆସୁଛନ୍ତି ତ ? ଦେବର୍ଷିଙ୍କ ମୁଖରୁ ପୁତ୍ରର ଏମନ୍ତ ମହତ କାର୍ଯ୍ୟ କରିବା ଜାଣି ମାତାପିତା ମହା ଆନନ୍ଦିତ ହେଉଛନ୍ତି । ଭାବବିହ୍ୱଳହୋଇ କହୁଛନ୍ତି, ଆମ ପୁଅ କରୁଛି ପ୍ରୟାଗରେ ଯଜ୍ଞ । କେତେ ଭାଗ୍ୟ । ଆମର ପୁଅର ପୁଣ୍ୟକର୍ମ ଆମେ ସ୍ୱଚକ୍ଷୁରେ ଦେଖି ନୟନ ପବିତ୍ର କରିବୁ । ଏହା ତ ସୌଭାଗ୍ୟର କଥା । ପୁଅର ଯଜ୍ଞ କାର୍ଯ୍ୟରେ ପିତାମାତାଙ୍କୁ ନିମନ୍ତ୍ରଣ କ'ଣ ଦରକାର ଦେବର୍ଷି ? ଆମେ ନିଶ୍ଚିତ ଯିବୁ ।

ପୁଣ୍ୟତୋୟା ଗଙ୍ଗା, ଯମୁନା, ସରସ୍ୱତୀର ସଙ୍ଗମ ସ୍ଥଳୀ । ତରଙ୍ଗାୟିତ ନଦୀଜଳରେ ମରାଳପନ୍ତି ଜଳବିହାର କରିବାର ମନୋରମ ଦୃଶ୍ୟ ଜନମନ ଆକର୍ଷଣ କରୁଛି । ବିସ୍ତୀର୍ଣ୍ଣ ବେଳାଭୂମିରେ ଦ୍ୱାରିକାଧୀଶ କରୁଛନ୍ତି ଯଜ୍ଞ ଅନୁଷ୍ଠାନ । ଚତୁର୍ଦ୍ଦିଗରୁ ଆସିଛନ୍ତି ଜ୍ଞାତି କୁଟୁମ୍ବ ସମସ୍ତେ । ଋଷିମୁନି ନିଃସୃତ ବେଦଧ୍ୱନି ହୃଦୟକୁ ପାବନ କରୁଛି । ଯଜ୍ଞ ହୋମର ନିର୍ବାପିତ ଅଗ୍ନି ପାଇଁ ଆକାଶ ଧୂମ୍ରାଭ । ବନ୍ଧୁବାନ୍ଧବ, ସଖା ସହୋଦରଙ୍କ ହସରୋଳ ଶ୍ରୀକୃଷ୍ଣଙ୍କୁ କରୁଛନ୍ତି ବିମୋହିତ । ତଥାପି ସ୍ମିତ ହସରେ ଏକ ମ୍ଳାନ ରେଖାପାତ । କାହାକୁ ସତେ ଯେମିତି ନୟନ ଯୁଗଳ ଅନ୍ୱେଷଣ କରୁଛନ୍ତି । କାହା ଚରଣ ଯୁଗଳର ସ୍ୱର୍ଗୀୟ ସୁଖକୁ ଖୋଜୁଛନ୍ତି କଳା କହ୍ନାଇ । ହଠାତ୍ ବାହ୍ୟ କଳରବ ମାଧବଙ୍କୁ ସଚେତନ କଲା ।

ଏକ ଅହେତୁକ ପ୍ରଶ୍ନୋତ୍ତର ଅମିମାଂସିତ ହୋଇପଡ଼ିଛି । ନନ୍ଦ, ଯଶୋଦା, ଗୋପୀ, ଗୋପାଳ ଆଦି ସମ୍ପୂର୍ଣ୍ଣ ଗୋପପୁର ବାସୀ ଉପସ୍ଥିତ । ପୁତ୍ରକୁ ଦେଖିବାର ଦୁର୍ବାର ଆକାଂକ୍ଷା ବାଲ୍ୟ ସଖାର ଚପଳ ସାନିଧ୍ୟ ପାଇଁ ସମସ୍ତେ ବ୍ୟଗ୍ର ହେଉଥିବା ବେଳେ ଅନ୍ୟ ଜନମାନସରେ ଏକ ଅହେତୁକ ପ୍ରଶ୍ନର ଗୁଞ୍ଜରଣ ପରିବେଶକୁ ଅତିଷ୍ଠ କରୁଛି । ଶ୍ରୀକୃଷ୍ଣ କାହାର ପୁତ୍ର ଯଶୋଦାର ନା ଦେବକୀର ? ଅଛିଣ୍ଡା ତର୍କ । ଶେଷରେ ସ୍ଥିର ହେଲା । ଦୁହେଁ ତ ମା' ହେଲେ ଶ୍ରୀକୃଷ୍ଣ, ଏବେ ଯାହା ଠାରୁ ସ୍ତନ୍ୟପାନ କରିପାରିବେ ସେ ହିଁ ପ୍ରକୃତରେ ବଡ ।

ଧାଇଁ ଆସିଲେ ଶ୍ରୀକୃଷ୍ଣ । ମାତୃବନ୍ଦନ ପାଇଁ ଚକ୍ଷୁ ବାରି ମାତୃଚରଣ ପ୍ରକ୍ଷାଳନ କଲା । ମାତୃହୃଦୟରୁ ଭାବର ଉଚ୍ଛ୍ୱାସ ବିତରିତ ହେବାରେ ଲାଗିଲା । ଆବେଗରେ ମାତୃସ୍ତନରୁ ନିର୍ଗତ ହେଲା ଆଶିଷର ଧାରା । ଯଶୋଦାଙ୍କ ଆଖିରେ ଶ୍ରାବଣର ଧାରା । ସତେ ଯେମିତି ତାଙ୍କ କୋଳରେ ବାଳକୃଷ୍ଣ । ନନ୍ଦବାବାଙ୍କର ଛାତିରେ ବିଶ୍ୱନିଅନ୍ତାଙ୍କ ମସ୍ତକ ଅନୁଭବ କରୁଥିଲା ଅସୀମ ଆନନ୍ଦ । ଏକ ଭାବବିହ୍ୱଳ ପରିବେଶ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା । ମାତୃବନ୍ଦନ ଜୟକାର ହେଉଥିଲା । 'ମାତୃ ଦେବୋଭବ ପିତୃ ଦେବୋଭବ'ର ଭାବନା ସମସ୍ତଙ୍କୁ ଆହ୍ଲାଦିତ କରୁଥିଲା ଆଉ ଶୁଭୁଥିଲା ଧନ୍ୟ ଧନ୍ୟ ସେଇ ସନ୍ତାନ ଯିଏ ମାତୃପିତୃ ସେବା ପାଇଁ ନ୍ୟୋଛାବର କରେ ଜୀବନକୁ ।

*ପ୍ରତିନିଧି, ଶିକ୍ଷାସୃଜନୀ ପଶ୍ଚିମ ସମ୍ଭାଗ*

ସନ୍ତୋଷେ କରଇ ଆହାର । ଏଣେ ବିଚାର ନାହିଁ ମୋର ।।

# ମୌନୀ ଅମାବାସ୍ୟା

ଶ୍ରୀ ଅଶ୍ୱିନୀକୁମାର ନାୟକ

ଜନ୍ମଭୂମି ଭାରତବର୍ଷର ଅଧିବାସୀ ଗଣ ସ୍ୱଭାବତଃ ଧର୍ମ ପରାୟଣ । ଏଣୁ ଧାର୍ମିକ ଚେତନାକୁ ସଂଯୋଜିତ କରି ରଚିଛନ୍ତି ବାରମାସରେ ତେରପର୍ବ । ତହିଁରୁ ଉତ୍କଳ ବାଦ ଯିବ କାହିଁକି ? ଉତ୍କଳୀୟ ମାନଙ୍କର ଈଶ୍ୱର ବିଶ୍ୱାସ ଅସ୍ଥିମଜ୍ଜାଗତ । ଈଶ୍ୱର ବିଶ୍ୱାସରୁ ହିଁ ପର୍ବପର୍ବାଣିର ସୃଷ୍ଟି । ଏବେ ଆମେ ମାଘ ମାସର ଅମାବାସ୍ୟା ତିଥି ଅର୍ଥାତ୍ ତ୍ରିବେଣୀ ଅମାବାସ୍ୟା ଓ ମୌନୀ ଅମାବାସ୍ୟା ସମ୍ବନ୍ଧରେ ଆଲୋଚନା କରିବା । ଏହିଦିନ ତ୍ରିବେଣୀ ସଂଗମ ଠାରେ କୁମ୍ଭମେଳା ଅନୁଷ୍ଠିତ ହୁଏ । ସାଧୁସନ୍ଥମାନେ ମୌନବ୍ରତ ଧାରଣ କରନ୍ତି । ଭକ୍ତମାନେ ସାଧୁସନ୍ଥଙ୍କୁ ଶୀତବସ୍ତ୍ର ବାଣ୍ଟନ୍ତି, ତିଳ ଓ ଲଡୁ ମଧ୍ୟ ବାଣ୍ଟିଥାନ୍ତି । ଗଙ୍ଗା, ଗୀତା, ଗାୟତ୍ରୀ ଓ ଗୋବିନ୍ଦଙ୍କୁ ହୃଦୟରେ ସ୍ଥାପିଥାନ୍ତି । ତ୍ରିବେଣୀ ସଂଗମ (ପ୍ରୟାଗରାଜ) ଠାରେ ସ୍ନାନ କରି ଅକ୍ଷୟବଟ ଦର୍ଶନ କରନ୍ତି । ଏପରି କଲେ ବ୍ରହ୍ମହତ୍ୟା ପାପ ମଧ୍ୟ ଖଣ୍ଡନ ହୋଇଯାଏ ବୋଲି କିମ୍ବଦନ୍ତୀ ଅଛି । ହରିଦ୍ୱାର, ଉଜ୍ଜୟିନୀ, ନାସିକ ଓ ପ୍ରୟାଗରାଜ ଠାରେ କୁମ୍ଭମେଳା ହୋଇଥାଏ ।

କିମ୍ବଦନ୍ତୀ ଅଛି ରୁଦ୍ର ଶାପରୁ ମୁକ୍ତି ପାଇଁ ବ୍ରହ୍ମା ଯାଜନଗରରେ ଯଜ୍ଞ ଅନୁଷ୍ଠାନ କରିଥିଲେ ମାଘ ମାସ ଅମାବାସ୍ୟା ଶ୍ରାବଣା ନକ୍ଷତ୍ର ଓ ମକର ରାଶିରେ । ସେହି ନକ୍ଷତ୍ରରେ ଯଜ୍ଞକୁଣ୍ଡରୁ ମା' ବିରଜା ଆବିର୍ଭୂତା । ସେ ନିଜର ନାମ ନିଜେ ରଖିଥିଲେ । ବ୍ରହ୍ମା ଏହି କ୍ଷେତ୍ରରେ ଅଷ୍ଟଚଣ୍ଡୀ, ଅଷ୍ଟ ଭୈରବୀ, ଚଉଷଠି ଯୋଗିନୀ ମଧ୍ୟ ପ୍ରତିଷ୍ଠା କରିଥିଲେ । ଏହା ଏକ ଶାକ୍ତ ପୀଠ, ଏଠି ଜଗଜନନୀ ମା' ଦୁର୍ଗା ଦ୍ୱିଭୁଜା ସିଂହବାହିନୀ ଶୂଳ ଲାଙ୍ଗୁଳ ଧାରିଣୀ ପରମ ବୈଷ୍ଣବୀ । ଏହି ଦିନ ମା'ଙ୍କର ସାବିତ୍ରୀ ବେଶ ହୁଏ । ସାବିତ୍ରୀ ମନ୍ତ୍ରରେ ଆରାଧନା କରାଯାଏ । ମା'ଙ୍କ ସମ୍ବନ୍ଧରେ ଏକ ବିଶେଷ କଥା ଶୁଣିବାକୁ ମିଳେ ତାଙ୍କ ମସ୍ତକରେ ଗଣପତି, ଫଣି ସମ୍ରାଟ, ଯୋନି, ଲିଙ୍ଗ ଓ ଚନ୍ଦ୍ର ଏହି ପାଞ୍ଚ ମୁଦ୍ରା (ଚିହ୍ନ) ଶୋଭାପାଏ ।

କିମ୍ବଦନ୍ତୀ କହେ ମା' ବିରଜା ଆବିର୍ଭୂତା ହେବା ପରେ ସେ ଯାଜନଗ୍ରର ଅଧିଷ୍ଠାତ୍ରୀ ଦେବୀ ରୂପେ ବିରାଜମାନ ହେଲେ । ପୁଣ୍ୟତୋୟା ବୈତରଣୀ ଏହି ତୀର୍ଥକୁ ପବିତ୍ର କଲା । ବ୍ରହ୍ମାଙ୍କ ଠାରେ ପ୍ରୀତ ହୋଇ ବିଷ୍ଣୁ ଓ ଶିବ ମଧ୍ୟ ଏ ନଗରରେ ଅବସ୍ଥାପନ କଲେ । ଶିବ ଈଶାନେଶ୍ୱର ରୂପେ ଓ ବିଷ୍ଣୁ ନାଭିଗୟାରେ ଗଦାଧର ରୂପେ ବିରାଜମାନ । ତେଣୁ ଯାଜପୁରର ଅନ୍ୟନାମ ଗଦାକ୍ଷେତ୍ର । ମା' ବିରଜାଙ୍କର ଷୋଡଶ ଉପଚାରରେ ଗାୟତ୍ରୀ ମନ୍ତ୍ରରେ ପୂଜା କରାଯାଇଥାଏ । ଆଶ୍ୱିନ ମାସ ଶୁକ୍ଳ ପକ୍ଷରେ ମା'ଙ୍କର ରଥଯାତ୍ରା ହୋଇଥାଏ । ମା'ଙ୍କ ରଥର ନାମ ସିଂହଧ୍ୱଜ । ଯାଜପୁରରେ ଶୁଭସ୍ତମ୍ଭ ଯାଉଁଳି ବନ୍ଧ, ବ୍ରହ୍ମାକୁଣ୍ଡ, ଗୁପ୍ତଗଙ୍ଗା, ନବମାଧବ, ଦଶାଶନି (ଦଶାଶ୍ୱମେଧ) ଘାଟ, ହରିହର ଘାଟ, ପଦ୍ମପୋଖରୀ, ବରାହ ନାରାୟଣ ବିଦ୍ୟମାନ । ବେଲେଶ୍ୱର ବରୁଣେଶ୍ୱର ଓ ଖିଲାଟେଶ୍ୱର ଯାଜପୁର ନଗରର ସୀମା ବୋଲି କଥିତ ଅଛି । ତିନୋଟି ଶୈବ ପୀଠକୁ ଚାଲିଚାଲି ମହାଶିବରାତ୍ରୀ ଦିନ ତୀର୍ଥାଟନ କଲେ ପରମପଦ ଲାଭ ହୁଏ ବୋଲି କେହି କେହି କହନ୍ତି । ସିଦ୍ଧେଶ୍ୱର ଘାଟରେ ରସିକାକଡି ଯାତ୍ରା ସମ୍ବନ୍ଧରେ ଲୋକେ କହନ୍ତି । ସାତଥର ଯିବ ଗଙ୍ଗା, ତିନିଥର ଯିବ ପୁରୀ, ଥରେ ଯାଇଥିବ ରସିକାକଡି ସବୁ ପାପ ଯିବ ସରି ।

ମୌନୀ ଅମାବାସ୍ୟା ଦିନ ମା' ବିରଜାଙ୍କର ମହାସ୍ନାନ ହୋଇଥାଏ । ବୈତରଣୀ, ତ୍ରିବେଣୀ ଓ ଯମୁନା ଆଦି ୬୮ ତୀର୍ଥଜଳରେ ମା'ଙ୍କ ସ୍ନାନ କରାଯାଇଥାଏ । ଷୋଡଶ ଉପଚାରରେ ପୂଜା, ନବରତ୍ନ ଯଜ୍ଞ ମଣ୍ଡପରେ ଯଜ୍ଞ ହୋଇ ପୂର୍ଣ୍ଣାହୁତି ହୁଏ । ମା'ଙ୍କୁ ସୁନା ଅଳଙ୍କାରରେ ବେଶ କରାଯାଏ । ମନ୍ଦିରକୁ ଫୁଲରେ ସଜାଯାଏ । ବହୁ ଭକ୍ତଙ୍କ ଆଗମନରେ ମନ୍ଦିର ଚଳଚଞ୍ଚଳ ହୋଇଥାଏ । ପ୍ରବଳ

ଭିଡ ଲାଗେ । ମୌନୀ ଅମାବାସ୍ୟା ଦିନ ମା' ଆବିର୍ଭୂତା ହୋଇଥିବାରୁ ଉକ୍ତ ଦିନକୁ ମା ବିରଜାଙ୍କର ସ୍ୱନକ୍ଷତ୍ର ଦିବସ ବୋଲି କୁହାଯାଏ । ବିଭିନ୍ନ ସ୍ଥାନରେ ପ୍ରବଚନ, ବକ୍ତୃତାମାଳା ଆଦି ଆୟୋଜିତ ହୋଇଥାଏ ।

ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାପଡ଼େ ରାଜା ଯଯାତି କେଶରୀ ବୌଦ୍ଧ ପ୍ରାବଲ୍ୟରୁ ଯାଜପୁରକୁ ମୁକ୍ତ କରିବା ପାଇଁ ମା ବିରଜାଙ୍କର ଭବ୍ୟ ମନ୍ଦିର ସ୍ଥାପନା କରିଥିଲେ ।

ଆଉ ଏକ କଥାରୁ ଜଣାଯାଏ ଯେ କଳାପାହାଡ ଯାଜପୁର ଆକ୍ରମଣ କରି ମଠ ମନ୍ଦିର ଧ୍ୱଂସ କରିଥିଲା । ସେତେ ବେଳେ ମା' ବିରଜା ପାତାଳି ହୋଇଥିଲେ । ମୁସଲମାନ ଶାସନ ଅବସାନ ପରେ ମା' ମୂଳ ସିଂହାସନରେ ପୁନଃ ପ୍ରତିଷ୍ଠିତ ହେଲେ ।

ସତୀଙ୍କ ନାଭି ପଡି ଏହି କ୍ଷେତ୍ରର ନାମକରଣ ନାଭିଗୟା ହୋଇଛି ବୋଲି କେହି କେହି ମଧ କୁହନ୍ତି । ଏହା ବାଉନଶକ୍ତି ପୀଠରୁ ଅନ୍ୟତମ ।

ଅତଏବ ତ୍ରିବେଣୀ ଅମାବାସ୍ୟା ବା ମୌନୀ ଅମାବାସ୍ୟା କୁମ୍ଭମେଳା ସହ ଜଡିତ ଥିଲା ବେଳେ ମା' ବିରଜାଙ୍କ ସ୍ୱନକ୍ଷତ୍ର ଦିବସ ହିସାବରେ ଏକ ପରମ ପବିତ୍ର ଦିବସ ।

ପର୍ବପର୍ବାଣିଗୁଡିକ ସଂସ୍କୃତିର ଧାରକ ଅଟନ୍ତି । ବୈଦିକ ଓ ଧାର୍ମିକ ଅନୁଚିନ୍ତନର ସୁଦୃଢ଼ ଭିତ୍ତିଭୂମି । ଏ ଗୁଡିକ ପାଳନରେ ଜାତୀୟ ସଂହତିର ବିକାଶ ହୋଇଥାଏ ।

ଜୟ ସଂସ୍କୃତି - ଜୟ ଭାରତମାତା - ଜୟ ମା ବିରଜା

*ପ୍ରାନ୍ତ ପରୀକ୍ଷା ସଂଯୋଜକ*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*

## -: କବି ଓ ଲେଖକମାନଙ୍କୁ ନିବେଦନ :-

ପ୍ରିୟବନ୍ଧୁ ଓ ଭଗିନୀ !

ସାରସ୍ୱତ ଅଭିନନ୍ଦନ ଓ ଶୁଭେଚ୍ଛା । ଶିକ୍ଷାସୃଜନୀ ପରିବାରର ଅଭିନ୍ନ ଅଙ୍ଗ ଲେଖକଲେଖିକାମାନଙ୍କୁ ସାରସ୍ୱତ ଅଭିନନ୍ଦନ ଜଣାଉଛି । ଆପଣମାନଙ୍କ ସାରସ୍ୱତ ସାଧନାର ସ୍ୱୀକୃତି ସ୍ୱରୂପ ଶିକ୍ଷାସୃଜନୀ ପତ୍ରିକା ଆଜି ଓଡ଼ିଶାର ସର୍ବାଧିକ ପ୍ରସାରିତ ପତ୍ରିକା ହିସାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏବେ ଏବେ ଟେକ୍ନୋଲୋଜିର ବହୁଳ ବ୍ୟବହାର କାରଣରୁ ଆପଣମାନେ ଲେଖାଗୁଡ଼ିକୁ ଇ-ମେଲ ମାଧ୍ୟମରେ ପଠାଉଛନ୍ତି । ଏହା ସ୍ୱାଗତଯୋଗ୍ୟ, ମାତ୍ର ଲେଖାଗୁଡ଼ିକୁ ଇ-ମେଲ କରିବା ସମୟରେ ନିମ୍ନଲିଖିତ ବିନ୍ଦୁ ପ୍ରତି ଦୃଷ୍ଟି ଦେବାକୁ ବିନୀତ ଅନୁରୋଧ ।

୧) ଯଦି ଲେଖାଗୁଡ଼ିକୁ ଡି.ଟି.ପି. କରି ପଠାଉଛନ୍ତି ତେବେ ତାହାକୁ ଆକୃତି ଓଡ଼ିଆ ଶାରଳା ଫଣ୍ଟ ମାଧ୍ୟମରେ ଡି.ଟି.ପି. କରି ଓରିଜିନାଲ୍ ଫାଇଲ୍ ସହ ପଠାଇବେ ।

୨) ଯଦି ହାତ ଲେଖା ଇ-ମେଲ୍ /ୱାଟସ୍ଆପ୍ ମାଧ୍ୟମରେ ପଠାଉଛନ୍ତି ତେବେ ଡକ୍ ସ୍କାନରରେ ସ୍କାନ କରି ଇ-ମେଲ ମାଧ୍ୟମରେ ପଠାନ୍ତୁ ଅଥବା ମୋବାଇଲରେ ଯେକୌଣସି ସ୍କାନର ଆପ୍ ଲୋଡ୍ କରି ସେହି ଆପ୍‌ରେ ସ୍କାନ କରି ପଠାନ୍ତୁ ।

୩) ହାତ ଲେଖାକୁ ମୋବାଇଲ କ୍ୟାମେରାରେ ଫଟୋ ଉଠାଇ କେବେବି ଇ-ମେଲ୍ /ୱାଟସ୍ଆପ୍‌ରେ ପଠାନ୍ତୁ ନାହିଁ । ଏହା ପ୍ରକାଶ ପାଇଁ ଗ୍ରହଣଯୋଗ୍ୟ ହେବ ନାହିଁ ।

୪) ଯଦି କାଗଜରେ ହାତଲେଖା ପଠାଉଛନ୍ତି ତେବେ A4 କାଗଜରେ ଗୋଟିଏ ପାଖରେ ଲେଖି ପଠାନ୍ତୁ । ମାର୍ଜିନ୍ ରହିବା ଆବଶ୍ୟକ ।

ସମ୍ପାଦକ

ନିରତେ କରଇ ସଞ୍ଚୟ । ପାପୀ କୃପଣ ଦୁରାଶୟ ॥

**ମହାନ ନାରୀ**

# ଇସ୍ରୋର ସଫଳ ମହିଳା ବୈଜ୍ଞାନିକ

*❋ ସୁଶ୍ରୀ ମମତା ମୁନି*

ଭାରତୀୟ ମହିଳା ଯେ ସବୁକ୍ଷେତ୍ରରେ ଆଗୁଆ, ଏ କଥା ପ୍ରମାଣ କରି ଦେଖାଇଛନ୍ତି ଇସ୍ରୋର ଆଠ ଜଣ ମହିଳା ବୈଜ୍ଞାନିକ । ସେମାନେ ନିକଟ ଅତୀତରେ ହୋଇଥିବା ଅନ୍ତରୀକ୍ଷ ମିଶନରେ ସାମିଲ ହୋଇ ମିଶନକୁ ସଫଳ ବନାଇଛନ୍ତି । ଏହି ସଶକ୍ତ ଓ ଆତ୍ମନିର୍ଭର ମହିଳାମାନେ ଆମ ଆଖପାଖରେ ଦେଖାଯାଉଥିବା ସାମାନ୍ୟ ମହିଳା ପରି କିନ୍ତୁ ଏମାନଙ୍କ ବୁଦ୍ଧିମତା ଏମାନଙ୍କୁ ବିଶେଷ କରି ଗଢ଼ି ତୋଳିଛି । ନିମ୍ନରେ ସେମାନଙ୍କ ବିଷୟରେ କିଛି ଜାଣିବା ।

ରିତୁ କରତାଲ – ଇସ୍ରୋରେ ଅନେକ ସମସ୍ୟାର ସମାଧାନ କରୁଥିବା ରିତୁ ଦୁଇଟି ସନ୍ତାନର ମା' । ସେ ଯେତେବେଳେ ଛୋଟ ଥିଲେ । ଚନ୍ଦ୍ରମା କିପରି ଛୋଟ ଓ ବଡ ହୁଏ ଦେଖି ଆଶ୍ଚର୍ଯ୍ୟ ହେଉଥିଲେ । ଚନ୍ଦ୍ର ସବୁବେଳେ ତାଙ୍କ କୌତୂହଳର କେନ୍ଦ୍ର ବିନ୍ଦୁ ଥିଲା । ଅନେକ ବର୍ଷ ପରେ ବର୍ତ୍ତମାନ ସେ ମଙ୍ଗଳ ଯାନ ମିଶନର ଡେପୁଟି ଅପରେଶନ ଡାଇରେକ୍ଟର ଅଟନ୍ତି । ପିଲା ଦିନରୁ ହିଁ ଅନ୍ତରୀକ୍ଷ ବିଜ୍ଞାନ ବିଷୟରେ ପ୍ରତିଟି ଖବର ସେ ପଢୁଥିଲେ । ଆଜି ସେ ଇସ୍ରୋର ଏହି ମିଶନର ପ୍ରମୁଖମାନଙ୍କ ମଧ୍ୟରୁ ଜଣେ ।

ମୌମିତା ଦତ୍ତ – ମୌମିତା ପିଲାଦିନେ ଚନ୍ଦ୍ରଯାନ ମିଶନ ବିଷୟରେ ପଢ଼ିଥିଲେ । କିନ୍ତୁ ଆଜି ସେ ମଙ୍ଗଳଯାନ ମିଶନ ପାଇଁ ପ୍ରୋଜେକ୍ଟ ମେନେଜର ରୂପେ କାମ କରୁଛନ୍ତି । ସେ କୋଲକାତା ବିଶ୍ୱବିଦ୍ୟାଳୟର ପ୍ରାୟୋଗିକ ଭୌତିକ ବିଜ୍ଞାନରେ ଏମ ଟେକ ପଢ଼ିଛନ୍ତି । ବର୍ତ୍ତମାନ ସେ ମେକ ଇନ୍ ଇଣ୍ଡିଆରେ ଭାଗ ନେଇ ପ୍ରକାଶ ବିଜ୍ଞାନ କ୍ଷେତ୍ରରେ ଦେଶର ଉନ୍ନତି ପାଇଁ ଟିମର ପ୍ରତିନିଧିତ୍ୱ କରୁଛନ୍ତି ।

ନନ୍ଦିନୀ ହରିନାଥ – ନନ୍ଦିନୀ ନିଜ ଜୀବନର ପ୍ରଥମ ଚାକିରି ଭାବେ ଇସ୍ରୋରେ ଯୋଗ ଦେଇଥିଲେ । ଆଜକୁ କୋଡିଏ ବର୍ଷ ହେଲା ସେ ନିରନ୍ତର ପ୍ରଗତି ପଥରେ ଆଗେଇ ଚାଲିଛନ୍ତି । ସେ ଷ୍ଟାର ଟ୍ରେକ୍ ସିରିଜକୁ ଦେଖି ବିଜ୍ଞାନ ବିଷୟ ପଢ଼ିବାକୁ ଆଗ୍ରହୀ ହୋଇଥିଲେ । ଶିକ୍ଷକ ଓ ଇଞ୍ଜିନିୟର ପରିବାରର ହୋଇଥିବାରୁ ବିଜ୍ଞାନ ଏବଂ ଟେକନିକ ପ୍ରତି ତାଙ୍କର ସ୍ୱାଭାବିକ ଆକର୍ଷଣ ଥିଲା । ଆଜି ସେ ଇସ୍ରୋର ଡେପୁଟି ଡାଇରେକ୍ଟର ରୂପେ ୨୦୦୦ ଟଙ୍କାରେ ପ୍ରକାଶିତ 'ମଙ୍ଗଳଯାନ ମିଶନ'ର ଚିତ୍ର ଦେଖି ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି ।

ଅନୁରାଧା ଟି. କେ – ଅନୁରାଧା ଜିୟୋସେଟ୍ ପ୍ରୋଗ୍ରାମ ଡାଇରେକ୍ଟର ରୂପରେ କାମ କରୁଥିବା ଇସ୍ରୋର ସବୁଠାରୁ ବରିଷ୍ଠ ମହିଳା ଅଧିକାରୀ ଅଟନ୍ତି । ବିଦ୍ୟାର୍ଥୀ ଜୀବନରେ ସେ ଘୋଷିବା ବିଷୟ ଠାରୁ ତାର୍କିକ ବିଷୟକୁ ବେଶି ପସନ୍ଦ କରୁଥିଲେ । ଆଜି ମଧ୍ୟ ସେ ଇସ୍ରୋରେ ଏହି ତାର୍କିକ ଚିନ୍ତନର ପ୍ରୟୋଗ କରୁଛନ୍ତି ।

ଏନ. ବଳାରମଥୀ – ଭାରତର ପ୍ରଥମ ଦେଶୀୟ ରାଡାର, ଇମେଜିନ ଉପଗ୍ରହ, ରିସେଟ ୧ର ସେ ପ୍ରତିନିଧିତ୍ୱ କରିଥିଲେ । ୫୨ ବର୍ଷ ବୟସରେ ସେ ନିଜ ରାଜ୍ୟ ତାମିଲନାଡୁକୁ ଗୌରବାନ୍ୱିତ କରିଛନ୍ତି । ସେ ରିମୋଟ ସେଂସିଙ୍ଗ ସେଟେଲାଇଟ ମିଶନର ପ୍ରମୁଖ ଅଟନ୍ତି ।

ମୀନଲ ସମ୍ପଥ – ମଙ୍ଗଳଯାନ କକ୍ଷୀୟ ମିଶନ ପାଇଁ ଦିନରେ ଅଠର ଘଣ୍ଟା କାମ କରୁଥିବା ମୀନଲ ସମ୍ପଥ ଇସ୍ରୋର ସିଷ୍ଟମ ଇଞ୍ଜିନିୟର ଭାବେ ପାଞ୍ଚ ଶହ ବୈଜ୍ଞାନିକଙ୍କ ପ୍ରତିନିଧିତ୍ୱ କରୁଛନ୍ତି । ସେ ଦୁଇ ବର୍ଷ ପର୍ଯ୍ୟନ୍ତ ରବିବାର କିମ୍ବା ଅନ୍ୟାନ୍ୟ ଛୁଟି ଦିନରେ ମଧ୍ୟ କାମ ବନ୍ଦ କରିନାହାନ୍ତି । ଯାହାର ଫଳ ସ୍ୱରୂପ ସେ ମଙ୍ଗଳ ମିଶନରେ ସଫଳତାର ଅପୂର୍ବ ସ୍ୱାଦ ଚାଖିଛନ୍ତି । ତାଙ୍କର ଲକ୍ଷ୍ୟ ହେଉଛି ରାଷ୍ଟ୍ରୀୟ ଅନ୍ତରୀକ୍ଷ ସଂସ୍ଥାନର ପ୍ରଥମ ମହିଳା ଡାଇରେକ୍ଟର ହେବା ।

ଆନେ ହରଇ ତାର ଧନେ । ମଧୁ ସଞ୍ଚଇ ମାଛି ଯେହ୍ନେ ।।

କୀର୍ତ୍ତି ଫୌଜଦାର - କୀର୍ତ୍ତି ଇସ୍ରୋର କମ୍ପ୍ୟୁଟର ବୈଜ୍ଞାନିକ ଅଟନ୍ତି । ଯେ ଉପଗ୍ରହକୁ ତା'ର ଠିକ୍ କକ୍ଷରେ ସ୍ଥାପିତ କରିବା ପାଇଁ ମାଷ୍ଟର କଣ୍ଟ୍ରୋଲ ଫେସିଲିଟିରେ କାମ କରୁଛନ୍ତି । ଉପଗ୍ରହ ଓ ଅନ୍ୟ ମିଶନରେ କିଛି ତ୍ରୁଟି ଦେଖାଗଲେ ତାକୁ ସୁଧାରିବାର ଦାୟିତ୍ୱ ତାଙ୍କ ଟିମ୍ କରୁଛନ୍ତି । ଦିନ ହେଉ କି ରାତି ହେଉ, ସେ ଆଗ୍ରହର ସହ ତାଙ୍କ କାମ କରୁଛନ୍ତି । କୀର୍ତ୍ତି ଭବିଷ୍ୟତରେ ଇସ୍ରୋର ଆହୁରି ଭଲ ବୈଜ୍ଞାନିକ ହେବାକୁ ଏମ ଟେକ୍ କରିବାକୁ ଚାହୁଁଛନ୍ତି ।

ଟେସି ଥୋମସ୍ - ଟେସି ଭାରତର ସେହି ମିଶାଇଲ ମହିଳା, ଯେ ଅଗ୍ନି ୪ ଓ ଅଗ୍ନି ୫ ମିଶନରେ ପ୍ରମୁଖ ସହଯୋଗୀ ଥିଲେ । ଟେସି କେବଳ ଇସ୍ରୋ ପାଇଁ ନୁହେଁ ଡିଆରଡିଓ ପାଇଁ ମଧ୍ୟ ଟେକିନିକ କାର୍ଯ୍ୟ କରୁଛନ୍ତି । ନିଜ ସଫଳତା କାରଣରୁ ମିଡିଆରେ ସେ ଅଗ୍ନିପୁତ୍ରୀ ଭାବେ ପ୍ରସିଦ୍ଧି ଅର୍ଜନ କରିଛନ୍ତି ।

ବର୍ତ୍ତମାନ ଇସ୍ରୋ ପାଇଁ ଷୋହଳ ହଜାରରୁ ଅଧିକ ମହିଳା କାମ କରୁଛନ୍ତି । କିନ୍ତୁ ଇସ୍ରୋର ସାତ ଜଣ ପ୍ରମୁଖ ପୁରୁଷ ହୋଇଥିବା କାରଣରୁ ଏହା ପୁରୁଷ ପ୍ରଧାନ ବୋଲି କଳ୍ପନା କରାଯାଏ । କିନ୍ତୁ ସତ୍ୟ ଏହା ଯେ ହଜାର ହଜାର ମହିଳା ଆମର ଏହି ପ୍ରମୁଖ ଅନ୍ତରୀକ୍ଷ ସଂସ୍ଥାନ ପାଇଁ କଠିନ ପରିଶ୍ରମ କରି ଆସୁଛନ୍ତି । ଧନ୍ୟ ଏହି ଭାରତୀୟ ନାରୀ । ତୁମ ପାଇଁ ଦେଶ ଆଜି ଗର୍ବିତ ।

*ଶିକ୍ଷୟିତ୍ରୀ, ପ୍ର.ଉ.ପ୍ରା.ବିଦ୍ୟାଳୟ, ଗୁଡିଆପଲ୍ଲୀ*

ସାଦର ପ୍ରଣାମ,

ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କଦ୍ୱାରା ପ୍ରକାଶିତ 'ଶିକ୍ଷାସୃଜନୀ' ପତ୍ରିକାର ଫେବୃଆରୀ - ମାର୍ଚ୍ଚ ସଂଖ୍ୟା ପାଠ କରି ଆପଣମାନଙ୍କର ସୁଚିନ୍ତିତ ପ୍ରେରଣାଦାୟୀ ମୌଳିକ ଓ ଚେତନାଧର୍ମୀ ମତାମତ ଓ ପରାମର୍ଶ ନିମ୍ନ ଠିକଣାରେ ପତ୍ର/ଇ-ମେଲ /ୱାଟସ୍ଆପ୍ (Letter / E-mail / Whatsapp)ମାଧ୍ୟମରେ ପ୍ରଦାନ ପୂର୍ବକ ପତ୍ରିକାଟିକୁ ସରସ, ସୁନ୍ଦର ଓ ବଳିଷ୍ଠ ତଥା ଆକର୍ଷଣୀୟ ପରିପାଟୀରେ ସୁଶୋଭିତ କରାଇବା ଦିଗରେ ସହଭାଗୀ ହେବା ପାଇଁ ବିନମ୍ର ନିବେଦନ ।

ସମ୍ପାଦକ

*ଯୋଗାଯୋଗ ଠିକଣା :-*

ଶିକ୍ଷାସୃଜନୀ
ଶିକ୍ଷା ବିକାଶ ସମିତି, ଓଡ଼ିଶା
ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦
Whatsapp No. :- 8895461378, 9437740566
E-Mail :- shikshasrujanee@gmail.com

**ଭାଷା ବିଭବ**

# ସମାନ ଜନେ ବନ୍ଧୁପଣ - ୨

*ଶ୍ରୀ ପ୍ରସନ୍ନକୁମାର ବିଶ୍ୱାଳ*

ସ୍ୱର୍ଗ ଓ ନରକର ଧାରଣା ସତର୍କ, ସଂଯମ ଓ ସକାରାତ୍ମକ କାର୍ଯ୍ୟରେ ମଣିଷକୁ ବାଟ କଢ଼ାଇ ନିଏ । ଏହି ବାକ୍ୟରେ ସତର୍କ ଏବଂ ସକାରାତ୍ମକ ଦୁଇଟି ବିଶେଷଣ ପଦ ହୋଇଥିବା ବେଳେ ସଂଯମ ଶବ୍ଦଟି ବିଶେଷ୍ୟ ପଦ ଅଟେ । ତେଣୁ ବାକ୍ୟଟିକୁ ଠିକ୍ କରି ଲେଖିଲେ ''ସ୍ୱର୍ଗ ଓ ନରକର ଧାରଣା ସତର୍କ, ସଂଯମୀ ଓ ସକାରାତ୍ମକ କାର୍ଯ୍ୟରେ ମଣିଷକୁ ବାଟ କଢ଼ାଇ ନିଏ'' ହେବ ।

ବାଣଭଟ୍ଟଙ୍କ 'ବେଣୀସଂହାର' ନାଟକରେ କର୍ଣ୍ଣଙ୍କର ଶୌର୍ଯ୍ୟ ତଥା ପୌରୁଷତ୍ୱକୁ ମର୍ମେ ମର୍ମେ ଅନୁଭବ କରିଛି । ଉକ୍ତ ବାକ୍ୟରେ ପୌରୁଷତ୍ୱ ଶବ୍ଦଟିର ଅଶୁଦ୍ଧ ପ୍ରୟୋଗ କରାଯାଇଛି । ପୁରୁଷତ୍ୱ ଅର୍ଥ ବୁଝାଉଥିବା ପୌରୁଷ ଶବ୍ଦଟି ନିଜେ ବିଶେଷ୍ୟ ପଦ ହୋଇ ଥିବାରୁ ସେଥିରେ 'ତ୍ୱ' ଯୋଗ କରିବା ଅନାବଶ୍ୟକ ଅଟେ । ବିଶେଷଣ ପଦରେ ତା, ତି, ତ୍ୱ ଆଦି ଯୋଗ କରିବା ଦ୍ୱାରା ବିଶେଷ୍ୟ ପଦରେ ପରିଣତ ହୋଇଥାଏ । ତେଣୁ ''ବାଣଭଟ୍ଟଙ୍କ 'ବେଣୀସଂହାର' ନାଟକରେ କର୍ଣ୍ଣଙ୍କର ଶୌର୍ଯ୍ୟ ତଥା ପୌରୁଷକୁ/ ପୁରୁଷତ୍ୱକୁ ମର୍ମେ ମର୍ମେ ଅନୁଭବ କରିଛି' ଲେଖିବା ଠିକ୍ ହେବ ।

ଏଥିରେ ଗଣତାନ୍ତ୍ରିକ, ସମାଜବାଦ, ଧର୍ମନିରପେକ୍ଷତା, ବୈଜ୍ଞାନିକ ଦୃଷ୍ଟି ଓ ତ୍ରିଭାଷୀ ସୂତ୍ରକୁ ଗୁରୁତ୍ୱ ଦିଆଯାଇଥିଲା । ଉକ୍ତ ବାକ୍ୟରେ **ଗଣତାନ୍ତ୍ରିକ(ଗାଣତନ୍ତ୍ରିକ ଠିକ୍ ଶବ୍ଦ ଗଣତନ୍ତ୍ର + ଇକ)** ବିଶେଷଣ ପଦଟିକୁ ଅନ୍ୟ ବିଶେଷ୍ୟ ପଦମାନଙ୍କ ସହିତ ଭୁଲବଶତଃ ପ୍ରୟୋଗ କରାଯାଇଛି । ତା' ବଦଳରେ **ଗଣତନ୍ତ୍ର** ବା **ଗାଣତନ୍ତ୍ରିକତା** ପ୍ରୟୋଗ କରିବାର ଆବଶ୍ୟକତା ଥିଲା । ବାକ୍ୟଟିକୁ 'ଏଥିରେ ଗାଣତନ୍ତ୍ରିକତା, ସମାଜବାଦ, ଧର୍ମନିରପେକ୍ଷତା, ବୈଜ୍ଞାନିକ ଦୃଷ୍ଟି ଓ ତ୍ରିଭାଷୀ ସୂତ୍ରକୁ ଗୁରୁତ୍ୱ ଦିଆଯାଇଥିଲା' ଲେଖିବା ଠିକ୍ ହେବ ।

ଆମ୍ଭମାନଙ୍କର ସାମର୍ଥ୍ୟ ନାହିଁ ତା'ର ଦୁଃଖ, ନୈରାଶ୍ୟ ଓ ଅଶାନ୍ତ ବୁଝିବାକୁ । ଅଶାନ୍ତ ଏକ ବିଶେଷଣ ପଦ ହୋଇଥିବା ବେଳେ ଦୁଃଖ ଓ ନୈରାଶ୍ୟ ବିଶେଷ୍ୟ ପଦ । ତେଣୁ ବାକ୍ୟଟିକୁ ଠିକ୍ କରି ଲେଖିଲେ ହେବ ''ଆମ୍ଭମାନଙ୍କର ସାମର୍ଥ୍ୟ ନାହିଁ ତା'ର ଦୁଃଖ, ନୈରାଶ୍ୟ ଓ ଅଶାନ୍ତି ବୁଝିବାକୁ'' ।

ବିଦ୍ୟାଳୟ ଶିକ୍ଷାରେ କର୍ମନିଯୁକ୍ତିର ସମ୍ଭାବନା, ସ୍ୱାବଲମ୍ବୀ ଓ କର୍ମାନୁଭୂତି ଶିକ୍ଷା ଦେବା ନିହାତି ଜରୁରୀ । ବାକ୍ୟଟିରେ ବ୍ୟବହୃତ 'ସ୍ୱାବଲମ୍ବୀ' ବିଶେଷଣ ପଦଟିକୁ ବଦଳାଇ ଦେଇ ''ବିଦ୍ୟାଳୟ ଶିକ୍ଷାରେ କର୍ମନିଯୁକ୍ତିର ସମ୍ଭାବନା, ସ୍ୱାବଲମ୍ବନ ଓ କର୍ମାନୁଭୂତି ଶିକ୍ଷା ଦେବା ନିହାତି ଜରୁରୀ'' ଲେଖିଲେ ଠିକ୍ ହେବ ।

ବ୍ୟାସକବି ଫକୀରମୋହନଙ୍କୁ ପ୍ରଶଂସା କରିବାକୁ ଯାଇ ଜଣେ 'ତାଙ୍କର ଅଧ୍ୟାତ୍ମ, ସାରସ୍ୱତ, ବୌଦ୍ଧିକ ଚିନ୍ତନରେ ଏ ମାଟି ହୋଇଛି ସୁବର୍ଣ୍ଣ' ବୋଲି ଲେଖିଲେ । ଉକ୍ତ ବାକ୍ୟରେ ସାରସ୍ୱତ ଓ ବୌଦ୍ଧିକ ଦୁଇଟି ବିଶେଷଣ ପଦ ହୋଇଥିବା ବେଳେ ଅଧ୍ୟାତ୍ମ ଶବ୍ଦଟି ବିଶେଷ୍ୟ ପଦ ଅଟେ । ତେଣୁ 'ତାଙ୍କର ଅଧ୍ୟାତ୍ମିକ, ସାରସ୍ୱତ ଓ ବୌଦ୍ଧିକ ଚିନ୍ତନରେ ଏ ମାଟି ହୋଇଛି ସୁବର୍ଣ୍ଣ' ଲେଖିବା ଠିକ୍ ହେବ ।

ବିଶୃଙ୍ଖଳା, ଅସଂହତି, ଅତୀବ ସ୍ୱାର୍ଥପର – ଏହା ହିଁ ଆମର ଆଜିକାର ଶୋଚନୀୟ ଅବସ୍ଥାର ପ୍ରତିରୂପ । ଏହି ବାକ୍ୟରେ 'ବିଶୃଙ୍ଖଳା' ଓ 'ଅସଂହତି' ଦୁଇଟି ବିଶେଷ୍ୟ ପଦ ବ୍ୟବହୃତ ହୋଇଥିବା ବେଳେ 'ଅତୀବ ସସ୍ୱାର୍ଥପର' ବିଶେଷଣ ପଦକୁ ଏକତ୍ର ବ୍ୟବହାର କରାଯାଇଛି । ତେଣୁ ତାକୁ ଠିକ୍ କରି ଲେଖିଲେ, 'ବିଶୃଙ୍ଖଳା, ଅସଂହତି, ଅତୀବ ସ୍ୱାର୍ଥପରତା – ଏହା ହିଁ ଆମର ଆଜିକାର ଶୋଚନୀୟ ଅବସ୍ଥାର ପ୍ରତିରୂପ' ହେବ ।

ପ୍ରକୃତ ଲକ୍ଷ୍ୟର ଅଭାବ ହିଁ ସମାଜକୁ ଏକ କୁସଂସ୍କାର, ଅଧର୍ମୀ ଓ ପାଶବିକତାର ସାମ୍ରାଜ୍ୟ ଆଡ଼କୁ ନେଇ ଆସୁଛି । କୁସଂସ୍କାର ଓ ପାଶବିକତା ଦୁଇଟି ବିଶେଷ୍ୟ ପଦ ମାତ୍ର ଅଧର୍ମୀ ଶବ୍ଦଟି ବିଶେଷଣ ପଦ ହୋଇ ଥିବାରୁ ବାକ୍ୟଟିକୁ 'ପ୍ରକୃତ ଲକ୍ଷ୍ୟର ଅଭାବ ହିଁ ସମାଜକୁ ଏକ କୁସଂସ୍କାର, ଅଧର୍ମ ଓ ପାଶବିକତାର ସାମ୍ରାଜ୍ୟ ଆଡ଼କୁ ନେଇ ଆସୁଛି' କିମ୍ବା 'ପ୍ରକୃତ ଲକ୍ଷ୍ୟର ଅଭାବ ହିଁ ସମାଜକୁ ଏକ କୁସଂସ୍କାରୀ, ଅଧର୍ମୀ ଓ ପାଶବିକ ସାମ୍ରାଜ୍ୟ ଆଡ଼କୁ ନେଇ ଆସୁଛି' ଲେଖିବା ଠିକ୍ ହେବ ।

ସମାନତା କାରଣରୁ ବନ୍ଧୁପଣ ଯେପରି ଦୃଢ଼ ହୋଇଥାଏ ଲେଖିଲା ବେଳେ ପ୍ରୟୋଗ କରୁଥିବା ଶବ୍ଦଗୁଡ଼ିକ ପ୍ରତି ଉପଯୁକ୍ତ ଧ୍ୟାନ ଦେଲେ ଆମ ଲେଖା ମଧ୍ୟ ସରସ, ସୁନ୍ଦର ଏବଂ ସର୍ବଜନାଦୃତ ହେବା ସଙ୍ଗେ ସଙ୍ଗେ ମାତୃଭାଷା ସହିତ ଆମର ସମ୍ପର୍କ ନିବିଡ଼ ହେବ ଏବଂ ତାହା ଭାଷା-ଜନନୀଙ୍କ ସେବାର ମାଧ୍ୟମ ହେବ ।

*ପ୍ରାନ୍ତ ନିରୀକ୍ଷକ, ଶିକ୍ଷା ବିକାଶ ସମିତି, ଓଡ଼ିଶା*

ଯାବତ ଅଛି ମୋହପାଶ । ତାବତ ପିଣ୍ଡ ହୁଏ ନାଶ ।।

କବିତା ପସରା

# ବିଶ୍ୱଗୁରୁ

■ ଶ୍ରୀ ବିପିନ ବିହାରୀ ରାଉତ

ଋଷି ତପସ୍ୱୀଙ୍କ ଦେଶ ଏ ଭାରତେ
ଜ୍ଞାନର ଗଙ୍ଗା ଝରେ
କୁଳୁ କୁଳୁ ତାନେ ଘର୍ଘର ନାଦେ
ବିଶ୍ୱ ମାନସ ଭରେ ।।୧।

ସାଧନା-ସିଦ୍ଧ ହିମଗିରି ଭେଦି
ସଂଚରେ ଯେଉଁ ସ୍ରୋତ
କେତେ ଭଗୀରଥ ନିର୍ମଳ ତପ
ଲଭେ ତହିଁ ପ୍ରାଣପାତ ।।୨।

ପୂତ ଭାଗୀରଥୀ ଉଛଳ ତୀରେ
ଋଷି ଆଶ୍ରମ ତଳେ
ଜ୍ଞାନ ବିଜ୍ଞାନ ଶାଶ୍ୱତ ଶିଖା
ଯଜ୍ଞ ସ୍ୱରୂପେ ଜଳେ ।।୩।

ମୁଗ୍ଧ ଗଗନେ କମ୍ପନ ତୋଳି
ଓଁକାର ଧ୍ୱନି ଉଠେ
ଋଷି କଣ୍ଠରୁ ବେଦର ମନ୍ତ୍ର
ପାରିଜାତ ହୋଇ ଫୁଟେ ।।୪।

ସ୍ୱର୍ଗ ଦେବତା ମର୍ତ୍ତ୍ୟ ମାନବ
ସର୍ବେ ହୁଅନ୍ତି ପ୍ରୀତ
ନଭ ଜଳ ସ୍ଥଳ ଅନିଳ ଅନଳ
ନିର୍ମଳ ପରିତୃପ୍ତ ।।୫।

କୀଟରୁ ବ୍ରହ୍ମ ବ୍ୟାପ୍ତ ଚେତନା
ଦିବ୍ୟ ଆଲୋକ ଧରେ
ସେହି ଜ୍ଞାନାଲୋକ ମାନବ ଜୀବନେ
ପରିପୂର୍ଣ୍ଣତା ଭରେ ।।୬।

ଆତ୍ମାର ଉପଲବ୍ଧି ମହାନ
ପ୍ରଜ୍ଞାର ପରିଚିତି
ସେ ଉପଲବ୍ଧି ସର୍ବ ସାଧନା
ତପସ୍ୟାର ଫଳଶ୍ରୁତି ।।୭।

ଭା' ରେ ରତ ସେ ଏ ଦେଶ ଭାରତ
ମହାନ ତା ପରମ୍ପରା
ଆଧ୍ୟାତ୍ମିକତା ଜୀବନାଦର୍ଶ
ଶିକ୍ଷା ଦୀକ୍ଷା ଭରା ।।୮।

ଶିକ୍ଷା ନାଭିରେ ସଂସ୍କାର ଯହିଁ
କସ୍ତୁରୀ ସମ ବସେ
ମାନବ ଜୀବନ ଉଜ୍ଜ୍ୱଳି ଉଠେ
ଏଇ ମୋ ମହାନ ଦେଶେ ।।୯।

ବସ୍ତୁବାଦରେ ଭ୍ରମିତ ଜଗତ
ଦୃଷ୍ଟି ପହଁରେ ଦୂରୁ
ପ୍ରାଚ୍ୟେ ଉଠୁଛି ଜ୍ଞାନ ଗୈରିକ
ଭାରତ ବିଶ୍ୱଗୁରୁ ।।୧୦।



ଯାବତ ଗୋବିନ୍ଦ ଚରଣ । ଏ ଜୀବ ନ ପଶେ ଶରଣ ।।

# ମୋ ଘର

ଶ୍ରୀ ରାମଚନ୍ଦ୍ର ସେଠୀ

ଏଇଠୁ ଦୂରେ ପାହାଡ ପାରେ
ବହୁଚି ଏକ ନଈ
ସେ ନଈ ପାଶେ ଯେ ଘର ଦିଶେ
ମୋ ଘର ଅଟେ ସେହି ।
ସେଇଠି ବହେ ଶୀତଳ ବାଆ
ହସଇ ଧାନ କ୍ଷେତ
ବାଟ ଘାଟରେ ଫୁଲର ହାଟ
ଚଢ଼େଇ ଗାଏ ଗୀତ ।
ହଳଦୀ ବୋଳା ସୋରିଷ କ୍ଷେତ
ସେଇଠି ଖେଳେ ଦୋଳି
ପଦରମାଳେ ପାହାଡ଼ ତଳେ
ପାଚଇ କେତେ କୋଳି ।
କି ଦିନରାତି ଶୁଣେ ମୁଁ ନିତି
ନଈର କଳକଳ
ଦେଖେ ମୁଁ ଯେଣେ ଉଡନ୍ତି ତେଣେ
ଚଢ଼େଇ ମାଳମାଳ ।
ମୋ ଗାଆଁ ସାରା ସବୁଜ ଭରା
ବରଷ ବାରମାସ
ଉଛୁଳା କ୍ଷେତ ଚଢ଼େଇ ଗୀତ
ଚହଟେ ଫୁଲ ବାସ ।
ରାଇଜସାରା ବୁଲିଚି ପରା
ଦେଖିଚି ଘର କେତେ
ହେଲେ ମୋ ଘର ସବୁଠୁ ଭଲ
ସରଗପୁର ମତେ ।

ହାତୀମୁଣ୍ଡା, ବାଣପୁର, ଖୋର୍ଦ୍ଧା

# ଚରଣରେ ପ୍ରଭୁ

ଡଃ. ସୁଷମା ମିଶ୍ର

ଚରଣରେ ପ୍ରଭୁ ଦେଇଛ ଶରଣ
ଢାଳିବ କରୁଣା ବାରି
ଅନ୍ଧ ପାଏ ଆଖି ମୂକ କହେ କଥା
ପଙ୍ଗୁ ଲଙ୍ଘିପାରେ ଗିରି ।
ଭାବର ଠାକୁର ହୃଦୟ ଦେବତା
ଚତୁର୍ଦ୍ଧାମୂରତି ପରା
କେତେ ଯାତ ବେଶ ଉତ୍ସବ ପର୍ବରେ
ମୋହୁଛ ଜଗତ ସାରା ।
ଘନ ଅନ୍ଧକାର ଯାଏ ଅପସରି
ଜଗନ୍ନାଥ ନାମ ଧରି
ଚରଣରେ ପ୍ରଭୁ ଦେଇଛ ଶରଣ
ଢାଳିଛ କରୁଣା ବାରି ।
କାର୍ତ୍ତିକ ପଞ୍ଚକ ଛଅ ଦିନ ହୋଇ
ମଳ ତିଥି ଯେବେ ଆସେ
ରତ୍ନ ସିଂହାସନେ ବିରାଜିତ ହୁଅ
ବୀର ନାଗାର୍ଜୁନ ବେଶେ ।
ଦୁଇ ଭାଇ ହାତେ ଶଙ୍ଖ ଚକ୍ର ଆଉ
ହଳ ମୂଷଳର ଶିରୀ
ଚରଣରେ ପ୍ରଭୁ ଦେଇଛ ଶରଣ
ଢାଳିଛ କରୁଣା ବାରି ।
ବାଘ ନଖି ମାଳି ହରିଡ଼ା ମାଳିକୁ
ବାଘଛାଲ ନିଶ ଦାଢ଼ି
କଟାରୀ ସିଂଘଡ଼ା କଳିଫି ସାଥିରେ
ସୋଲୋର ଛୁରୀକୁ ଯୋଡ଼ି ।
ଭକତ ପାଇଁକି ଅନେକ ରୂପରେ
ଆସିଥାଅ ଅବତରି
ଚରଣରେ ପ୍ରଭୁ ଦେଇଛ ଶରଣ
ଢାଳିଛ କରୁଣା ବାରି ।

ସ୍ପନ୍ଦନ, ଖଣ୍ଡଗିରି ଏନ୍‌କ୍ଲେଭ
ଭୁବନେଶ୍ୱର

ତାବତ ଆତ୍ମା ନୋହେ ସୁଖୀ । ନିରତେ ତାପତ୍ରୟେ ଦୁଃଖୀ ।।

# ଆଶିଷ ଦିଅ ମା'

ଶ୍ରୀ ଶିଶିରକୁମାର ପଣ୍ଡା

ଆସ ଆସ ମାଆ ସରଗୁ ଓହ୍ଲାଇ
ମରତକୁ ଆସ ବାରେ
ତବ ଶୁଭଦୃଷ୍ଟି ପଡ଼ିଲେ କରୋନା
ଆମର କି କରି ପାରେ ?
ହଂସ ବାହନରେ ଉଭା ହୁଅ ଆସି
ବୀଣା ଧରି ତୁମ ହାତେ
ପୂଜିବି ତୁମକୁ ଆଣିଅଛି ଭୋଗ
ଫୁଲ ଚାଙ୍ଗୁଡ଼ିଏ ସାଥେ ।
ଜାଣିନି ମନ୍ତର ଜାଣି ନାହିଁ ସ୍ତୁତି
ଭକତି ଅଛି ଯା' ଖାଲି
କୃପା କର ମାଆ ମାଗୁଣି ତୁମକୁ
ଅଜ୍ଞାନତା ଯାଉ ଚାଲି ।
ବହିଖାତା ଆଉ କଲମ ମୋହର
ପୂଜାରେ ଥୋଇଲି ଆଣି
ଆଶିଷ ଦିଅ ମା' ଭଲ ମଣିଷଟେ
ହେବାକୁ ମନ ମୋ ଜାଣି ।

*କୁଆଁସ, ମେରଦା କାଟିଆ, ଯାଜପୁର*

# ମାତୃଭାଷା

*ଚୁମ୍ବକି ଦାଶ (ମିଶ୍ର)*

ଆମ ଭାଷା ସାହିତ୍ୟ ସଂସ୍କୃତି ଆପଣାର ଅଟେ ଅତି
ଶିଶୁ ଓଠରୁ ସେ ସ୍ୱତଃସ୍ଫୂର୍ତ୍ତ ଭାବେ ଝରି ଆସେ ଭାଷା ପ୍ରୀତି ।।
ଦରୋଟି କଥାରେ ବ୍ୟକ୍ତ କରେ ସିଏ ହୃଦୟର ଆବେଗକୁ
ମାତୃଭାଷା ଅଟେ ମାଧ୍ୟମ ତାହାରି ଭାବ ବ୍ୟକ୍ତ କରିବାକୁ ।।
ଉନ୍ନତ ହୁଏ ଦେଶ ଜାତି ସିନା ମାତୃଭାଷା ଉଚ୍ଚ ହେଲେ
ଏ କଥା ସ୍ୱଭାବ କବି ଗଙ୍ଗାଧର ସ୍ପଷ୍ଟ ଭାବେ କହି ଥିଲେ ।।
ମାତୃଭାଷା ଯଦି ମାଧ୍ୟମ ହୋଇବ ଶିକ୍ଷାଦାନ ପ୍ରଣାଳୀରେ
ବିଜ୍ଞାନପାଠ ଯେ ଅତି ସହଜରେ ବୋଧଗମ୍ୟ ହୋଇପାରେ ।।
ଛାତ୍ର ଛାତ୍ରୀଙ୍କର ମାତୃଭାଷା ପ୍ରତି ସ୍ନେହ ଶ୍ରଦ୍ଧା ଯେ ବଢ଼ିବ
ସୀମିତ ନ ହୋଇ ବିସ୍ତୃତ ହୋଇଣ ବିଶ୍ୱେ ଆଦର ଲଭିବ ।।
ମାତୃଭାଷା ଆମ ମା' ପରା ସିଏ ଜୀବନ ନିର୍ମାଣ କରେ
ତା' ପାଇଁ ଏ ପ୍ରାଣ ନିଷ୍ଠା ଓ ସାଧନ ସବୁ କିଛି କରିପାରେ ।।

*ଶାନ୍ତିପଡ଼ା, ବଲାଙ୍ଗୀର*

# ନେତାଜୀ ହେ ତୁମେ କୁଆଡ଼େ ଗଲ ?

*ଶ୍ରୀମତୀ ବିଷ୍ଣୁପ୍ରିୟା ପତି*

ନେତାଜୀ ହେ ତୁମେ କୁଆଡ଼େ ଗଲ ?
ଆମକୁ ସତେ କି ପାସୋରୀ ଦେଲ
ଦେଶ ଜାତି ପାଇଁ ସଂଗ୍ରାମ କଲ
ସ୍ୱାଧୀନ ଦେଶରେ ଆମକୁ ଛାଡ଼ି କୁଆଡ଼େ ତୁମେ ଉଭେଇ ଗଲ ?
ଗଣତନ୍ତ୍ର ନାମେ ଚାଲେ ଏଠି ଏକଛତ୍ର ଶାସନ
ସ୍ୱାଧୀନ ଭାରତେ ଆମେ ହେଲୁ ପରାଧୀନ
ନିଇତି ଚାଲେ ଏଠି ହତ୍ୟା, ଚୋରି ଆଉ ଲୁଣ୍ଠନ
ଯୌତୁକ ଜୁଇରେ ଜଳିଯାଏ ନାରୀ ପୁଣି ନାରୀ ଧର୍ଷଣ ।।
ତୁମେ ଡାକରା ଦେଇଥିଲ ଦିଲ୍ଲୀ ଚଲୋ
ଦିଲ୍ଲୀ ଯାଇ ମୁଁ ଦେଖିଲି କେଜେରିଆଲ
ନିଇତି ବଦଳାନ୍ତି ରାଜଧାନୀର ହାଲଚାଲ
ସ୍ଥିରତା ନାହିଁ ଶାସନେ ତା ପାଇଁ ଦିଲ୍ଲୀ ବେହାଲ ।।
ସେଠାରୁ ଗଲି ମୁଁ ଜଗନ୍ନାଥ ଧାମ ପୁଣି ଓଡିଶା ରାଇଜ
ଉତ୍କଳର ଶୀର୍ଷରେ କରିବା ପାଇଁ ଟିକେ ମଉଜ
ସ୍ୱପ୍ନ ଦେଖିଥିଲ ଗଢ଼ିବ ବୋଲି ରାମ ରାଇଜ
ଏବେ ଆସି ରାବଣ ମେଳରେ ରାମଟେ ଖୋଜ ।
ଶୁଣିଲି ମୁଁ ଓଡିଶା ଅଟେ ଜନ୍ମଭୂମି ତୁମର
ସେଥିପାଇଁ ମଥାନତ କଲି ଯୋଡ଼ିଣ କର
ଅନାହାରେ ମରିଛି କିଏ ଜାମା ନାହିଁ କାହାର
ନେତା ସାଜିଛି ଭକ୍ଷକ, ଅଣ୍ଡା ଫିଙ୍ଗାରେ ଚାଲିଛି ରାଜନୀତି ଏହାର ।
ପୁରାଣରେ ପଢ଼ିଥିଲି ମୁଁ ଅନେକ ଶ୍ଳୋକ ଆଉ ସ୍ମୃତି
ତନ୍ମଧ୍ୟରୁ ଗୋଟିଏ ମୁଁ ଭାଳେ ଆଜି ବସି
ଯଦା ଯଦା ହିଁ ଧର୍ମସ୍ୟ ଗ୍ଲାନିଭବତି ଭାରତ
ଅଭ୍ୟୁଥାନମ୍ ଅଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍
ପରିତ୍ରାଣାୟ ସାଧୁନାମ୍ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।
ପରିଶେଷରେ ମୁଁ ଏତିକି ଭାବେ
ସୃଷ୍ଟି ନ ହୁଅନ୍ତୁ ପଛେ କୃଷ୍ଣ ଭଗବାନ
ଉଦ୍ଧାରିବାକୁ ସଜ୍ଜନ କିମ୍ବା କରିବାକୁ ଦୁଷ୍ଟ ବିନାଶନ
କାନ୍ଦୁଛି ଆଜି ଏ ଦେଶ ଜାତିର ମନ ଦେଶ ଦେଖେ ସ୍ୱପ୍ନ
ନେତାଜୀ ହେ ତୁମେ ପୁଣି ନିଅ ପୁନର୍ଜନ୍ମ ନିଅ ପୁନର୍ଜନ୍ମ ।

*ଶିକ୍ଷୟିତ୍ରୀ (ଅଭିଭାବିକା)*

*ବୁଗୁଡ଼ା, ଗଞ୍ଜାମ*

ପରମ ସୁଖ ବଇରାଗ । ଆଶା ପରମ ଦୁଃଖ ଯୋଗ ।।

# ଶ୍ରୀପଞ୍ଚମୀ

*ସ୍ମୃତିରେଖା ବାରିକ*

ଶୀତ ସରି ସରି ଆସେ ବସନ୍ତର ଆଗମନେ
ହସଇ ଧରଣୀ ରାଣୀ କିଶଳୟ ପିଙ୍ଗଳ ବସନେ ।
ଶିରୀହରା ହୋଇଥିଲେ ନର ପଶୁ ବିହଙ୍ଗ ସକଳ
ମଧୁଋତୁ ଆଗମନେ ହରଷରେ ସକଳ ଉଚ୍ଛଳ ।
ବହିଲା ମନ୍ଦ ମରୁତ ଦକ୍ଷିଣରୁ ସୁରଭି ଆହରି
ବାସ ଚହଟଇ ବନେ ଉପବନେ କୁସୁମିତ କରି ।
ବୈକୁଣ୍ଠ ବାସ ପରିହରି ଧରଣୀରେ ବିଜେ ହେବେ ମାତ
ବିପଞ୍ଚିର ମଧୁର ଝଙ୍କାରେ ବୀଣାପାଣି ମୋହିବେ ଜଗତ ।
ବସନ୍ତ ପଞ୍ଚମୀ ଶୁଭତିଥି ଶୁଭଙ୍କର ଶୁଭ ଲଗନରେ
ଧରାରେ ଥାପିବେ ଦେବୀ ପାଦ ବିତରିବେ ବିଦ୍ୟା ସକଳରେ ।
ଧୂପ ଦୀପ ଅଗୁରୁ ଚନ୍ଦନ ସୁରଭିତ ଫୁଲ ଫଳ ଦେଇ
ପୂଜିବେ ଆଦରେ ସର୍ବଜନ ଦେବୀ ସରସ୍ୱତୀ ମହାମାୟୀ ।
ଶିଷ୍ୟଗଣ ପ୍ରଣମୀ ପାଦରେ ମାଗିବେ ଆଶିଷ ବିଦ୍ୟାଦାନ
ମହା ସରସ୍ୱତୀ କୃପାବଳେ ଆହରିବେ ବିଦ୍ୟା ମହାଧନ ।
ଶ୍ରୀ ପଞ୍ଚମୀ ଠାରୁ ମରତରେ କେତେ ମହା ଉତ୍ସବ ଲାଗିବ
ସଦ୍ୟ ଶସ୍ୟପୂର୍ଣ୍ଣ ଖଳା ବାଡ଼ି କାହା ଘରେ ନ ଥିବ ଅଭାବ ।
ଭାବମୟୀ ମାଆ ଭାବଭରେ ସନ୍ତାନରେ ସୁଖଶାନ୍ତି ଦେବେ
ଦୁଃଖଦିନ ଅଚିରେ ଘୁଞ୍ଚିବ ବର୍ଷେ ଯାଏ ନ ଫେରିବ କେବେ ।
ବସୁଧାର ନରନାରୀ ସର୍ବେ ନିରାମୟେ ରହନ୍ତୁ ସୁଖରେ
ଏତିକି ମିନତି ପାଦତଳେ ପ୍ରଣମନ୍ତୁ ତୋ ପଦ୍ମପୟରେ ।

*ଆଚାର୍ଯ୍ୟା,*
*ସ.ଶି.ବି.ମ., ବନ୍ତ*

# ହୋଲି

*ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା*

ଆସିଲାରେ ଶୀତ ଆସିଲା
ଉତ୍ତର ଦିଗରୁ କାଲୁଆ ପବନ
ଧୀରେ ଧୀରେ ଦେଖ ବହିଲା ।
ଶୀତେ ଥରିଲାଣି ସବୁରି ଦେହ
ନୁଖୁରା ଦିଶଇ ଦେହ ମୁହଁ
ସାଲ୍ ସୁଏଟର ଜ୍ୟାକେଟ କମ୍ବଳ
ପେଡ଼ିରୁ ବାହାର ହୋଇଲା ।
ଗରିବ ଲୋକଙ୍କ ଦୁଃଖର ଦିନ
ବୁଢ଼ାବୁଢ଼ୀ ପାଇଥାନ୍ତି କଷଣ
ଶୀତର ଦାଉରୁ ରକ୍ଷା ପାଇବାକୁ
ଗାଁ ଦାଣ୍ଡେ ନିଆଁ ଜଳିଲା ।
ଗରମ ଖାଦ୍ୟରେ ମନ ବଳଇ
ଥଣ୍ଡା ଚିଜମାନ ରହେ ଦୂରେଇ
ଗରମ ମୁଢ଼ି ବରା ପକୁଡ଼ି
ଖାଇବାକୁ ମନ ବଳିଲା ।
ପନି ପରିବାରେ କ୍ଷେତ ଶୋଭିତ
ସୋରିଷ ଫୁଲରେ ମନ ମୋହିତ
ମାଣବସା ସରସ୍ୱତୀ କେତେ ପୂଜା
ଆସିବାକୁ ସଜ ହୋଇଲା ।

*ପ୍ରତିନିଧି*
*ଉତ୍ତର-ପୂର୍ବ ସମ୍ଭାଗ, ଶି.ବି.ସ., ଓଡ଼ିଶା*

ଯହିଁ ଅନେକ ଲୋକ ମିଳି । ଅବଶ୍ୟ ଉପୁଜଇ କଳି ॥

**ଗୀତା ଜ୍ଞାନ**

# ଓଁ ଶ୍ରୀ ପରମାତ୍ମନେ ନମଃ



*ଶ୍ରୀ ସତ୍ୟନାରାୟଣ ପଟ୍ଟନାୟକ*

ଶ୍ରୀମଦ ଭଗବତ୍ ଗୀତାର ଦ୍ୱିତୀୟ ଅଧ୍ୟାୟର ନବମ ଶ୍ଲୋକରେ ସଂଜୟ ବର୍ଣ୍ଣନା କଲେ ଯେ ମୋହରେ ଅଭିଭୂତ ଅର୍ଜୁନ ଭଗବାନ ଗୋବିନ୍ଦଙ୍କୁ ଯୁଦ୍ଧ କରିବ ନାହିଁ ବୋଲି ସ୍ପଷ୍ଟ ଭାବରେ କହି ଚୁପ ହୋଇଗଲେ । ଅର୍ଜୁନଙ୍କ ମାନସିକ ସ୍ଥିତି ଓ ପୂର୍ବରୁ ତାଙ୍କ ଦ୍ୱାରା ଉପସ୍ଥାପିତ ଯୁକ୍ତି ଓ ବକ୍ତବ୍ୟ ଆଧାରରେ ଭଗବାନ ନିଜର ପ୍ରିୟ ଶିଷ୍ୟ ତଥା ସଖାଙ୍କର ସଂଶୟ ବିମୋଚନ କରି କର୍ତ୍ତବ୍ୟର ଠିକ୍ ବୋଧ କିପରି କରାଇବେ, ତାହା ପରବର୍ତ୍ତୀ ଦଶମ ଶ୍ଲୋକରେ ନିମ୍ନ ପ୍ରକାରେ ସୂଚନା ପ୍ରଦାନ କରାଯାଇଛି ।

'ତମୁବାଚ ହୃଷୀକେଶଃ ପ୍ରହସନ୍ନିବ ଭାରତ
ସେନୟୋରୁଭୟୋର୍ମଧ୍ୟେ ବିଷୀଦନ୍ତମିଦଂ ବଚଃ ।'

ସଂଜୟ କହୁଛନ୍ତି, ହେ ଭରତ ବଂଶୋଦ୍ଭବ ଧୃତରାଷ୍ଟ୍ର ! ଉଭୟ ସେନାଙ୍କ ମଧ୍ୟ ଭାଗରେ ବିଷାଦମଗ୍ନ ସେହି ଅର୍ଜୁନଙ୍କୁ ଅନ୍ତର୍ଯ୍ୟାମୀ ପରମାତ୍ମା ଶ୍ରୀକୃଷ୍ଣ ସହାସ୍ୟ ବଦନରେ ଏହି ବଚନ କହିଲେ ।

'ସେନୟୋରୁଭୟୋର୍ମଧ୍ୟେ' ପଦଟି ଶ୍ରୀମଦ୍ ଭଗବତ ଗୀତାରେ ତିନିଥର ପ୍ରୟୋଗ କରାଯାଇଛି । ପ୍ରଥମ ଅଧ୍ୟାୟରେ ଦୁଇ ଥର ଏବଂ ଦ୍ୱିତୀୟ ଅଧ୍ୟାୟରେ ଏକବାର ଏହି ପଦର ଉଲ୍ଲେଖ ରହିଛି । ଏହାର ବିଶେଷ ତାତ୍ପର୍ଯ୍ୟ ରହିଛି । କୁରୁକ୍ଷେତ୍ରରେ ଉପସ୍ଥିତ ଯୋଦ୍ଧାମାନଙ୍କୁ ନିରୀକ୍ଷଣ କରିବା ଅଭିଳାଷରେ ଅର୍ଜୁନ ଉତ୍ସାହ ଓ ବୀରତ୍ୱର ସହ ସାରଥି ଶ୍ରୀକୃଷ୍ଣଙ୍କୁ ନିଜର ଦିବ୍ୟରଥକୁ ଦୁଇ ସେନାଙ୍କ ମଧ୍ୟରେ ସ୍ଥାପନ କରିବାକୁ କହିଲେ । ସେହି ଦୁଇ ସେନାଙ୍କ ମଧ୍ୟ ସ୍ଥଳରେ ନିଜର ବନ୍ଧୁପରିଜନମାନଙ୍କୁ ଦେଖିବା ପରେ ଅର୍ଜୁନ ମୋହର ଆବେଗରେ ଶୋକାଭିଭୂତ ହୋଇ କର୍ତ୍ତବ୍ୟକୁ ଭୁଲିଗଲେ । ବର୍ତ୍ତମାନ ଦୁଇ ସେନାଙ୍କ ମଧ୍ୟ ଭାଗରେ କୁରୁକ୍ଷେତ୍ରର ପାବନ ଭୂମି ଉପରେ ରଥାରୂଢ଼ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ମାଧ୍ୟମରେ ଜଗତ କଲ୍ୟାଣକାରୀ ଗୀତା ଉପଦେଶବାଣୀ ପ୍ରଦାନ କରିବା ଆରମ୍ଭ କରୁଛନ୍ତି ।

ଉପରୋକ୍ତ ଶ୍ଲୋକରେ ଶବ୍ଦ ସଂଯୋଜନା ଅତ୍ୟନ୍ତ ବିଲକ୍ଷଣ । ଏହି ଶ୍ଲୋକରେ ବ୍ୟବହୃତ ପଦଗୁଡିକ ଭଗବତ ଗୀତାରେ ପରବର୍ତ୍ତୀ କଥନ ଓ ଉପଦେଶର ଆଧାର ଯାହାର ପୃଷ୍ଠଭୂମିରେ ଭଗବାନ ଅର୍ଜୁନଙ୍କୁ ମାର୍ଗଦର୍ଶନ କରାଇଛନ୍ତି । 'ତମ' ଶବ୍ଦଟି ସେହି ଅର୍ଜୁନଙ୍କ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଛି ଯେ କି ମୋହବଶତଃ ନିଜର କର୍ତ୍ତବ୍ୟକୁ ନିଜର ଧର୍ମକୁ ପାସୋରି ଦେଉଛନ୍ତି । କିନ୍ତୁ ସେ କ୍ଷତ୍ରୀୟ ଶିରୋମଣି, କୁନ୍ତୀ ସଦୃଶ ମାତାଙ୍କର ସନ୍ତାନ, ଶ୍ରେଷ୍ଠ ଧନୁର୍ଦ୍ଧର ତଥା ଅନେକ ଦିବ୍ୟଗୁଣମାନଙ୍କ ଅଧିକାରୀ ଅଟନ୍ତି । ଏଠାରେ 'ବିଷୀଦନ୍ତମ୍' ପଦର ପ୍ରୟୋଗ କରାଯାଇ ବୀର ମଧ୍ୟମ ପାଣ୍ଡବଙ୍କର ସେହି ଦୁର୍ବଳ ଅବସ୍ଥାକୁ ସୂଚିତ କରାଯାଇଛି ଯେଉଁ କାରଣରୁ ହିଁ ଭଗବାନଙ୍କ ଦ୍ୱାରା ଗୀତା ଉପଦେଶର ଆବଶ୍ୟକତା ଅନୁଭୂତ ହୋଇଛି ।

**ପୁତ୍ର କଳତ୍ର ପଶୁ ଦାସେ । ଏହାଙ୍କୁ ପୋଷି ଦେହ ଆଶେ ॥**

ଭଗବାନ ଶ୍ରୀକୃଷ୍ଣ ଏଠାରେ ସ୍ମିତହାସ୍ୟ ପ୍ରକଟ ପୂର୍ବକ ନିଜର ଅମିୟ ବଚନର ଶୁଭାରମ୍ଭ କରିବାକୁ ଯାଉଛନ୍ତି । ନିଜର ବକ୍ତବ୍ୟ ଆରମ୍ଭରେ ଭଗବାନଙ୍କର ମୃଦୁହାସ୍ୟର କାରଣ ନିଶ୍ଚିତ ଭାବରେ ରହିଛି । ଯୁଦ୍ଧ କରିବା ଇଚ୍ଛାରେ କୁରୁକ୍ଷେତ୍ରରେ ଦଣ୍ଡାୟମାନ ଅର୍ଜୁନ ପରବର୍ତ୍ତୀ ସମୟରେ ଜ୍ଞାତିକୁଟୁମ୍ବଙ୍କ ପ୍ରତି କୃପା ପରବଶ ହୋଇ ଯୁଦ୍ଧ କରିବାକୁ ମନା କଲେ । ନିଜର ନିର୍ଣ୍ଣୟ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିବା ପରେ ଦ୍ୱିଧାଗ୍ରସ୍ତ ହୋଇ ଭଗବାନଙ୍କ ଶରଣାଗତ ହୋଇ ତାଙ୍କର ଶିଷ୍ୟତ୍ୱ ମଧ୍ୟ ଗ୍ରହଣ କରି ଶ୍ରୀକୃଷ୍ଣଙ୍କୁ ମାର୍ଗଦର୍ଶନ କରିବାକୁ ଅନୁରୋଧ କଲେ । କିନ୍ତୁ ଏହା ପରେ ପୁନଶ୍ଚ ନିଜର ନିର୍ଣ୍ଣୟ ମୁଁ ଯୁଦ୍ଧ କରିବି ନାହିଁ ଶୁଣାଇ ଦେଇ ଚୁପ ରହିଲେ । ଅର୍ଜୁନଙ୍କ ସଦୃଶ କ୍ଷତ୍ରୀୟ ବୀରଙ୍କର ବ୍ୟବହାର ଓ ମନୋଭାବର ଏ ପ୍ରକାର ପରିବର୍ତ୍ତନ ଲକ୍ଷ୍ୟ କରି ଭଗବାନଙ୍କୁ ହସ ଲାଗିଲା । କାରଣ ଶରଣାଗତ ଶିଷ୍ୟର ଧର୍ମ ହେଲା ସେ ଯାହାର ଶରଣରେ ଯାଉଛନ୍ତି ତାଙ୍କର ଆଦେଶକୁ ଅପେକ୍ଷା କରିବା । କିନ୍ତୁ ଅର୍ଜୁନ ନିଜର ନିର୍ଣ୍ଣୟ ଏକତରଫା ଭାବରେ ଶୁଣାଇଦେଲେ । 'ଇବ' ଶବ୍ଦର ତାତ୍ପର୍ଯ୍ୟ ଏହି କି ଯେ ଭଗବାନଙ୍କୁ ଅର୍ଜୁନଙ୍କର ଏତାଦୃଶ ବ୍ୟବହାର ଦେଖି ଜୋରରେ ହସ ଲାଗୁଥିଲେ ମଧ୍ୟ ସେ ଆସ୍ତେ ଆସ୍ତେ ହସୁଥିଲେ । ଶ୍ରୀକୃଷ୍ଣଙ୍କ ଶ୍ରୀମୁଖରେ ଏହି ମୃଦୁହାସ୍ୟ ସ୍ୱତନ୍ତ୍ର ଓ ଅତ୍ୟନ୍ତ ମନମୋହକାରୀ ତଥା ଏହାର ଗଭୀରତା ଆକଳନ ସାଧାରଣ ମାନବ ପକ୍ଷରେ ଦୁଷ୍କର ।

ଅର୍ଜୁନଙ୍କର ବିକ୍ଷିପ୍ତ ମାନସିକ ସ୍ଥିତି ଯେ ତାଙ୍କର ବ୍ୟକ୍ତିତ୍ୱ ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ, ଏହା ଠିକ୍ ଭାବରେ ଶ୍ରୀକୃଷ୍ଣ ଜାଣିଥିଲେ । କାରଣ ସେ ଅର୍ଜୁନଙ୍କର ଅନ୍ତରର କଥା ଜାଣନ୍ତି । ତେଣୁ ଏହି ଶ୍ଳୋକରେ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ 'ହୃଷୀକେଶ' ବିଶେଷ୍ୟର ପ୍ରୟୋଗ କରାଯାଇଛି କାରଣ ସେ ଇନ୍ଦ୍ରିୟମାନଙ୍କ ଅଧୀଶ୍ୱର ଏବଂ ହର୍ଷ, ସୁଖ ଓ ପରମ ଐଶ୍ୱର୍ଯ୍ୟର ନିଧାନ ଅଟନ୍ତି । ମହାଭାରତର ଉଦ୍ୟୋଗ ପର୍ବରେ ଉଲ୍ଲେଖ ରହିଛି ଯେ, ହର୍ଷ (ହୃଷୀ) ସୁଖ (କ) ଓ ଐଶ୍ୱର୍ଯ୍ୟ (ଇଶ)ର ଯେ ନିଧାନ ସେ ହୃଷୀକେଶ ଅଟନ୍ତି ।

'ହର୍ଷାତ୍ ସୁଖାତ୍ ମୁଖୈଶ୍ୱର୍ଯ୍ୟାତ ହୃଷୀକେଶ ତ୍ୱମ୍ ଅଶ୍ନୁତେ ।'

ହରିବଂଶରେ କୁହାଯାଇଛି ଯେ, ହେ କେଶବ ! ଆପଣ ଇନ୍ଦ୍ରୀୟ (ହୃଷୀକ) ମାନଙ୍କ ସ୍ୱାମୀ (ଈଶ) ତେଣୁ ଦେବତାମାନଙ୍କ ମଧ୍ୟରେ ଆପଣ 'ହୃଷୀକେଶ' ଭାବରେ ବିଖ୍ୟାତ ଅଟନ୍ତି । ତେଣୁ ଶ୍ରୀକୃଷ୍ଣ ଅନ୍ତର୍ଯ୍ୟାମୀ ତଥା ମନ, ବୁଦ୍ଧି ଓ ଇନ୍ଦ୍ରୀୟ ଆଦିଙ୍କର ପ୍ରେରକ ଅଟନ୍ତି ।

ଆଲୋଚ୍ୟ ଶ୍ଳୋକଟିରେ ସ୍ଥାନିତ ଇଦମ୍ ବଚ (ଏହିପରି କହିଲେ) ପଦଟିର ଏକ ସ୍ୱତନ୍ତ୍ର ଭାବ ରହିଛି । ଦ୍ୱିତୀୟ ଅଧ୍ୟାୟର ୧୧ତମ ଶ୍ଳୋକ ଠାରୁ ଭଗବାନ ଶ୍ରୀକୃଷ୍ଣ ଯେଉଁ ରହସ୍ୟମୟ ତଥା ଅଲୌକିକ ଜ୍ଞାନ ପ୍ରକଟ କରିବେ ତାହାକୁ ଲକ୍ଷ୍ୟ କରି ଏହି ପଦଟି ଏଠାରେ ପ୍ରୟୋଗ କରାଯାଉଛି ।

ଶ୍ରୀମଦ୍ ଭଗବତ ଗୀତାର ଦ୍ୱିତୀୟ ଅଧ୍ୟାୟର ୧୧ତମ ଶ୍ଳୋକରୁ ଶ୍ରୀକୃଷ୍ଣଙ୍କ ବାଣୀ (ଭଗବାନ ଉବାଚ)ର ଆୟମାରମ୍ଭ ହୋଇଛି କହିଲେ କିଛି ଭୁଲ ହେବ ନାହିଁ । କାରଣ ଏହି ଶ୍ଳୋକରୁ ହିଁ ଗୀତା ପ୍ରବଚନର ଆରମ୍ଭ । ଏହା ପୂର୍ବରୁ ସଞ୍ଜୟଙ୍କ ମାଧ୍ୟମରେ ଭଗବାନଙ୍କ ଉକ୍ତି ପ୍ରଥମ ଅଧ୍ୟାୟର ୩୧ତମ ଶ୍ଳୋକରେ ଓ ଦ୍ୱିତୀୟ ଅଧ୍ୟାୟର ପ୍ରଥମ ଶ୍ଳୋକରେ ରହିଛି । ଦ୍ୱିତୀୟ ଅଧ୍ୟାୟର ୨ୟ ଓ ୩ୟ ଶ୍ଳୋକ ଦୁଇଟି ଶ୍ରୀ ଭଗବାନଙ୍କ ଦ୍ୱାରା କଥିତ । ପରନ୍ତୁ ଏହି ଦୁଇଟି ଶ୍ଳୋକରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ପ୍ରତି କିଛି କଠୋର ଶବ୍ଦ ପ୍ରୟୋଗ କରି ଲୌକିକ ନିର୍ଯ୍ୟାସ ମାଧ୍ୟମରେ ତାଙ୍କୁ ଜାଗ୍ରତ କରିବାକୁ ପ୍ରୟାସ କରିଛନ୍ତି, ଯାହାକି ଫଳପ୍ରଦ ହୋଇପାରି ନାହିଁ ।

ଶ୍ରୀକୃଷ୍ଣ ଯେ ଭଗବାନ ଅଟନ୍ତି । ଏହା ଉଲ୍ଲେଖ କରିବା ବାହୁଲ୍ୟ ମାତ୍ର । ପରମ ଗ୍ରନ୍ଥ ଭାଗବତରେ କୁହାଯାଇଛି ଯେ କୃଷ୍ଣ ହିଁ ଭଗବାନ ଅଟନ୍ତି ।

'ଏ ତେ ଚାଂଶକଳା ପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟମ୍
ଇନ୍ଦ୍ରାରି ବ୍ୟାକୁଳମ୍ ଲୋକେମ୍ ମୃଦୟାନ୍ତି ଯୁଗେ ଯୁଗେ ।'

ଶ୍ରୀକୃଷ୍ଣଙ୍କ ନିକଟରେ ପରମ ଐଶ୍ୱର୍ଯ୍ୟ ଧର୍ମ, ଯଶ, ଶ୍ରୀ ଜ୍ଞାନ ଓ ବୈରାଗ୍ୟ ଏହି ଛଅ ପ୍ରକାର ବିଶେଷ ଗୁଣ ନିତ୍ୟ ବିରାଜମାନ, ତେଣୁ ସେ ଭଗବାନ ପଦବାଚ୍ୟ । ବିଷ୍ଣୁ ପୁରାଣରେ ଏହାର ଉଲ୍ଲେଖ ରହିଛି ।

'ଐଶ୍ୱର୍ଯ୍ୟସ୍ୟ ସମଗ୍ରସ୍ୟ ଧର୍ମସ୍ୟ ଯଶସଃ ପ୍ରିୟଃ
ଜ୍ଞାନ ବୈରାଗ୍ୟୟୋର୍ଶ୍ଚୈବ ଷଣ୍ଣାମ୍ ଭଗ ଇତି ସ୍ମୃତଃ ।'

ଶ୍ରୀମଦ ଭାଗବତ, ହରିବଂଶ, ମହାଭାରତ, ଗର୍ଗ ସହିଂତା ବିଷ୍ଣୁପୁରାଣ, ପଦ୍ମପୁରାଣ, ସ୍କନ୍ଦ ପୁରାଣ ଓ ବ୍ରହ୍ମ ବୈବର୍ତ୍ତ ପୁରାଣ ମାନଙ୍କରେ ଶ୍ରୀକୃଷ୍ଣଙ୍କର ଦିବ୍ୟଲୀଳାର ଯେଉଁ ବର୍ଣ୍ଣନ ରହିଛି ସେଥିରୁ ପ୍ରମାଣିତ ହୁଏ ଯେ ଶ୍ରୀକୃଷ୍ଣ ହିଁ ସ୍ୱୟମ୍ ଭଗବାନ ଅଟନ୍ତି । ଯେ ଭୂତଗଣଙ୍କ ଉତ୍ପତ୍ତି ଓ ଇହଲୋକରେ ଆଗମନ, ପରଲୋକରେ ଗତି, ବିଦ୍ୟା ଓ ଅବିଦ୍ୟା ସବୁ କିଛି ଜାଣନ୍ତି ସେ ଭଗବାନ ଅଟନ୍ତି ଅର୍ଥାତ ଯେ ଜଗତର ସୃଷ୍ଟି, ସ୍ଥିତି ଓ ପ୍ରଳୟର କର୍ତ୍ତା ସେ ହିଁ ଭଗବାନ ।

'ଉତ୍ପତ୍ତି ପ୍ରଳୟ ଚ ଏବ ଭୂତାନାମ୍ ଅଗତିଂ ଗତିମ୍
ବେତ୍ତି ବିଦ୍ୟାମ୍ ଅବିଦ୍ୟାମ୍ ଚ ସ ବାଚ୍ୟୋ ଭଗବାନ ଇତି ।'

ଭଗବତ୍ତାର ସମସ୍ତ ଲକ୍ଷଣ ଶ୍ରୀକୃଷ୍ଣଙ୍କ ନିକଟରେ ଯେ ବିଦ୍ୟମାନ ଏହା ଗୀତା ଅବଲୋକନ ଦ୍ୱାରା ପ୍ରମାଣିତ । ଭଗବତ ଗୀତାର ୭ମ ଅଧ୍ୟାୟର ୨୬ତମ ଶ୍ଳୋକରେ ଶ୍ରୀକୃଷ୍ଣ କହିଛନ୍ତି ଯେ - ମୁଁ ଭୂତ କାଳର ବର୍ତ୍ତମାନର ଓ ଭବିଷ୍ୟତର ସମସ୍ତ ପ୍ରାଣୀଙ୍କୁ ଜାଣେ ।

'ବେଦାହଂ ସମତୀତାନି ବର୍ତ୍ତମାନାନି ଚାର୍ଜୁନ
ଭବିଷ୍ୟାଣି ଚ ଭୂତାନି ମାଂ ତୁ ବେଦ ନ କଶ୍ଚନ ।'

୪ର୍ଥ ଅଧ୍ୟାୟର ଷଷ୍ଠ ଶ୍ଳୋକରେ ମଧ୍ୟ ଶ୍ରୀକୃଷ୍ଣ ନିଜ ପ୍ରାକଟ୍ୟ ସମ୍ବନ୍ଧରେ କହିଛନ୍ତି ଯେ ମୁଁ ସମସ୍ତ ପ୍ରାଣୀଙ୍କର ଈଶ୍ୱର ହେଲେ ମଧ୍ୟ ନିଜର ମାୟା ବଳରେ ଅବତାର ଗ୍ରହଣ କରିଥାଏ ।

ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମ୍ ଈଶ୍ୱରୋଽପି ସନ୍
ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ।

ଶ୍ରୀକୃଷ୍ଣଙ୍କ ଈଶ୍ୱରତ୍ୱ ପ୍ରତିପାଦିତ ହୋଇଛି ଶ୍ରୀମଦ ଭଗବତ ଗୀତାର ବିଭିନ୍ନ ଶ୍ଳୋକରେ ବର୍ଣ୍ଣିତ ବିଭୂତି ମାଧ୍ୟମରେ । ଯେଉଁ ତତ୍ତ୍ୱକୁ ଜାଣିଗଲେ ଅମରତ୍ୱ ପ୍ରାପ୍ତି ହୁଏ, ସେହି ଜ୍ଞେୟ ତତ୍ତ୍ୱ ହେଉଛି ମୁଁ । ସମସ୍ତ ବେଦମାନଙ୍କ ଦ୍ୱାରା ଜାଣିବା ଯୋଗ୍ୟ ତତ୍ତ୍ୱ ମୁଁ ହିଁ ଅଟେ ।

କୃଷ୍ଣର ଅଭୟ ଚରଣ । ଅଶେଷ ଦୁଃଖ ନିବାରଣ ॥
ସକଳ କୃଷ୍ଣେ ସମର୍ପିତ । ନିଷ୍କାମ ଚିତ୍ତେ ନିତ୍ୟେ ଥିବ ॥
ଏ ଭାବେ ଲଭି କୃଷ୍ଣପାଦ । ହରିବ ବିଷୟ ବିଷାଦ ॥

*ପୂର୍ବତନ କୋଷାଧ୍ୟକ୍ଷ*
*ଶିକ୍ଷା ବିକାଶ ସମିତି, ପୂର୍ବ ସମ୍ଭାଗ*

## ସୁଭାଷିତମ୍ :-

**ପାଳୟାମି ଗୁରୋର୍ବାକ୍ୟଂ, ପ୍ରିୟଂ ସତ୍ୟଂ ବଦାମି ଚ ।**
**କ୍ରୀଡ଼ାମି କନ୍ଦୁକେନାହଂ, ମିତ୍ରୈଃ ସହ ସୁବାଳକଃ ॥**

## ଭାବାର୍ଥଃ :-

**ଅହମ୍ ଉତ୍ତମଃ ବାଳକଃ ଅସ୍ମି । ଅହଂ ଗୁରୋଃ ବାକ୍ୟଂ ପାଳୟାମି । ଅହଂ ସର୍ବଦା ପ୍ରିୟବଚନଂ ସତ୍ୟବଚନଂ ଚ ବଦାମି । ଅହଂ ମମ ମିତ୍ରୈଃ ସହ କନ୍ଦୁକେନ କ୍ରୀଡ଼ାମି ।**

**ଆମ ମହାପୁରୁଷ**

# ଶ୍ରୀ ଶ୍ରୀ ଅଭିରାମ ପରମହଂସ - ଏକ ଆଲୋକପାତ

*ଶ୍ରୀମତୀ ରୀତାମଣି ବେହେରା*

ପୁରୀ ଜିଲ୍ଲାର ବ୍ରହ୍ମଗିରି ଥାନା ଅନ୍ତର୍ଗତ ଚିଲିକାରୁ ବାହାରିଥିବା ଏକ ଶାଖା ନଦୀ ଲୁଣା (ସରସ୍ୱତୀ)ର ତୀରବର୍ତ୍ତୀ କଣାସ ଅଞ୍ଚଳର କରମଳା, ଭୋଇପଡ଼ା ଗ୍ରାମରେ ୧୯୦୪ ମସିହା ଜାନୁୟାରୀ ୧୭ ତାରିଖ ମାଘମାସ ତ୍ରିବେଣୀ ଅମାବାସ୍ୟା ସୋମବାର ଦିନ ଭୂମିଷ୍ଠ ହୋଇଥିଲେ ଶ୍ରୀ ଅଭିରାମ । ମାତା ରାଧାଦେବୀ ଓ ପିତା ସତ୍ୟବାଦୀ ପଟ୍ଟନାୟକଙ୍କର ୩ୟ ତଥା କନିଷ୍ଠ ପୁତ୍ର ଭାବରେ କୋଳମଣ୍ଡନ କରିଥିଲେ ଶ୍ରୀ ଅଭିରାମ । ବାତ୍ସଲ୍ୟମୟୀ ମାତା ଶ୍ରଦ୍ଧାରେ ତାଙ୍କୁ ଡାକୁଥିଲେ ବିନୋରୀ । ଶ୍ରୀ ଅଭିରାମଙ୍କ ଶିକ୍ଷା ପ୍ରାଥମିକ ବିଦ୍ୟାଳୟରେ ପରିସମାପ୍ତ ହୋଇଥିଲେ ମଧ୍ୟ ନିଜର ଦିବ୍ୟ ଐଶୀ ଶକ୍ତି, ଅସାଧାରଣ ଧୀମତ୍ତା ଏବଂ ପ୍ରତ୍ୟକ୍ଷ ଅନୁଭବ ବଳରେ ସେ ଅସୀମଜ୍ଞାନର ଅଧିକାରୀ ହୋଇଥିଲେ ।

ପୁରୀ ଜିଲ୍ଲାର ବ୍ରହ୍ମଗିରି ନିକଟସ୍ଥ ଖାଣ୍ଡବ ବନରେ ଦୀର୍ଘ ସମୟ ଧରି ତପସ୍ୟା କରି ଶ୍ରୀ ଅଭିରାମ ମାତ୍ର ୧୯ ବର୍ଷ ବୟସରେ ପୌର୍ଣ୍ଣମାସୀଙ୍କ (ବନଦୁର୍ଗା) ଠାରୁ ଆଧ୍ୟାତ୍ମିକ ଜ୍ଞାନର ଅଧିକାରୀ ହୋଇ ପରମହଂସ ରୂପେ ବିବେଚିତ ହୋଇଥିଲେ । ଏହା ପରେ ସେ ମାତା ରାଧାଦେବୀଙ୍କ ଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ ନିମନ୍ତେ ଅନୁମତି ଲୋଡ଼ିଥିଲେ । ମାତା ସର୍ତ୍ତ ରଖିଥିଲେ, ସେ ବଞ୍ଚିଥିବା ପର୍ଯ୍ୟନ୍ତ ଯେପରି ପୁତ୍ରକୁ ପ୍ରତ୍ୟହ ପାଖରେ ଦେଖିପାରୁଥିବେ । ଫଳସ୍ୱରୂପ ସେ କରମଳା ଗ୍ରାମ ସନ୍ନିକଟରେ ଥିବା ଶ୍ମଶାନରେ ନିଜର ଆଶ୍ରମ ନିର୍ମାଣ କରି ସାଧନା ପୀଠରେ ପରିଣତ କରିଥିଲେ । ମାଆଙ୍କ ଠାରୁ ଯେତେ ଦୂରକୁ ଯାଉଥିଲେ ମଧ୍ୟ ନିଜର ଦିବ୍ୟ ଐଶୀଶକ୍ତି ବଳରେ ସେ ପ୍ରତ୍ୟହ ମାତାଙ୍କ ନିକଟକୁ ଆସି ଦେଖା କରୁଥିଲେ ।

ଖାଣ୍ଡବବନରୁ ମା' ପୌର୍ଣ୍ଣମାସୀଙ୍କ ଠାରୁ ସିଦ୍ଧିପ୍ରାପ୍ତ ପରେ ୧୯୨୩ ରୁ ୧୯୨୫ ମସିହା ପର୍ଯ୍ୟନ୍ତ କ୍ଷୁଧା ଓ ତୃଷ୍ଣାକୁ ଜୟ କରି କେବଳ ଖଣ୍ଡେ କୈପୀନ ଓ ଅଙ୍ଗୀ ପରିଧାନ ପୂର୍ବକ ନିବିଡ ଅରଣ୍ୟ ଓ ପାହାଡ଼ ପର୍ବତ ମଧ୍ୟରେ ଗଞ୍ଜାମ, ଢେଙ୍କାନାଳ ଓ କଟକ ଜିଲ୍ଲା ଭ୍ରମଣ କରିଥିଲେ । କଟକ ଜିଲ୍ଲାର ଜଳୌକା ଗୁମ୍ଫାରେ ସେ କିଛି ଦିନ ଅବସ୍ଥାନ କରିଥିଲେ ଏବଂ ଏହାର ନିକଟବର୍ତ୍ତୀ ସିଦ୍ଧଗିରି ଛତିଆ ବଟର ସାଧକ ହାଡୁ ଦାସଙ୍କ ଠାରୁ ବୈଷ୍ଣବ ଧର୍ମର ପରମ୍ପରା ରକ୍ଷା କରି ଲୌକିକ ମତରେ ଦୀକ୍ଷା ଗ୍ରହଣ କରିଥିଲେ । ୧୯୨୫ ମସିହାରେ କଲିକତାର ଶଙ୍କରାଏଲକୁ ଯାଇ ଓଡ଼ିଶା ଶ୍ରମିକମାନଙ୍କ ବସ୍ତିରେ ଅବସ୍ଥାନ କରି ଭାଗବତ ଜ୍ଞାନ ଓ ଐଶିଶକ୍ତିର ପ୍ରକାଶ କରାଇଥିଲେ । ଫଳସ୍ୱରୂପ, ଶଙ୍କରାଏଲର ବୈକୁଣ୍ଠ, ପ୍ରଭାକର, କଣ୍ଡୁରି, ଜଗନ୍ନାଥ, ଭରତ ଓ ପୂର୍ଣ୍ଣାନନ୍ଦ ଇତ୍ୟାଦି ଶିଷ୍ୟମାନେ ସଂସାରର ସମସ୍ତ ବିଷୟ ବାସନା ପରିତ୍ୟାଗ କରି କରମଳା ଆସି ଶ୍ରୀ ଠାକୁରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସନ୍ନ୍ୟାସ ଗ୍ରହଣ କଲେ । ୧୯୨୭ ରୁ ୧୯୩୩ ମସିହା ଠାକୁର ଶ୍ରୀ ଅଭିରାମ ପରମହଂସ ଶିଷ୍ୟମାନଙ୍କ ଗହଣରେ ପଦଯାତ୍ରା କରି ସନାତନ ଧର୍ମ ଦର୍ଶନର ପ୍ରଚାର କରି ଏକ ନୂତନ ଜାଗରଣ ସୃଷ୍ଟି କଲେ । କଟକ ଜିଲ୍ଲାର ବାଇଶି ମଉଜାର ଇଚ୍ଛାପୁର ଥିଲା ଠାକୁରଙ୍କ ପ୍ରଥମ ପ୍ରଚାର କେନ୍ଦ୍ର, ଯେଉଁଠାରେ କି ସେ କଳିଭାଗବତର ପ୍ରଥମ ଛଅ ଅଧ୍ୟାୟ ରଚନା କରିଥିଲେ । ଲେଖିବା ସମୟରୁ ସେ କହିଥିଲେ ଯେ, 'କଳି ଭାଗବତ ଲେଖା ହେଲା ମୁଁ ମାମୁ ଘରକୁ ଯିବି ।' ଏଥିରେ ଧର୍ମତତ୍ତ୍ୱ ଆଲୋଚନା କ୍ରମରେ ସ୍ୱାଧୀନତା ଆନ୍ଦୋଳନ ସତ୍ୟାଗ୍ରହ ଓ ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତ ଆଗକୁ ସ୍ୱାଧୀନତା ଲାଭ କରିବ ଇତ୍ୟାଦି ବିଷୟରେ ଭବିଷ୍ୟବାଣୀ ପ୍ରକାଶ କରିଥିବାରୁ ଶ୍ରୀ ଅଭିରାମ ପରମହଂସ ରାଜଦ୍ରୋହ ଅପରାଧରେ ଗୋରା ସରକାରଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହେଲେ । ତତ୍କାଳୀନ ଛତ୍ରପୁର ଜିଲ୍ଲା କଲେକ୍ଟର A.F.W. Dixonଙ୍କ କୋର୍ଟରେ ମୋକଦ୍ଦମା ବିଚାର ହୋଇଥିଲା । ଏହି ଐତିହାସିକ ସମୟରେ ବରେଣ୍ୟ ପଣ୍ଡିତ ନୀଳକଣ୍ଠ ଦାସ, ଶ୍ରୀ ବିଶ୍ୱନାଥ ଦାସ (ପରବର୍ତ୍ତୀ କାଳରେ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ) ଉପସ୍ଥିତ ଥିଲେ । କଲିକତା ବିଶ୍ୱ ବିଦ୍ୟାଳୟର ଓଡ଼ିଆ ସାହିତ୍ୟ ପ୍ରଫେସର ପଣ୍ଡିତ ବିନାୟକ ମିଶ୍ର ବିଶେଷଜ୍ଞ ରୂପେ ସାକ୍ଷ୍ୟ ଦେବାକୁ ଆସିଥିଲେ । ଠାକୁରଙ୍କର ଲେଖାର ଅର୍ଥ କରୁଥିଲେ

ଯାବତ ମୃତ୍ୟୁ ଅଛି ଦୂରେ । ସୁନ୍ଦର ଯୁବା କଳେବରେ ।।

ଆଇନଜୀବୀ ଉତ୍କଳପ୍ରେମୀ ଶ୍ରୀ ଜଗବନ୍ଧୁ ସିଂହ । ଠାକୁରଙ୍କର ତରଫରୁ ମୋକଦ୍ଦମା ଲଢୁଥିଲେ ଶ୍ରୀ ରମଣ ମୂର୍ତ୍ତି । ଠାକୁର ଶ୍ରୀ ଅଭିରାମ ପରମହଂସଙ୍କ ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ ଦାସ ନିଜର ପୁସ୍ତକ ଗୀତା ଭାଷ୍ୟର ମୁଖବନ୍ଧ (ଗୀତା ପ୍ରବେଶ)ରେ ଲେଖିଛନ୍ତି - କଳି ଭାଗବତକାରଙ୍କର ଅସଂଖ୍ୟ ଶିଷ୍ୟ । ସେ ଲୋକଙ୍କର ଲୋକ । ଦର୍ପୀ, ଦାମ୍ଭିକ, ପଣ୍ଡିତ, ଶିକ୍ଷିତଙ୍କ ଲୋକ ନୁହନ୍ତି । ଦେଶର ପଲ୍ଲୀ ତାଙ୍କ ରାଜ୍ୟ, ସେଠାରେ ତାଙ୍କ ମୁଖପଦ୍ମ ନିର୍ଗଳିତ 'ଜୀବପରମ ତତ୍ତ୍ୱ', ତାଙ୍କ ସଙ୍କେତରେ ଶୁଣିବାକୁ ଲୋକେ ତୃଷିତ । ସେଇ ଏ ଭୂମିର ଧର୍ମ ନେତା । କାହାରି ଧର୍ମ ବା ବିଶ୍ୱାସରେ ବିରୋଧ, ବିରାଗ ତାଙ୍କର ନାହିଁ । ସେହି ଏକା ଧର୍ମରେ ଆଚାରରେ ଯଥାର୍ଥ ସାମ୍ୟ ଓ ସମାଧାନର ଜୀବନ୍ତ ବିଗ୍ରହ । ଏ ଯୁଗରେ ଏ ଦେଶ ସଂସ୍କୃତିର ସେ ଉଦାହରଣ ମାତ୍ର ହେଲେ ହେଁ ମହୀୟାନ । ସାମ୍ୟଧର୍ମର ସମାଧାନର ଏପରି ଜୀବନ୍ତ ଓ ଜ୍ୱଳନ୍ତ ଜ୍ୟୋତିମାନେ ଏ ଦେଶ ସଂସ୍କୃତିର ଯଥାର୍ଥ ମେରୁଦଣ୍ଡ ।

ପଣ୍ଡିତ ନୀଳକଣ୍ଠ ନିଜର ପ୍ରଚଣ୍ଡ ଧୀଶକ୍ତି ଓ ତୀକ୍ଷଣ୍ ଅନ୍ତର୍ଦୃଷ୍ଟି ବଳରେ ଶ୍ରୀ ଠାକୁରଙ୍କ ବ୍ୟକ୍ତିତ୍ୱକୁ ଯଥାର୍ଥ ଆକଳନ କରିପାରିଲେ । ବିଚାର ପରେ ଶ୍ରୀ ଅଭିରାମ ଜଣେ ସତ୍ୟାଗ୍ରହୀ ଦେଶପ୍ରେମୀ ଭାବରେ ୧୩.୧୨.୧୯୩୪ ଠାରୁ ୧.୧୧.୧୯୩୫ରିଖ ପର୍ଯ୍ୟନ୍ତ ରାଜମହେନ୍ଦ୍ରୀ ଜେଲରେ କାରାବରଣ କରିଥିଲେ । ଏହି ସମୟରେ ସେ ନିଜର ଭଗବତ ଜ୍ଞାନ ଓ ଐଶୀ ଶକ୍ତିର ପ୍ରଭାବ କାରଣରୁ ଜେଲ କର୍ତ୍ତୃପକ୍ଷ ଏବଂ କଏଦୀମାନଙ୍କ ନିକଟରେ ପୂଜ୍ୟ ହୋଇପାରିଥିଲେ ତଥା ଶ୍ରୀ ଅଭିରାମ ଜଣେ ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ, ଅପ୍ରମିତ ଅଲୌକିକ ଶକ୍ତି ସମ୍ପନ୍ନ ସନ୍ନ୍ୟାସୀ ଭାବରେ ଓଡ଼ିଶାର ପୁରପଲ୍ଲୀରେ ବେଶ ପରିଚିତ ହୋଇପାରିଥିଲେ । କାରାମୁକ୍ତ ପରେ ୧୯୩୫ରୁ ୧୯୩୮ ମସିହା ପର୍ଯ୍ୟନ୍ତ ସେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଭ୍ରମଣ କରି ସନାତନ ଧର୍ମର ବାଣୀ ପ୍ରଚାର କରି ବହୁ ବ୍ୟକ୍ତିଙ୍କୁ ଅନୁପ୍ରାଣିତ କରିଥିଲେ । ୧୯୩୮ ଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ, ବୁଧବାର ୨୭.୧୧.୧୯୬୩ ଅର୍ଥାତ୍ ତାଙ୍କର ମହାପ୍ରୟାଣ ପର୍ଯ୍ୟନ୍ତ ଶ୍ରୀଠାକୁର କରମଳା ଶାନ୍ତି ଆନନ୍ଦାଶ୍ରମଠାରେ ସ୍ଥାୟୀ ଭାବରେ ଅବସ୍ଥାନ କରିଥିଲେ । ସେହି ଠାରେ ରହି ସେ ସନାତନ ଧର୍ମର ଉଦ୍‌ଗାତା ସାଜିଲେ । ଲକ୍ଷ ଲକ୍ଷ ଭକ୍ତଙ୍କର ସୁଅ ଛୁଟିଲା ଆଶ୍ରମକୁ । ସନ୍ନ୍ୟାସୀମାନଙ୍କ ସଂଖ୍ୟା ମଧ୍ୟ ବଢ଼ିଲା । ବହୁ ଭକ୍ତ ଓ ସନ୍ନ୍ୟାସୀଙ୍କୁ ଦୀକ୍ଷା ପ୍ରଦାନ କରି ସେମାନଙ୍କର ତ୍ରିତାପକୁ ହରଣ କଲେ ।

ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ ଥିଲେ ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱର ଧାରକ ଓ ବାହକ । ସେ ଏକାଧାରରେ ଥିଲେ ଭକ୍ତ ଓ ଭଗବାନ । ତାଙ୍କର ପ୍ରଚାରିତ ସାଧନା, ଅଣସାଧନା, ଜ୍ଞାନ, କର୍ମ ଓ ଭକ୍ତିର ଏକ ଅଭିନବ ସମନ୍ୱୟ । ସନାତନ ଧର୍ମର ଶରୀର ତତ୍ତ୍ୱର ଯୋଗ ଓ ସାଧନା, ଅଜପାସାଧନ, ଗୀତାର କର୍ମ, ଜ୍ଞାନ, ଭକ୍ତି ଓ ସନ୍ନ୍ୟାସ ଯୋଗର ସମର୍ପଣ ସୂତ୍ରକୁ ସରଳ ଭାଷାରେ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ପାଇଁ ତାଙ୍କର ସମଗ୍ର ଜୀବନରେ ସେ ଏକାଧାରରେ ଭକ୍ତ କର୍ମଯୋଗୀ ଓ ଜ୍ଞାନଯୋଗୀ ଭାବରେ ନିଜର ଐଶୀଶକ୍ତିର ପ୍ରଦର୍ଶନ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଶ୍ରୀ ଶ୍ରୀ ଠାକୁରଙ୍କ ଦ୍ୱାରା ରଚିତ ପ୍ରାୟ ୫୦ ଖଣ୍ଡରୁ ଊର୍ଦ୍ଧ୍ୱ ରଚନାବଳୀ ପ୍ରକାଶିତ ହୋଇଅଛି । ଯେଉଁଥିରେ କି ବେଦ, ଉପନିଷଦ, ଷଡଦର୍ଶନ, ଗୀତା ଓ ଭାଗବତର ସଂସ୍କୃତ ଗୂଢ଼ ତତ୍ତ୍ୱକୁ ମାତୃଭାଷା ଓଡ଼ିଆରେ ସରଳ ଓ ସାବଲୀଳ ଭାବରେ ବର୍ଣ୍ଣିତ ହୋଇଅଛି ।

ବାସ୍ତବରେ ଠାକୁର ଶ୍ରୀ ଅଭିରାମ ପରମହଂସ ଆଧୁନିକ ଯୁଗର ଜଣେ ଐଶୀ ଶକ୍ତି ସମ୍ପନ୍ନ ସିଦ୍ଧ ସାଧକ, ଅଭିନ୍ନ ସୁନ୍ଦର ଓ ଯୋଗଜନ୍ମା ପୁରୁଷ । ଆପଣାର ଶିଷ୍ୟ ଓ ଭକ୍ତମାନଙ୍କ ପାଇଁ ସେ ଠାକୁର ପରମହଂସ ଓ ଜଗତଗୁରୁ । ଶରୀର ମଧ୍ୟରେ ଥିବା ଜୀବ ଓ ପରମର ଲୀଳା ତତ୍ତ୍ୱକୁ ଭକ୍ତ ଓ ଭଗବାନଙ୍କର ଅଭିନ୍ନ ସ୍ୱରୂପ ଭାବରେ ସେ ଅନୁଭବ କରିଥିଲେ । ଭଗବାନ ହେଉଛନ୍ତି ଦ୍ୱୈତ, ଅଦ୍ୱୈତ ପୁଣି ସେ ଅଭିନ୍ନ ଏବଂ ମନର ଅଦ୍ୱୈତ ଚିନ୍ତାଧାରା ଠାରୁ ମଧ୍ୟ ସେ ଊର୍ଦ୍ଧ୍ୱରେ ।

"କହଇ ଅଭିରାମ ବାଇ ଅନୁଭବକୁ ସତ୍ୟ କହି ।"

*ଜାହ୍ନଗିରି ସରକାରୀ ଉଚ୍ଚ ବିଦ୍ୟାଳୟ*
*ଶକୁନ୍ତଳାପୁର, ଯାଜପୁର*

# ବ୍ରହ୍ମାବଧୂତ ମହାପୁରୁଷ ଅରକ୍ଷିତ ଦାସ

*ମହନ୍ତ ଶ୍ରୀ ରାମାନନ୍ଦ ଦାସ*

ମନ୍ନାଥ ଶ୍ରୀ ଜଗନ୍ନାଥ　　ମଦ୍‌ଗୁରୁ ଶ୍ରୀ ଜଗଦ୍‌ଗୁରୁ
ମଦାତ୍ମା ସର୍ବଭୂତାତ୍ମା　　ତସ୍ମୈ ଶ୍ରୀ ଗୁରବେ ନମଃ ॥

ମହାକାଳର କରାଳ ଗର୍ଭରେ ଦିନେ ସବୁକିଛି ବିଲୀନ ହୋଇଯିବ । କେତେ ରଥୀ, ମହାରଥୀ, ସାଧୁ, ସନ୍ଥ, ଧର୍ମାତ୍ମା, ଜ୍ଞାନୀ, ଗୁଣୀ, ପଣ୍ଡିତ ସମୟ ସ୍ରୋତର ବିସ୍ମୃତି ଗର୍ଭରେ ଲୀନ ହୋଇ ଗଲେଣି । ତାର ହିସାବ କେହି ରଖିନାହିଁ । ମାତ୍ର ସଂସାରକୁ ଯେ ଧର୍ମର ସଂଦେଶ ଦେଇଛି, ଧର୍ମ ରାସ୍ତାରେ ଯିବା ପାଇଁ ଭଗବତ ବିଶ୍ୱାସ ଆଡ଼କୁ ଜନମାନସକୁ ଆକର୍ଷିତ କରିଛି ସେ ହୋଇଛି କାଳଜୟୀ ।

'ବିଶ୍ୱାସେ ମିଳଇ ହରି, ତର୍କେ ବହୁ ଦୂର'

ବିଶ୍ୱାସ ମୂଳରେ ହରି, ଯାହାର ବିଶ୍ୱାସ ଯେତେ ଦୃଢ଼ ପ୍ରଭୁ ସେଠାରେ ସେତେ ସାକାର । ଭକ୍ତର ବିଶ୍ୱାସ ରଖିବାକୁ ଯାଇ ସ୍ୱୟଂ ନାରାୟଣ ଯୁଗେ ଯୁଗେ ଭିନ୍ନ ଭିନ୍ନ ଅବତାର ନେଇ ଅବତରି ଆସିଛନ୍ତି ପୃଥିବୀ ବକ୍ଷକୁ । ମୋର ମନେ ହୁଏ ମହାପ୍ରଭୁ ସ୍ୱୟଂ ନାରାୟଣ ବ୍ରହ୍ମ ଅବଧୂତ ଅକ୍ଷର ବ୍ରହ୍ମ ଯୋଗୀ ଶ୍ରୀ ଶ୍ରୀ ଶ୍ରୀ ଅରକ୍ଷିତ ଦାସ ରୂପରେ ପ୍ରକଟିତ ହୋଇ ଏହି ଧରାପୃଷ୍ଠକୁ ଯେଉଁ ଜ୍ଞାନାଲୋକ ପ୍ରଦାନ କରିଛନ୍ତି ତାହା ଆଜି ପର୍ଯ୍ୟନ୍ତ ଜନମାନସରେ ଅବିସ୍ମରଣୀୟ । ବ୍ରହ୍ମ ଅବଧୂତ ଅରକ୍ଷିତ ଦାସ ଅବୟବ ଧୌତ ଅବଧୂତ ଅର୍ଥାତ୍ ଏକାଦଶ ଇନ୍ଦ୍ରିୟ (ପଞ୍ଚ କର୍ମେନ୍ଦ୍ରିୟ ଓ ପଞ୍ଚ ଜ୍ଞାନେନ୍ଦ୍ରିୟ) ଓ ପଚିଶି ପ୍ରକୃତିକୁ ନିଜ ନିୟନ୍ତ୍ରଣରେ ଯେ ରଖିଥାଏ ସେ ହିଁ ଅବଧୂତ । ଭଗବାନ୍ ଦତ୍ତାତ୍ରେୟ ଅବଧୂତ ସଂହିତାରେ ଉଲ୍ଲେଖ କରିଛନ୍ତି ଅବଧୂତର ଲକ୍ଷଣ । ଯଥା :

ଆଶାପାଶ ବିନିର୍ମୁକ୍ତ　　ଆଦିମଧ୍ୟାନ୍ତ ନିର୍ମଳଃ ।
ଆନନ୍ଦେ ବର୍ତ୍ତତେ ନିତ୍ୟମ　ଅକାରଂ ତସ୍ୟ ଲକ୍ଷଣମ୍ ।
ବାସନା ବର୍ଜିତା ଯେନ　ବକ୍ତବ୍ୟଂ ଚ ନିରାମୟମ୍
ବର୍ତ୍ତମାନେଷୁ ବର୍ତ୍ତତେ　ବକାରଂ ତସ୍ୟ ଲକ୍ଷଣମ୍ ।
ଧୂଳି ଧୂସର ଗାତ୍ରାଣି　ଧୃତଚିତ୍ତୋ ନିରାମୟଃ
ଧାରଣା ଧ୍ୟାନ ନିର୍ମୁକ୍ତୋ　ଧୂକାରସ୍ତସ୍ୟ ଲକ୍ଷଣମ୍ ।
ତତ୍ତ୍ୱଚିନ୍ତାଧୃତଂ ଯେନ　ଚିନ୍ତା ଚେଷ୍ଟା ବିବର୍ଜିତଃ
ତମୋଽହଂକାର ନିର୍ମୁକ୍ତ ସ୍ତକାରସ୍ତସ୍ୟ ଲକ୍ଷଣମ୍ ।

ଅର୍ଥାତ ଆଶାହୀନ, ସଦାଶୁଦ୍ଧ, ନିତ୍ୟାନନ୍ଦ, ବାସନାଶୂନ୍ୟ, ମିଷ୍ଟଭାଷୀ, ବର୍ତ୍ତମାନବାଦୀ, ଧୂଳି ଧୂସରିତ, ନିଷ୍ପାପ, ନିରୋଗ ଧ୍ୟାନଧାରଣା ରହିତ, ତତ୍ତ୍ୱଜ୍ଞାନୀ, ବିଷୟ ତ୍ୟାଗୀ ଏବଂ ଅଜ୍ଞାନ ଅହଂକାରାଦି ଶୂନ୍ୟ ବ୍ୟକ୍ତି ହିଁ ଅବଧୂତ ନାମରେ ଖ୍ୟାତ । ଉତ୍କଳୀୟ ସନ୍ଥ ସାଧକ ମହାପୁରୁଷ ଶ୍ରୀ ଜଗନ୍ନାଥ ଦାସ ଶ୍ରୀମଦ୍ ଭାଗବତ ଗ୍ରନ୍ଥରେ ଅବଧୂତଙ୍କ ଚବିଶି ଗୁରୁ ସମ୍ପର୍କରେ ଆଲୋକପାତ କରିଛନ୍ତି । ପ୍ରକୃତି ଠାରୁ ସେ କିଭଳି ଶିକ୍ଷାଲାଭ କରିଛନ୍ତି ତାହା ଅତ୍ୟନ୍ତ ଉପାଦେୟ । ମହାପ୍ରଭୁ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଶ୍ରୀମଦ୍ ଭାଗବତ ଗ୍ରନ୍ଥର ଏକାଦଶ ସ୍କନ୍ଧରେ ଅବଧୂତ ଯଦୁରାଜା ସମ୍ବାଦକୁ ଅତ୍ୟନ୍ତ ତାତ୍ତ୍ୱିକ ଢଙ୍ଗରେ ବୁଝାଇଛନ୍ତି । ଯାହାକୁ ଅଧ୍ୟୟନ କଲେ ଅବଧୂତ ଧର୍ମର ମାହାତ୍ମ୍ୟ ଆପଣମାନେ ଅନୁଭବ କରିପାରିବେ ।

ସମଗ୍ର ମାନବ ଜାତିକୁ ମହାପ୍ରଭୁ ଶ୍ରୀକୃଷ୍ଣ ଭଗବତ ଗୀତାରେ ଗୁଣକର୍ମ ଅନୁଯାୟୀ ଚାରିଭାଗରେ ବିଭକ୍ତ କରିଛନ୍ତି ଯଥା ଚାତୁର୍ବର୍ଣ୍ଣ୍ୟ ମୟାସୃଷ୍ଟ ଗୁଣ କର୍ମ ବିଭାଗଶଃ ଅର୍ଥାତ ବ୍ରାହ୍ମଣ କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର । ଠିକ୍ ସେହିଭଳି ଆଧ୍ୟାତ୍ମିକ ଜଗତରେ ଚାରି ପ୍ରକାର ସମ୍ପ୍ରଦାୟ ଦେଖାଯାଏ ଯଥା : ରାମାନନ୍ଦ, ଶ୍ୟାମାନନ୍ଦ, ବିଷ୍ଣୁସ୍ୱାମୀ, ମାଧବାଚାର୍ଯ୍ୟ । ଏହି ଚାରି ସମ୍ପ୍ରଦାୟ ମଧ୍ୟରେ ଅବଧୂତ ସମ୍ପ୍ରଦାୟ ସର୍ବ ଶ୍ରେଷ୍ଠ । ଅଶରଣ, ଶରଣ, ପଦ୍ମ ପଲାଶ ଲୋଚନ, କରୁଣାସାଗର ମହପ୍ରଭୁଙ୍କ ଶ୍ରୀ ଅଙ୍ଗରୁ ଏ ସମସ୍ତ ସମ୍ପ୍ରଦାୟ ସୃଷ୍ଟ ଯଥା - ମୁଖ- ବିଷ୍ଣୁସ୍ୱାମୀ, ନାସା - ରାମାନନ୍ଦ, ଚକ୍ଷୁ - ଶ୍ୟାମାନନ୍ଦ, କର୍ଣ୍ଣ - ମାଧବାଚାର୍ଯ୍ୟ, ମସ୍ତକ-ଅବଧୂତ । ମହାପ୍ରଭୁଙ୍କ ମସ୍ତକରୁ ଅବଧୂତ ହୋଇଛନ୍ତି । ଅବଧୂତ ସନ୍ନ୍ୟାସୀ ମସ୍ତକୁ ଜନ୍ମିଲେ ସନ୍ନ୍ୟାସୀ । ପିଣ୍ଡ ବ୍ରହ୍ମାଣ୍ଡ ଏକମତ । ଜାଣନ୍ତି ସୁଜ୍ଞାନୀ ପଣ୍ଡିତ ॥ (ଶ୍ରୀମଦ ଭାଗବତ)

ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ଉପରେ ଅବଧୂତ ସନ୍ନ୍ୟାସୀମାନେ ସର୍ବଦା ଗବେଷଣାରତ । ଅବଧୂତ ମହାରାଜ ପଞ୍ଚମହାଭୂତରେ ଗଠିତ ଶରୀରରୁ

ଏ ଜୀବ ବନ୍ଦୀ କର୍ମପାଶେ । ସାଧିବ ବନ୍ଧନ ଉଶ୍ୱାସେ ॥

କିପରି ଗଠନ କରିଛନ୍ତି ତାହାର ଏକ ସ୍ପଷ୍ଟ ଚିତ୍ର ମୁଁ ଆପଣମାନଙ୍କ ପାଖରେ ଉପସ୍ଥାପନ କରୁଅଛି ।

| | | |
|---|---|---|
| ମସ୍ତକ | ଆକାଶ | ସ୍ପର୍ଶ |
| ନାସା | ପୃଥିବୀ | ଗନ୍ଧ |
| କର୍ଣ୍ଣ | ବାୟୁ | ଶବ୍ଦ |
| ଚକ୍ଷୁ | ଅଗ୍ନି | ରୂପ |
| ମୁଖ | ଜଳ | ରସ |

ଅତ୍ୟନ୍ତ ଚମତ୍କାର ଢଙ୍ଗରେ ଶରୀର ତତ୍ତ୍ୱକୁ ଉପସ୍ଥାପନ କରିଛନ୍ତି ଅବଧୂତ ସନ୍ନ୍ୟାସୀ ।

ଏହି ଅବଧୂତ ସମ୍ପ୍ରଦାୟ ପାଞ୍ଚ ଭାଗରେ ବିଭକ୍ତ ଯଥା - ବ୍ରହ୍ମ ଅବଧୂତ, ଜଳ ଅବଧୂତ, ବାୟୁ ଅବଧୂତ, ଅଗ୍ନି ଅବଧୂତ, ରାଜ ଅବଧୂତ । ବ୍ରହ୍ମ ଅବଧୂତ ଏହି ସମ୍ପ୍ରଦାୟର ସନ୍ନ୍ୟାସୀମାନେ ଏକେଶ୍ୱରବାଦ, ଶୂନ୍ୟ ବ୍ରହ୍ମ ଉପାସକ, ନାମବ୍ରହ୍ମ ଚିନ୍ତନ ଏବଂ ଆକାଶ ତତ୍ତ୍ୱରେ ରହି ବ୍ରହ୍ମ ଉପାସନା କରନ୍ତି । ଜଳ ଅବଧୂତ - ଏହି ସମ୍ପ୍ରଦାୟର ସନ୍ନ୍ୟାସୀମାନେ ଜଳରେ ବୁଡି ରହି ଏବଂ ଜଳ ତତ୍ତ୍ୱକୁ ଆଶ୍ରୟ କରି ବ୍ରହ୍ମ ଉପାସନା କରନ୍ତି । ଅଗ୍ନି ଅବଧୂତ - ଏହି ସମ୍ପ୍ରଦାୟର ସନ୍ନ୍ୟାସୀମାନେ ସର୍ବଦା ସ୍ୱଶରୀରରେ ଅମେଧ୍ୟ ଲେପନ କରି ଓ ଅଗ୍ନିତତ୍ତ୍ୱକୁ ଆଶ୍ରୟ କରି ବ୍ରହ୍ମ ଉପାସନା କରନ୍ତି । ବାୟୁ ଅବଧୂତ - ଏହି ସମ୍ପ୍ରଦାୟର ସନ୍ନ୍ୟାସୀମାନେ ବାୟୁକୁ ନିଜ ନିୟନ୍ତ୍ରଣରେ ରଖି ବାୟୁ ତତ୍ତ୍ୱକୁ ଆଶ୍ରୟ କରି ବ୍ରହ୍ମ ଉପାସନା କରନ୍ତି । ରାଜ ଅବଧୂତ - ରାଜକୀୟ ଭୋଗ ବିଳାସ ମାଧ୍ୟମରେ ପୃଥ୍ୱୀତତ୍ତ୍ୱକୁ ଆଶ୍ରୟ କରି ବ୍ରହ୍ମ ଉପାସନା କରନ୍ତି । ପଞ୍ଚ ଅବଧୂତ ସନ୍ନ୍ୟାସୀଙ୍କ ମଧ୍ୟରେ ବ୍ରହ୍ମ ଅବଧୂତ ସର୍ବଶ୍ରେଷ୍ଠ କାରଣ - ମଣିଷ ମଧ୍ୟରେ ବ୍ରହ୍ମସତ୍ତା ବିଦ୍ୟମାନ ସେହିପରି ସମସ୍ତ ଜୀବ ଜଗତକୁ ବ୍ୟାପୃତ କରି ରଖିଛି ବ୍ରହ୍ମସତ୍ତା । 'ସର୍ବଂ ଖଲ୍ୱିଦଂ ବ୍ରହ୍ମ ।' ସେଥିପାଇଁ ଅକ୍ଷର ବ୍ରହ୍ମଯୋଗୀ ସିଦ୍ଧ ଅରକ୍ଷିତ ସ୍ୱକୀୟ ରଚନାବଳୀ ମାଧ୍ୟମରେ ବଜ୍ର ଗମ୍ଭୀର କଣ୍ଠରେ ବର୍ଣ୍ଣନା କରିଛନ୍ତି । ଯଥା - ବ୍ରହ୍ମରେ ପୃଥ୍ୱୀ ଆତଯାତ । ବ୍ରହ୍ମରେ ଅଛନ୍ତି ସମସ୍ତ ॥
ବ୍ରହ୍ମରୁ ସର୍ବେ ଜନ୍ମିଛନ୍ତି । ସଂସାରେ ଲୀଳା ଯେ କରନ୍ତି ॥
ବ୍ରହ୍ମରୁ ପଞ୍ଚଭୂତ ଜନ୍ମ । ଲୀଳା ନିମନ୍ତେ ଭିନ୍ନାଭିନ୍ନ ॥
ହେ ମନ ବ୍ରହ୍ମରୁଟି ସର୍ବ । ଜାତ ହୁଅନ୍ତି ଅସମ୍ଭବ ॥ (ମ-ଗୀତା)

ଏ ସମସ୍ତ ତଥ୍ୟକୁ ଅନୁସନ୍ଧାନ କଲେ ଜଣାଯାଏ ଯେ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ଏକ କରି ଅବଧୂତ ସନ୍ନ୍ୟାସୀମାନେ ଏ ସଂସାରରେ ବିଚରଣ କରନ୍ତି । ଏହି ସମ୍ପ୍ରଦାୟର ଧର୍ମ ସନାତନ, ଗୋତ୍ର ଅଚ୍ୟୁତ, ସଖା ଜଗନ୍ନାଥ, ଭଜନ ହଂସ, ଆଖଡା ଶୂନ୍ୟସ୍ଥଳ, ଧାମ ଗୋଲୋକ, ନାମ ରାମ, ବୀଜମନ୍ତ୍ର ହ୍ଲୀଂ ଶ୍ଲୀଂ କ୍ଲୀଂ ହରେ ରାମ କୃଷ୍ଣ ।

ଯୁବରାଜ ବଳଭଦ୍ର ଦେବଙ୍କୁ ମାତା ଭଗବତୀ ଝଙ୍କଡବାସିନୀ ଶାରଦା ଦେବୀ ଏବଂ ଶ୍ରୀକ୍ଷେତ୍ର ଅଧିକାରିଣୀ ମାତା କମଳାଦେବୀ ଅରକ୍ଷିତ ନାମରେ ସମ୍ବୋଧିତ କରିଥିଲେ । କିନ୍ତୁ ଏହି ଅରକ୍ଷିତ ନାମର ତାତ୍ତ୍ୱିକ ଅର୍ଥ ମୁଁ ଆପଣଙ୍କ ପାଖରେ ଉପସ୍ଥାପନ କରୁଛି । ଅ,ଉ,ମ ଏହି ତିନି ଅକ୍ଷରକୁ ନେଇ ସୃଷ୍ଟିର ପ୍ରାରମ୍ଭିକ ଶବ୍ଦ ପ୍ରଣବର ସୃଷ୍ଟି । ଶ୍ରୀମଦ ଭଗବତ ଗୀତାରେ ଏହି ଓଁକାର ଶବ୍ଦର ଉଚ୍ଚ ପ୍ରଶଂସା ମହାପ୍ରଭୁ କରିଛନ୍ତି । ଯଥା -
ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ ମାମନୁ ସ୍ମରନ୍ ।
ଯ ପ୍ରୟାତି ତ୍ୟାଜନ୍ ଦେହଂ ସ ଯାତି ପରମାଂ ଗତିମ୍ ॥

ଅର୍ଥାତ୍ ଓମ୍ ବୋଲି ଏକାକ୍ଷର ବ୍ରହ୍ମକୁ ଉଚ୍ଚାରଣ କରି ଯେ ନିଜ ଶରୀରକୁ ପରିତ୍ୟାଗ କରେ ସେ ମୋର ପରମଧାମ ପ୍ରାପ୍ତ ହୁଏ । ମହାପୁରୁଷ ଅରକ୍ଷିତ ଦାସ ମହୀମଣ୍ଡଳ ଗୀତାରେ ସୁନ୍ଦର ଢଙ୍ଗରେ ବର୍ଣ୍ଣନା କରିଛନ୍ତି । ଯଥା - ଓଁକାର ଭାବେ ତୁହି ପଶ । ନମଇ ଅରକ୍ଷିତ ଦାସ ॥

'ଅ' ଅର୍ଥାତ୍ ନିତ୍ୟ, 'ଉ'-ଉଦୟ, 'ମ' -ନାମ ଅର୍ଥାତ୍ ନିତ୍ୟସ୍ଥଳରୁ ଆଜ୍ଞାର ସୃଷ୍ଟି ହେଲା ଏବଂ 'ଆଜ୍ଞା ମାତ୍ରକେ ଶରୀରର ଉତ୍ପତ୍ତି ହେଲା ଓ ନାମରେ ଶରୀର ଲୀଳା କଲା' ଅର୍ଥାତ୍ ନିତ୍ୟ ସ୍ଥଳରୁ ଆଜ୍ଞା ପ୍ରାପ୍ତ ହୋଇ ଶରୀର ସୃଷ୍ଟି ହେଲା । ଶରୀର ମଧ୍ୟରେ ନାମର ପ୍ରବାହ ହେତୁ ବିଭିନ୍ନ କାର୍ଯ୍ୟ ଏହି ଶରୀର କଲା ଯାହାକୁ କି ପ୍ରକାରାନ୍ତରରେ ତାରକ, ଦଣ୍ଡକ, କୁଣ୍ଡଳିନୀ, ଅର୍ଦ୍ଧମାତ୍ରଂ ଓ ଏକାକ୍ଷର ମନ୍ତ୍ର ରୂପରେ ଅବଧୂତ ସନ୍ନ୍ୟାସୀମାନେ ଗ୍ରହଣ କରିଥାନ୍ତି । 'ଅ' ରକ୍ଷିତ ଅରକ୍ଷିତ । ଭଗବାନ ଶ୍ରୀକୃଷ୍ଣ ଦଶମ ଅଧ୍ୟାୟ ବିଭୂତି ଯୋଗରେ ସଖା ଅର୍ଜୁନକୁ ବୁଝାଇ କହିଛନ୍ତି ଯେ - ଅକ୍ଷରାଣାମକାରୋଽସ୍ମି ଦ୍ୱନ୍ଦ୍ୱଃ ସାମାସିକସ୍ୟ ଚ' ଅକାର ଅକ୍ଷରଙ୍କ ମଧ୍ୟେ । ଗାୟତ୍ରୀ ଛନ୍ଦ ବେଦବାଦେ ॥ (ଭାଗବତ ୧୧ଅ) ନାମବ୍ରହ୍ମ ଉପାସକ ଅକ୍ଷର

କର୍ମ କରଣେ ଫଳ ପାଇ । ପ୍ରାଣୀ ତା ଅବଶ୍ୟ ଭୁଞ୍ଜଇ ॥

ବ୍ରହ୍ମଯୋଗୀ ଅରକ୍ଷିତ ଦାସ ସ୍ୱକୀୟ ମହୀମଣ୍ଡଳ ଗୀତାରେ 'ଅ' ଅକ୍ଷରର ଉଚ୍ଚ ପ୍ରଶଂସା କରି ଲେଖିଛନ୍ତି ଯେ:- - ଅ-ଅ ଅକ୍ଷର ନିତ୍ୟ କହି । ତା ଗର୍ଭୁ ସର୍ବେ ଜାତ ହୋଇ ॥
ଅ-ଅ ଅକ୍ଷର ନ ଲାଗିଲେ, ଶବଦ କେବେ ନୋହେ ଭଲେ ॥
ଅ-ଅ ଶବଦ ପୂରିଅଛି, ବ୍ରହ୍ମାଣ୍ଡେ ଲୀଳା ଯେ କରୁଛି ॥
ଅ-ଅ ଅକ୍ଷର ଲାଗି ଶୁଣ, ଆଉ ଅକ୍ଷର ଚଳେ ଜାଣ ॥
ଅ-ଅକ୍ଷର ଲାଗି ଶୁଣ, ସର୍ବେଟି ଆତଜାତ ପୁଣ ॥
ବ୍ରହ୍ମାଦି ଦେବାସୁର ନରେ, ତାଙ୍କୁ ଘେନିଟି ଲୀଳା କରେ ॥
ଛପନ କୋଟି ଜୀବ ଯେତେ, ତା' ଲାଗି ଅଛନ୍ତି ସମସ୍ତେ ॥
ନୋହିଲେ ସର୍ବେ ନାଶ ଯିବେ, କେହିତ ବଞ୍ଚି ନ ପାରିବେ ॥
ଅ-ଅର ଏମନ୍ତ ମହିମା, କହିଲେ ନ ସରଇ ସୀମା ॥

ରାଜୀବ ଲୋଚନ ପରଂବ୍ରହ୍ମ ଶ୍ରୀ ଜଗନ୍ନାଥ ସ୍ୱୟଂ ଅ ଅକ୍ଷର । ତେଣୁ ମହାପ୍ରଭୁ ସ୍ୱୟଂ ମହାପୁରୁଷଙ୍କୁ ରକ୍ଷା କରିଥିବାରୁ ତାଙ୍କର ନାମ 'ଅରକ୍ଷିତ' । ବ୍ରହ୍ମ ଅବଧୂତ ଅରକ୍ଷିତ ଦାସ ତାଙ୍କ ଆତ୍ମଜୀବନୀ ବୃତ୍ତାନ୍ତରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି, ଯଥା -

ଦେଖିଲି ମକର ମାସ     କୃଷ୍ଣପକ୍ଷ ତିଥି
ଏକାକାର ରହି ସବୁ     ଶୋଭା ଏକାଦଶୀ
ଧୂନିକୁ ଜାଗିଣ ତହିଁ     ରହିଲି ନିଶ୍ଚିନ୍ତ
ଅରକ୍ଷ ରକ୍ଷ ହେବାରୁ     ନାମ ଅରକ୍ଷିତ ।

ଅର୍ଥାତ୍ ପ୍ରଭୁ ଶରୀର ଧାରଣ କରିଥିଲା ବେଳେ ଏ ବୃତ୍ତାନ୍ତ କହିଥିଲେ । ଭକ୍ତିଯୋଗ ଉପାସକ ମହାପୁରୁଷ ଅରକ୍ଷିତ ଦାସ ଭକ୍ତିଯୋଗରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରସନ୍ନ କରାଇ କହିଥିଲେ ଯେ, 'ତୋ କ୍ଷେତ୍ର ଦିନେ ମୋ କ୍ଷେତ୍ର ହେଉ' । ମହାପ୍ରଭୁ ତଥାସ୍ତୁ କହି କହି ସୂଚନା ଦେଇଥିଲେ ଯେ ତୁମେ ଯେଉଁ ଦିନ ମୋ ଶ୍ରୀ ଅଙ୍ଗରେ ବିଲୀନ ହେବ ମୁଁ ସେ ଦିନ ଓଳାଶୁଣୀ ପୀଠରେ ଅବସ୍ଥାନ କରିବି । ମହାପୁରୁଷ ଅରକ୍ଷିତ ଦାସ ମାଘମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ବ୍ରହ୍ମଲୀନ ହେବା ପାଇଁ ଇଚ୍ଛା ପ୍ରକଟ କରିଥିଲେ । ଶେଷରେ ତାହା ହିଁ ହେଲା । ପଞ୍ଚସଖାଙ୍କ ମୂର୍ଦ୍ଧନ୍ୟ ଭୂତ ମହାପୁରୁଷ ଅଚ୍ୟୁତାନନ୍ଦ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ -

ହଜି ସମାଧିକି ସାଧିବ ସେହି । ଶ୍ରୀକ୍ଷେତ୍ରେ ମିଳିବ ଦେହ ହଜାଇ ॥
ହଜାଇ ଦେହ ସେ ରଖିବ କୀର୍ତ୍ତି । ତା' ନାମେ ହୋଇବ ଜଗତେ ଖ୍ୟାତି ॥

ଆଜି ପର୍ଯ୍ୟନ୍ତ ମାଘମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ (ଓଳାଶୁଣୀ ମେଳା) ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଲକ୍ଷାଧିକ ଭକ୍ତ ଏକତ୍ର ହୋଇ ଶ୍ରୀକ୍ଷେତ୍ର ଦର୍ଶନର ପୁଣ୍ୟଫଳ ପ୍ରାପ୍ତ ହେଉଛନ୍ତି । ସେହିଦିନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଅଙ୍ଗରେ ବିଲୀନ ହୋଇଥିବାରୁ ତାଙ୍କର ନାମ ଅରକ୍ଷିତ ରୂପରେ ସର୍ବଜନାଦୃତ ହେଲା ।

ଅହଂ ବ୍ରହ୍ମୋଽସ୍ମି ମନ୍ତ୍ରରେ ଦୀକ୍ଷିତ, ବ୍ରହ୍ମ ଅବଧୂତ, ସମଦର୍ଶୀ, ଅକ୍ଷର ବ୍ରହ୍ମଯୋଗୀ, ନାମବ୍ରହ୍ମ ଉପାସକ, ସର୍ବ ଦାରେଷୁ ମାତୃବତ୍, ତତ୍ତ୍ୱଜ୍ଞ, ଭକ୍ତିରସରେ ରସାଣିତ ଭାବ ପ୍ରକାଶିତ କରି ଆଜି ପର୍ଯ୍ୟନ୍ତ ଜନମାନସ ପଟଳରେ ପୂଜିତ ହୋଇ ଆସୁଛନ୍ତି । ସେହି ବ୍ରହ୍ମ ପୁରୁଷ ମହାପୁରୁଷ ଅରକ୍ଷିତ ଦାସ ସ୍ଥୂଳ, ସୂକ୍ଷ୍ମ, ଚର, ଅଚର, ଜଡ଼, ଚେତନ, ବ୍ରହ୍ମ ଚଣ୍ଡାଳ ପ୍ରତ୍ୟେକ ଭୂତରେ ବ୍ରହ୍ମ ଦର୍ଶନ କରିଥିଲେ । ସେଥିପାଇଁ ସଦଗୁରୁ ଅରକ୍ଷିତ ଦାସ ମହୀମଣ୍ଡଳ ଗୀତାରେ ଲେଖିଛନ୍ତି ଯେ - ସମାନ ଦେଖିଲେଣ ଥିବୁ । ନୋହିଲେ ଅବଶ୍ୟ ମରିବୁ ॥

ଦ୍ୱିତୀୟ ଭଞ୍ଜ ଗୋଲୋକଚନ୍ଦ୍ର ପ୍ରଧାନ ତାଙ୍କର କେତେ ଦିନ ଆଶ୍ରମ ରହଣି ମଧ୍ୟରେ ଜୀବନ ଚରିତ କୁସୁମକୁ ବିକଶିତ କରିବାରେ ଯେଉଁ ଅକ୍ଳାନ୍ତ ବୌଦ୍ଧିକ ଶ୍ରମ କରିଛନ୍ତି ତାହା ସଞ୍ଚିତ ସତକର୍ମ ଓ ବିଭୁକୃପା ନୁହେଁ ତ ଆଉ କ'ଣ ? ଏହି ପୁସ୍ତିକାଟି ଭକ୍ତମାନଙ୍କ ଦ୍ୱାରା ଗ୍ରହଣୀୟ । ଏହା ପୂର୍ବରୁ ଏହି ବହିଟି ୭ ଥର ସଂସ୍କରଣ କରାଯାଇଛି । ମହାପୁରୁଷ ଅରକ୍ଷିତ ଦାସ ଶୀର୍ଷକ ଅମଳିନ ପୁଷ୍ପଟିକୁ ପ୍ରସ୍ଫୁଟିତ କରାଇ ନିଷ୍କାମ ଭାବରେ ତାହାକୁ ଦେବାର୍ଚ୍ଚନା ପାଇଁ ଉତ୍ସର୍ଗ କରିବା ସହିତ ଲେଖକଙ୍କ ନାମ ପ୍ରସାରିତ ହେଉ, ମହାପୁରୁଷଙ୍କ ଚରଣାରବିନ୍ଦରେ ମୋର ପ୍ରାର୍ଥନା ।

ସର୍ବ ଶେଷରେ ପରଂବ୍ରହ୍ମ, ବ୍ରହ୍ମ ଅବଧୂତ, ସଦଗୁରୁ ଅକ୍ଷର ବ୍ରହ୍ମଯୋଗୀ, ଭକ୍ତିଯୋଗରେ ଯୋଗୀ ମହାପୁରୁଷ ଅରକ୍ଷିତ ଦାସଙ୍କ ଅଭୟ ଚରଣାରବିନ୍ଦରେ ଅନନ୍ତ କୋଟି ଦଣ୍ଡବତ କରି ମୋର ଲେଖନୀକୁ ବିଶ୍ରାମ ଦେଉଛି ।

*ଓଳାଶୁଣୀ ଗୁମ୍ଫା*

ଏ ସର୍ବବର୍ଣ୍ଣ ସର୍ବାଶ୍ରମ । ସମ୍ଭବ ଉଚ୍ଚ ନୀଚ ସ୍ଥାନ ॥

ବିଜ୍ଞାନ ବିଭବ

# ନଭେଲ କରୋନା ଭାଇରସ୍‌ର ସଂକ୍ରମଣ : ପ୍ରକ୍ରିୟା ଓ ପ୍ରସାର

*ଶ୍ରୀ ନିକୁଞ୍ଜ ବିହାରୀ ସାହୁ*

ନଭେଲ କୋରୋନା ଭାଇରସର ସଂକ୍ରମଣ ଜନିତ ମୃତ୍ୟୁ ହାର ବିଶ୍ୱ ସାରା ଅତି କମ୍ ଥିଲେ ମଧ ଏହାର ସଂକ୍ରମଣର ପ୍ରସାର ହାର ଅନ୍ୟ ଭାଇରସ ତୁଳନାରେ ଯଥେଷ୍ଟ ଅଧିକ । ଏପରିକି ଜଣେ ଜଣେ ସୁପରସ୍ପ୍ରେଡର ବ୍ୟକ୍ତି ଏକକାଳୀନ ୧୦୦୦ରୁ ଊର୍ଦ୍ଧ୍ୱ ସାଧାରଣ ଲୋକଙ୍କୁ ସଂକ୍ରମଣ ଅନାୟାସରେ ପ୍ରସାର କରିପାରନ୍ତି । କୋରୋନା ଭାଇରସର ଏଭଳି ଉଚ୍ଚ ସଂକ୍ରମଣ ପ୍ରସାର ସମସ୍ତଙ୍କର ରହସ୍ୟ ଉପଲବ୍ଧି କରିବାକୁ ହେଲେ ଏହାର ଗଠନ, ଜିନୋମ୍ ପ୍ରକାର, ଗ୍ରାହକ କୋଷରେ ପ୍ରବେଶ ଉପାୟ, ଗ୍ରାହକ କୋଷରେ ଜିନୋମ୍ ପରିପ୍ରକାଶ ଏବଂ ନୂଆ ଅପତ୍ୟ ଭାଇରସ୍ ସୃଷ୍ଟି ଇତ୍ୟାଦି ପ୍ରସଙ୍ଗ ପ୍ରଥମେ ବୁଝିବା ଆବଶ୍ୟକ । ଏ ସମସ୍ତର ଏକ ସଂକ୍ଷିପ୍ତ ଆଲୋଚନା ନିମ୍ନରେ ଦିଆଗଲା ।

## ଗଠନ

କୋରୋନା ଭାଇରସ ସାଧାରଣତଃ ଗୋଲାକାର କଣିକା ଯାହାର ପୃଷ୍ଠରେ ଅନେକ କଣ୍ଟା ସଦୃଶ ଅଙ୍ଗ ଥାଏ । ଏହି ଭାଇରସର ହାରାହାରି ବ୍ୟାସ ୧୨୫ ନାନୋମିଟର । ଏହା ଚାରିପଟେ ଥିବା ଆବରଣର ବ୍ୟାସ ୮୫ ନାନୋମିଟର ହୋଇଥିଲା ବେଳେ କଣ୍ଟା ଗୁଡିକର ଲମ୍ବ ୨୦ ନାନୋମିଟର । ଭାଇରସର ଆବରଣ ଲିପିଡର ଦୁଇଟି ସ୍ତରରେ ଗଢ଼ା । ଲିପିଡର ଏହି ସ୍ତରରେ ଝିଲ୍ଲୀ, ଆବରଣ ଏବଂ କଣ୍ଟା ପ୍ରାୟ ୧:୨୦:୩୦୦ ଅନୁପାତରେ ଖଞ୍ଜା ଥାଏ । ଏକ ସାଧାରଣ କୋରୋନା ଭାଇରସର ପୃଷ୍ଠରେ ପ୍ରାୟ ୭୪ଟି କଣ୍ଟକିତ ଅଙ୍ଗ ଥାଏ । ଏହି କଣ୍ଟକିତ ଅଙ୍ଗ ଗ୍ରାହକ ଜୀବକୋଷ ସହିତ ଭାଇରସକୁ ସଂଯୋଗ କରିବାରେ ସାହାଯ୍ୟ କରେ ।

କୋରୋନା ଭାଇରସର କଣ୍ଟାର ପ୍ରୋଟିନ ମୁଖ୍ୟତଃ ଦୁଇଟି ଉପାଦାନ ଯଥା S1 ଏବଂ S2ରେ ଗଢ଼ା । ଏହାର S1 ଅଂଶ ହିଁ କଣ୍ଟାର ଅଗ୍ର ଯାହା ଗ୍ରାହକ ବନ୍ଧନ ସ୍ଥଳୀ ରୂପେ କାର୍ଯ୍ୟ କରେ । ଅନ୍ୟ ପକ୍ଷରେ S2 ଅଂଶଟି କଣ୍ଟା ଭଳି କଣ୍ଟକିତ ଅଙ୍ଗକୁ ଭାଇରସରେ ଆବରଣ ସହିତ ଲାଖି ରହିବାରେ ସାହାଯ୍ୟ କରେ ଏବଂ ଗ୍ରାହକ କୋଷରେ ପ୍ରୋଟିନକୁ ପାଚନ କରୁଥିବା କିଛି ଏନଜାଇମ ସକ୍ରିୟ ହେବା ଦ୍ୱାରା ଗ୍ରାହକ କୋଷରେ ଭାଇରସର ସଂଯୋଗକୁ ସୁଗମ କରେ । ସେହିପରି, E ଏବଂ M ପ୍ରୋଟିନ ଦ୍ୱୟ ଭାଇରସ୍‌ର ଆବରଣ ଗଠନରେ ସହାୟକ ହୁଅନ୍ତି ଏବଂ ଭାଇରସ୍‌ର ସ୍ୱଭାବ ସୁଲଭ ଆକୃତି ପ୍ରଦାନରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି ।

ଭାଇରସର ଆବରଣ ଭିତରେ ଥିବା ନିଉକ୍ଲୀୟକାପସିଡ୍‌ରେ ଭାଇରସ୍‌ର ଜିନୀୟ ପଦାର୍ଥ କିଛି ପ୍ରୋଟିନ ଆକାରରେ ସଞ୍ଚିତ ହୋଇ ରହିଥାଏ । ଏହି ପ୍ରୋଟିନ ପରସ୍ତ ଏକକ ଖୋଳ ବିଶିଷ୍ଟ ଯୁକ୍ତାତ୍ମକ ଦିଗରେ ବିସ୍ତୃତ ଆର. ଏନ୍. ଏ ଜିନୋମ ରୂପରେ ଥାଏ । ଦୁଇ ପରସ୍ତ ବିଶିଷ୍ଟ ଲିପିଡର ଆବରଣ, କୋଷ ଝିଲ୍ଲୀର ପ୍ରୋଟିନ ଏବଂ ନିଉକ୍ଲୀୟକାସପିଡ ଭାଇରସକୁ ଗ୍ରାହକ କୋଷର ବାହାରେ ସୁରକ୍ଷା ପ୍ରଦାନ କରିଥାଏ ।

**ଜିନୋମ ପ୍ରକାର** – କୋରୋନା ଭାଇରସରେ ଯୁକ୍ତାତ୍ମକ ଦିଗରେ ଗୁଡାଯାଇଥିବା ଏକକ ଖୋଳ ବିଶିଷ୍ଟ ଆର. ଏନ୍ ଏର ଜିନୋମ୍ ଥାଏ । ଏହି ଜିନୋମ୍‌ରେ ୨୬.୪ ରୁ ୩୧.୭ କିଲୋବେସ ପରିମାଣର ସୂଚନା ସଞ୍ଚିତ ଥାଏ । ଆର. ଏନ୍. ଏ ଭାଇରସଙ୍କ ମଧ୍ୟରୁ କୋରୋନା ଭାଇରସ୍‌ର ଜିନୋମ୍ ଦୈର୍ଘ୍ୟ ଅପେକ୍ଷା ଅତି ଲମ୍ବା ।

**ଗ୍ରାହକ କୋଷରେ ପ୍ରବେଶ** – ଭାଇରସ୍‌ର କଣ୍ଟକିତ ପ୍ରୋଟିନ ଏହାର

ପ୍ରକୃତି ଜନ୍ମ ଅନୁସାରେ । ସ୍ୱଭାବ ଆଚାର ବେଭାରେ ।।


ସଂଗ୍ରାହୀ ଗ୍ରାହକ କୋଷର ଗ୍ରାହକ ଅଙ୍ଗ ସହିତ ସଂଯୁକ୍ତ ହେଲେ ଯାଇ ଶରୀରରେ ସଂକ୍ରମଣ ସୂତ୍ରପାତ ହୁଏ । ଏହି ସଂଯୋଗ ଦ୍ୱାରା ଗ୍ରାହକ କୋଷରେ ପ୍ରୋଟିନରେ ଗଢ଼ା ଏକ ଏନଜାଇମ୍ ବିଘଟିତ ହୋଇ ଭାଇରସର କଣ୍ଟକିତ ସଂଯୋଗୀ ଅଙ୍ଗରେ ଥିବା ଏସ୍ ପ୍ରୋଟିନକୁ ସକ୍ରିୟ କରେ । ଗ୍ରାହକ କୋଷରେ ଉପଲବ୍ଧ ଏହି ଏନଜାଇମ୍, ଏହାର ବିଘଟନ ପ୍ରକ୍ରିୟା ଏବଂ ଏସ୍ ପ୍ରୋଟିନର ସକ୍ରିୟତା ଉପରେ ନିର୍ଭର କରି ଗ୍ରାହକ କୋଷର ଝିଲ୍ଲୀ ସହିତ ଭାଇରସ ଆବରଣର ସିଧାସଳଖ ସଂଯୋଗ ଦ୍ୱାରା ଭାଇରସ୍ ଗ୍ରାହକ କୋଷ ମଧ୍ୟରେ ସହଜରେ ପ୍ରବେଶ କରିଯାଏ ।

ଗ୍ରାହକ କୋଷରେ ପ୍ରବେଶ ପରେ ଭାଇରସ୍‌ର ଜିନୋମ୍ କୋଷର ସାଇଟୋପ୍ଲାଜମକୁ ସ୍ଥାନାନ୍ତରିତ ହୁଏ । ଏହା ପରବର୍ତ୍ତୀ ଏକ ଜଟିଳ ପ୍ରକ୍ରିୟା ଯଥା ଜିନ୍ ପ୍ରତିଲିପିକରଣ ଓ ଜିନ୍ ନକଲିକରଣ ଦ୍ୱାରା ଜିନ୍ ପରିପ୍ରକାଶ ଜରିଆରେ ଗ୍ରାହକ କୋଷରେ ଭାଇରସର ଗାଠନିକ ପ୍ରୋଟିନ କଣିକାମାନ ଯଥା ଏସ, ଇ ଓ ଏମ୍ ସଂଶ୍ଲେଷିତ ହୁଏ ଯାହା ଘଟଣାକ୍ରମେ ସଂଯୋଜିତ ହୋଇ ପୂର୍ଣ୍ଣାଙ୍ଗ ଅପତ୍ୟ ଭାଇରସମାନ ସୃଷ୍ଟି ହୁଅନ୍ତି । ଏହି ଭାଇରସ ସବୁ ପରବର୍ତ୍ତୀ ସମୟରେ ଗ୍ରାହକ ଶରୀରର ଅନ୍ୟ କୋଷକୁ ସଂକ୍ରମିତ ହୁଅନ୍ତି ।

ସଂକ୍ରମଣ - ସଂକ୍ରମିତ ବାହକମାନେ ଭାଇରସକୁ ପଦାକୁ ନିଷ୍କ୍ରାନ୍ତ କରି ରୋଗର ବିସ୍ତାର ଦିଗରେ ସହାୟକ ହୁଅନ୍ତି । କୋରୋନା ଭାଇରସର କଣ୍ଟକିତ ଅଙ୍ଗ ଗ୍ରାହକ କୋଷର ପରିପୂରକ ଅଙ୍ଗ ସହିତ ପାରସ୍ପରିକ ପ୍ରତିକ୍ରିୟା ଉପରେ ନିର୍ଭର କରି ଏହା ସଂକ୍ରମିତ କରୁଥିବା କୋଷର ପ୍ରକାର, ସଂକ୍ରମଣର ମାତ୍ରା ଏବଂ ସଂକ୍ରମିତ କରୁଥିବା ପ୍ରଜାତି ନିର୍ଦ୍ଧାରିତ ହୁଏ । କୋରୋନା ଭାଇରସ ମୁଖ୍ୟତଃ କୋଷ ବାହାର ପଟରେ ଥିବା ଏପିଥେଲିଆଲ କୋଷକୁ ଟାରଗେଟ କରିଥାଏ । କୋରୋନା ଭାଇରସର ପ୍ରଜାତି ଉପରେ ନିର୍ଭର କରି ସଂକ୍ରମଣ ଗୋଟିଏ ବାହକରୁ ଅନ୍ୟ ଜଣେ ବାହାକଙ୍କୁ ସାଧାରଣତଃ ଏରୋସଲ କଣିକା କିମ୍ବା ମଳ-ମୁହଁ ମାର୍ଗ ଜରିଆରେ ବ୍ୟାପିଥାଏ ।

ମଣିଷକୁ ସଂକ୍ରମଣ କରୁଥିବା କରୋନା ଭାଇରସ୍ ସାଧାରଣତଃ ଶ୍ୱାସନଳୀର ଏପିଥେଲିଆଲ କୋଷକୁ ସଂକ୍ରମିତ କରୁଥିଲା ବେଳେ ଜୀବଜନ୍ତୁଙ୍କୁ ସଂକ୍ରମିତ କରୁଥିବା ଭାଇରସ୍ ପ୍ରଜାତି ପରିପାକ ବ୍ୟବସ୍ଥାର ଖାଦ୍ୟନଳୀର ଏପିଥେରିଆଲ କୋଷକୁ ସଂକ୍ରମିତ କରିଥାଏ । ଉଦାହରଣ ସ୍ୱରୂପ SARO କରୋନା ଭାଇରସ୍ ସାଧାରଣତଃ ଏରୋସଲ ମାର୍ଗ ଦେଇ ପ୍ରବେଶ କରୁଥିଲା ବେଳେ ମଣିଷକୁ ସଂକ୍ରମିତ କରୁଥିବା ପ୍ରଜାତି ଫୁସ୍‌ଫୁସ୍ ଏପିଥେଲିଆଲ କୋଷରେ ଥିବା ACEର ଗ୍ରାହକ ଉପାଦାନ ସହିତ ବନ୍ଧନ ଦ୍ୱାରା ପ୍ରବେଶ କରିଥାଏ । ସେହିପରି ଘୁଷୁରିକୁ ସଂକ୍ରମଣ କରୁଥିବା TGEV ମଳ ଏବଂ ମୁହଁ ମାର୍ଗ ଦେଇ ଏହାର ପରିପାକ ବ୍ୟବସ୍ଥାରେ ଏପିଥେଲିଆଲ କୋଷର APN ଗ୍ରାହକ ଉପାଦାନ ସହିତ ବନ୍ଧନ ଦ୍ୱାରା ପ୍ରସାର କରିଥାଏ ।

*ଏଜୁକେଶନ ଅଫିସର*
*ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ*



ଉତ୍ତମ ସଙ୍ଗେ ସଙ୍ଗ ଯାର । ସେ କରେ ଉତ୍ତମ ବେଭାର ।।

# ଜାତୀୟ ବିଜ୍ଞାନ ଦିବସ

*ଶ୍ରୀଯୁକ୍ତ ମାନସ ରଞ୍ଜନ ଜେନା*

ଆଧୁନିକ ସମାଜର ମୂଳଭିତ୍ତି ହେଉଛି ବିଜ୍ଞାନ । ମନୁଷ୍ୟ ସଭ୍ୟତାର ସ୍ଥିତି ଅବସ୍ଥିତି, ପ୍ରଗତି ଓ ଅଭିବୃଦ୍ଧି ସହିତ ବିଜ୍ଞାନ ସମ୍ପୂର୍ଣ୍ଣ ଜଡ଼ିତ । ଆଜି ସମାଜର ପ୍ରତିଟି କ୍ଷେତ୍ରରେ ବିଜ୍ଞାନର ଚମତ୍କାରିତା ପରିଦୃଷ୍ଟ । ବିଜ୍ଞାନ ହେଉଛି ପ୍ରକୃତିକୁ ବୁଝିବାର ଗୋଟିଏ ନୂଆ ଉପାୟ ବା ରାସ୍ତା । ଆଧୁନିକ ଯୁଗରେ ବିଜ୍ଞାନର ଚରମ ଉତ୍କର୍ଷ ଓ ସର୍ବବ୍ୟାପିତା ଏବେ ସମସ୍ତଙ୍କ ଦ୍ୱାରା ବେଶ ଗ୍ରହଣୀୟ ହୋଇ ପାରିଛି । ଯେଉଁମାନେ ଆଲୋକବର୍ତ୍ତିକା ହୋଇ ସମାଜକୁ ବାଟ ଦେଖେଇ ଦିଅନ୍ତି, ସେମାନେ ହେଉଛନ୍ତି ବୈଜ୍ଞାନିକ ।

ଆଜି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଯେଉଁଠି ଆସି ପହଞ୍ଚିଛି ତାହା ମାତ୍ର କେତେ ଜଣଙ୍କର ନିଷ୍ଠା, ଅକ୍ଳାନ୍ତ ନିରବଚ୍ଛିନ୍ନ ଉଦ୍ୟମ, ଦୃଢ଼ଇଚ୍ଛା ଶକ୍ତି ଓ ଗଭୀର ଅନ୍ତର୍ଦୃଷ୍ଟି ଯୋଗୁ ସମ୍ଭବପର ହୋଇଅଛି । ବିଜ୍ଞାନ ବ୍ୟତିରେକେ ମଣିଷ ସମ୍ପ୍ରତି ମୁହୂର୍ତ୍ତଟିଏ ମଧ୍ୟ ବଞ୍ଚିବାକୁ ସମର୍ଥ ହୋଇପାରିବ ନାହିଁ । ବର୍ତ୍ତମାନ ସ୍ଥିତି ଯେ ବିଜ୍ଞାନର ସର୍ବଶେଷ ସ୍ଥିତି ଆଦୌ କୁହାଯାଇ ନ ପାରେ । ପ୍ରତି ମୁହୂର୍ତ୍ତରେ ବିଶ୍ୱରେ ବିଜ୍ଞାନ ବଳରେ ନୂତନ ଉଦ୍ଭାବନ ଓ ଆବିଷ୍କାର ଚାଲିଛି । ଅତୀତରେ ଯାହା ଥିଲା ମଣିଷର କଳ୍ପନାତୀତ ବର୍ତ୍ତମାନ ମଣିଷର ତାହା ହୋଇଛି ସହଜଲବ୍ଧ । ବିଜ୍ଞାନ ଆଜି ମଣିଷର ଅତ୍ୟାବଶ୍ୟକ ଅଙ୍ଗ ହୋଇ ପଡ଼ିଛି ।

ଭାରତର ଯେଉଁ ବିଶ୍ୱ ବିଖ୍ୟାତ ବୈଜ୍ଞାନିକଗଣ ନିଜର ମହାନ ତ୍ୟାଗପୂତ ଅବଦାନ ଦ୍ୱାରା ବିଜ୍ଞାନ ଜଗତକୁ ଋଦ୍ଧିମନ୍ତ କରି ମାନବ ସମାଜକୁ ବିପୁଳ ଜ୍ଞାନ ଆଲୋକରେ ଉଦ୍‌ଭାସିତ କରିଛନ୍ତି, ସେମାନଙ୍କ ମଧ୍ୟରେ ତାମିଲନାଡୁ ରାଜ୍ୟର ମାନ୍ଦ୍ରାଜର ତ୍ରିଚିନାପଲ୍ଲୀ ନିବାସୀ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା ପ୍ରଥମ ଏସୀୟ ବୈଜ୍ଞାନିକ ସାର ଚନ୍ଦ୍ରଶେଖର ଭେଙ୍କଟରମଣ ଅନ୍ୟତମ । ତାଙ୍କ ଦ୍ୱାରା ଆବିଷ୍କୃତ ରମଣ ପ୍ରଭାବ ବା ରମଣ ଇଫେକ୍ଟ ବିଜ୍ଞାନ ଜଗତକୁ ଅତୁଳନୀୟ ଦାନ । ତାଙ୍କର ୧୮୮୮ ମସିହାରେ ଜନ୍ମ । ପିତା ଚନ୍ଦ୍ରଶେଖର ଆୟାରଙ୍କ ଠାରୁ ଗଣିତ ଓ ପଦାର୍ଥ ବିଜ୍ଞାନ ଏବଂ ମାତା ପାର୍ବତୀ ଯାହାଙ୍କ ଠାରୁ କାମ କରିବାର ଜିଦ୍ ସି.ଭି. ରମଣ ପିଲାଟି ବେଳୁ ହିଁ ଶିଖି ଥିଲେ । ତାଙ୍କର ଜୀବନ ସାଥୀ ଥିଲେ ଲୋକ ସୁନ୍ଦରୀ ଅମଲ୍ଲ । ତରୁଣ ବୟସରେ ରାମ ବ୍ରହ୍ମବାଦିନୀ ଆନିବେସାନ୍ତଙ୍କ ଦ୍ୱାରା ପ୍ରଭାବିତ ହୋଇ ରାମାୟଣ ଓ ମହାଭାରତ ଅଧ୍ୟୟନ କରି ଜ୍ଞାନ ଲାଭ କରି ପାରିଥିଲେ । ୧୨ ବର୍ଷ ବୟସରେ ମାଟ୍ରିକ ଓ ୧୪ ବର୍ଷ ବୟସରେ ଆଇ ଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୦୨ ମସିହାରେ ମାଡ୍ରାସର ପ୍ରେସିଡେନସି କଲେଜରେ ଯୋଗ ଦେଲେ । ପରେ ମାଡ୍ରାସ ବିଶ୍ୱ ବିଦ୍ୟାଳୟରେ ଡିଗ୍ରୀ ହାସଲ କରି ଭୌତିକ ବିଜ୍ଞାନରେ ପ୍ରଥମ ହୋଇଥିଲେ ଏବଂ ତାଙ୍କୁ ସ୍ୱର୍ଣ୍ଣ ପଦକ ଦିଆ ଯାଇଥିଲା । ୧୯୦୭ ମସିହାରେ ବିଶ୍ୱ ବିଦ୍ୟାଳୟ ଏମଏସ୍‌ସି ଡିଗ୍ରୀ ହାସଲ କରିଥିଲେ । ଡେପୁଟୀ ଆକାଉଣ୍ଟାଣ୍ଟ ଜେନେରାଲ ଚାକିରି ମିଳିବା ପରେ ବିବାହ କରିଥିଲେ । ମାତ୍ର ପ୍ରାଣ ତାଙ୍କର ବନ୍ଧା ଥାଏ ବିଜ୍ଞାନର ସେବା କରିବାରେ । କଲିକତାରେ ଥିବା ବେଳେ ସେ ପ୍ରତିଦିନ ଅଫିସ ଛୁଟି ପରେ ବିଜ୍ଞାନ ପରିଷଦକୁ ଯାଇ ଗବେଷଣା କରିବାକୁ ଲାଗି ଯାଇଥାନ୍ତି । ପରେ ସେ ଆକାଉଣ୍ଟାଣ୍ଟ ଜେନେରାଲ ପଦକୁ ଉନ୍ନୀତ ହୋଇଥିଲେ । ମାତ୍ର କଲିକତାର ଏକ ବିଜ୍ଞାନ କଲେଜରେ ପଦାର୍ଥ ବିଜ୍ଞାନ ପଢ଼ାଇବା ପାଇଁ ଏତେ ବଡ ଚାକିରି ତ୍ୟାଗ କରିଥିଲେ । କ୍ରମେ ତାଙ୍କ ଲେଖାମାନ ବିଲାତର ପତ୍ରପତ୍ରିକାରେ ପ୍ରକାଶ ପାଇଲା । କଲିକତା ବିଶ୍ୱ ବିଦ୍ୟାଳୟ ତାଙ୍କୁ ଉଚ୍ଚ ଶିକ୍ଷା ପାଇଁ ବିଲାତ ପଠାଇଲେ । ରୁଷ, ଇଉରୋପ ଓ ଆମେରିକା ବୁଲି ସେ ନିଜ ଗବେଷଣାଲବ୍ଧ ତତ୍ତ୍ୱ ବୁଝାଇବାକୁ ଲାଗିଲେ । ସେ କଲିକତାରେ ଥିବା ବେଳେ ସାର ଆଶୁତୋଷ ମୁଖାର୍ଜୀଙ୍କ ସହଯୋଗ ପାଇ କଲିକତାରେ ବୈଜ୍ଞାନିକମାନଙ୍କର ଏକ ବିଜ୍ଞାନ ସମିତି ପ୍ରତିଷ୍ଠା କରିଥିଲେ । ଏହାର ନାମ ଥିଲା 'ଇଣ୍ଡିଆନ ଆସୋସିଏସନ ଫର ଦି କଲଟିଭେସନ୍ ଅଫ୍ ସାଇନ୍ସ' ଅର୍ଥାତ ବିଜ୍ଞାନ ଚର୍ଚ୍ଚା ପାଇଁ ଭାରତୀୟ ସମିତି । ସେହି ଅନୁଷ୍ଠାନରେ ୧୯୦୭ ମସିହା ଠାରୁ ୧୯୩୩ ମସିହା ପର୍ଯ୍ୟନ୍ତ ସେ ପଦାର୍ଥ ବିଜ୍ଞାନରେ ଗବେଷଣା କରୁଥିଲେ । ତାଙ୍କର ଗବେଷଣାର ବିଷୟ ବସ୍ତୁ ଥିଲା ରମଣ ପ୍ରଭାବ ବା ରମଣ

ହୀନ ସଙ୍ଗେ ହୀନଗତି । ହସି କହନ୍ତି ଯଦୁପତି ।।

ଇଫେକ୍ଟ । ଗବେଷଣାର ଫଳସ୍ୱରୂପ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ ଏବଂ ଆଜି ପର୍ଯ୍ୟନ୍ତ ସାର ସି.ଭି. ରମଣ ହେଉଛନ୍ତି ଏକମାତ୍ର ବୈଜ୍ଞାନିକ ଯିଏ କି ଭାରତ ଭୂମିରେ କାମ କରି ଭାରତ ଭୂମିକୁ ଗର୍ବିତ କରିଥିଲେ । ଏହି ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା ପାଇଁ ଏବଂ ତାଙ୍କର ମାହାତ୍ମ୍ୟଙ୍କୁ ମନେ ରଖିବାକୁ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ, ୧୯୮୭ ମସିହା ଠାରୁ ଫେବୃଆରୀ ୨୮ ତାରିଖକୁ 'ଜାତୀୟ ବିଜ୍ଞାନ ଦିବସ' ଭାବେ ଘୋଷଣା କରିଛି ।

ସି ଭି ରମଣଙ୍କ ପୂର୍ବରୁ ପ୍ରଶ୍ନ ପଚାରାଯାଉଥିଲା – ଆକାଶ କାହିଁକି ନେଳିଆ ଦେଖା ଯାଉଅଛି ? ଆଉ ଯେଉଁ ସନ୍ଦର୍ଭ ସେତେବେଳେ ଥିଲା ଯେ ସୂର୍ଯ୍ୟ କିରଣ ସମୁଦ୍ରରୁ ପ୍ରତିଫଳିତ ହୋଇ ଉପରକୁ ଯାଉଅଛି ଓ ଆଉ ଆମେ ସେଇଟା ଯେହେତୁ ସମୁଦ୍ରର ଜଳ ନେଳିଆ ଦେଖାଯାଏ ସେହି ନେଳିଆ ରଙ୍ଗଟାରେ ଆକାଶ ନୀଳ ଦେଖାଯାଉଛି । ସି.ଭି.ରମଣଙ୍କ ମନରେ ପ୍ରଶ୍ନ ଉଙ୍କି ମାରି ଥିଲା ଯେ ସବୁ ସମୁଦ୍ରର ପାଣି କ'ଣ ନେଳିଆ ? ଏବଂ ସେ ଜାଣିଥିଲେ ସବୁ ସମୁଦ୍ରର ପାଣି ନେଳିଆ ନୁହେଁ ଏଣୁ ଏଇ ଯେଉଁ ଉତ୍ତର ସମସ୍ତେ ଭାବୁ ଥିଲେ ଆକାଶ ନେଳିଆ ଦେଖାଯାଉଛି ପ୍ରତିଫଳିତ ଆଲୋକ କିରଣ ପାଇଁ, ସେଇଟା ସେ ନିଶ୍ଚିତ ଥିଲେ ଯେ, ଏଇଟା ଭୁଲ । ତେଣୁ ସେ ଚିନ୍ତା କରିବାକୁ ଲାଗିଲେ ଯଦି ଏଇଟା ଭୁଲ ତା' ହେଲେ ଠିକ୍ ଉତ୍ତର କ'ଣ ହେବ ? ଆଉ ସେ ବହୁତ ସମୟ ନେଲେ ତା'ପରେ ଉତ୍ତର ଆପଣ ପ୍ରଥମେ ଭାବି ପାରନ୍ତି ଏହାର ସହଜ ଜ୍ଞାନ ଦ୍ୱାରା ଉପଲବ୍ଧ ହୋଇପାରିଥାଏ । କିନ୍ତୁ ବିଜ୍ଞାନ ଏକ ଗବେଷଣାତ୍ମକ ଜିନିଷ, ପରୀକ୍ଷାମୂଳକ ଭାବେ ଯେ ପର୍ଯ୍ୟନ୍ତ ପ୍ରମାଣିତ ନିଶ୍ଚିତ ନ ହୋଇଛି, ତାହା ଠିକ୍ ନୁହେଁ । ତା'ପରେ ତାଙ୍କ ମନରେ ପ୍ରଶ୍ନ ଉଠିଲା ଆମେ ଯେତେ ବେଳେ ଉପରକୁ ଚାହୁଁଛୁ ଯେଉଁ ସୂର୍ଯ୍ୟ କିରଣ ଆମର ଯେଉଁ ପରିବେଶରେ ଯେତେ ଜଳବିନ୍ଦୁ ଅଛି, ସେହି ଜଳବିନ୍ଦୁ ମଧ୍ୟ ଦେଇ ସୂର୍ଯ୍ୟ କିରଣଟି ଅତିକ୍ରମ କରୁଛି । ଅତିକ୍ରମ କରିବା ପରେ ଯାହା କିଛି ହେଉଥିବ, ସେଇଟା ହୁଏତ କାରଣ ହୋଇଥିବ ଆକାଶ ନେଳିଆ ଦେଖା ଯିବା ପାଇଁ ଅର୍ଥାତ୍ ତାଙ୍କର ଏକ ଭିନ୍ନ ଚିନ୍ତନ ଆସିଲା ଯେ ପ୍ରତିଫଳିତ ଆଲୋକ କିରଣ ସମୁଦ୍ରରୁ ନ ଯାଇକି ଆଲୋକ କିରଣଟା ଯେଉଁ ଜଳବିନ୍ଦୁ ଭିତରେ ଦେଇ ବିକିର୍ଣ୍ଣନ ହେଉଛି । ସେହି ବିକିର୍ଣ୍ଣନ ଆଲୋକ କିରଣ ହୋଇଥିବ ଏହାର କାରଣ, ଆଉ ସେ ପରୀକ୍ଷା କରି ଦେଖେଇ ପାରିଲେ ଏଇ ଯେଉଁ ବିକିର୍ଣ୍ଣନ ହେଇ ଯାଉଛି, ନୀଳ ରଙ୍ଗ ଆଲୋକ କିରଣଟି ବାରମ୍ବାର ସଂଘଟଣ ହୋଇ ବେଶୀ ବିକିର୍ଣ୍ଣନ ହେଉଛି, ଆଉ ବହୁତ ଗୁଡ଼ିଏ ସମଭାଗ ଜଳବିନ୍ଦୁ ଦେଇ ଦେଖିଲେ, ଆଉ ତା' ମାଧ୍ୟମରେ ଆମେ ଦେଖୁଛନ୍ତି । ଆକାଶ ସତରେ ନେଳିଆ ନୁହେଁ ଯେଉଁ ବିକିର୍ଣ୍ଣନ ଆଲୋକ କିରଣଟା ଯାଉଛି ସେହି ଜଳବିନ୍ଦୁ ଦେଇ ଯାଉଛି, ସମୂହ ଭାବେ ସେଇଟା ନୀଳ ରଙ୍ଗ, ଆମେ ସେଇ ନୀଳ ରଙ୍ଗ ଦେଖୁଛନ୍ତି । ଆକାଶ ବୋଲି ଉପରେ ଆଉ କିଛି ଜିନିଷ ନାହିଁ, ସେହି ନୀଳ ରଙ୍ଗ ଦେଖାଯାଉଛି । ତା' ପରେ ମଧ୍ୟ ସେ ବିକ୍ଷିପ୍ତ ଆଲୋକ କିରଣ ଉପରେ ଗବେଷଣା ଜାରି ରଖିଲେ । ୨୮ ଫେବୃୟାରୀ ୧୯୨୮ ମସିହାରେ ବାଙ୍ଗାଲୋର ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସର ପ୍ରେକ୍ଷାଳୟରେ ବିଶ୍ୱବାସୀଙ୍କୁ ଏହି ବିଷୟରେ ଜଣାଇ ଦେଇଥିଲେ । ଏହାକୁ ସଂକ୍ଷେପରେ କହିବାକୁ ଗଲେ ଏପରି ଜାଣିବା ଯେ ଆଲୋକ ରଶ୍ମି ଯେତେ ବେଳେ ଗୋଟିଏ ସ୍ୱଚ୍ଛ ପଦାର୍ଥ ଦେଇ ଅତିକ୍ରମ କରେ, କିଛି ଆଲୋକ ରଶ୍ମି ବିଚ୍ଛୁରିତ ହୋଇଯାନ୍ତି ଏବଂ ତାଙ୍କର ଦୈର୍ଘ୍ୟ ଓ ବିସ୍ତୃତିରେ ପରିବର୍ତ୍ତନ ହୁଏ । ଏହି ପ୍ରତ୍ୟକ୍ଷ ଭାବେ ପରିପ୍ରକାଶ ଘଟଣାକୁ ରମଣ ବିଚ୍ଛୁରଣ କୁହାଯାଏ, ଯାହାକି ରମଣ ପ୍ରଭାବ ଦ୍ୱାରା ହୋଇଥାଏ ।

୧୯୮୭ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ୧୯୯୯ ମସିହା ଠାରୁ ପ୍ରତିବର୍ଷ ଜାତୀୟ ବିଜ୍ଞାନ ଦିବସରେ ଗୋଟିଏ ଲେଖାଏଁ ବିଷୟକୁ ନେଇ ଦେଶରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଆଧାରରେ ସାମ୍ପ୍ରତିକ ସମସ୍ୟାର ସରଳ ସମାଧାନ କରିବାର ପ୍ରୟାସ ଜାରି ରଖିଛି ।

୧୯୯୯ ଆମର ବଦଳୁଥିବା ପୃଥିବୀ
୨୦୦୦ ମୌଳିକ ବିଜ୍ଞାନର ପୁନଃ ଆଗ୍ରହ
୨୦୦୧ ବିଜ୍ଞାନ ଶିକ୍ଷାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା
୨୦୦୨ ବର୍ଜ୍ୟ ବସ୍ତୁରୁ ଧନ
୨୦୦୩ ୫୦ ବର୍ଷର ଡିଏନଏ ଏବଂ ୨୫ ବର୍ଷର କୃତ୍ରିମ ପ୍ରଜନନ ଜୀବନର ଛାଞ୍ଚ

ସାକ୍ଷାତେ ଗୁରୁ ଯେ ଈଶ୍ୱର । ଗୁରୁଙ୍କୁ ନ ମଣିବ ନର ।।

୨୦୦୪ ସମାଜରେ ବିଜ୍ଞାନଭିତ୍ତିକ ହେତୁ ଜ୍ଞାନର ପ୍ରଚାର
୨୦୦୫ ପଦାର୍ଥ ବିଜ୍ଞାନର ଉତ୍ସବ
୨୦୦୬ ଭବିଷ୍ୟତ ପାଇଁ ପ୍ରକୃତିର ପୋଷଣ
୨୦୦୭ ମୁନ୍ଦାଏ ପାଣିକୁ ଅଧିକ ଫସଲ
୨୦୦୮ ପୃଥିବୀକୁ ବୁଝିବା
୨୦୦୯ ବିଜ୍ଞାନର କାୟା କ୍ଷମତା ବୃଦ୍ଧି କରିବା
୨୦୧୦ ସତତ ବିକାଶ ପାଇଁ ଲିଙ୍ଗ ସମାନତା, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା
୨୦୧୧ ଦୈନନ୍ଦିନ ଜୀବନରେ ରସାୟନ ବିଜ୍ଞାନ
୨୦୧୨ ସ୍ୱଚ୍ଛ ଶକ୍ତି ବିକଳ୍ପ ଏବଂ ଆଣବିକ ଶକ୍ତି
୨୦୧୩ ଜିନ ଦ୍ୱାରା ପରିବର୍ତ୍ତିତ ଫସଲ ଏବଂ ଖାଦ୍ୟ ସୁରକ୍ଷା
୨୦୧୪ ବିଜ୍ଞାନକୁ ବଢ଼ିବାକୁ ଦେବା
୨୦୧୫ ବିଜ୍ଞାନ ଏବଂ ଜାତୀୟ ବିକାଶ
୨୦୧୬ ଦେଶର ବିକାଶରେ ବିଜ୍ଞାନଭିତ୍ତିକ ସମସ୍ୟା
୨୦୧୭ ବିକଳାଙ୍ଗ ପାଇଁ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା
୨୦୧୮ ସତତ ଭବିଷ୍ୟତ ପାଇଁ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା
୨୦୧୯ ଲୋକଙ୍କ ପାଇଁ ବିଜ୍ଞାନ ଏବଂ ବିଜ୍ଞାନ ପାଇଁ ଲୋକ
୨୦୨୦ ବିଜ୍ଞାନରେ ମହିଳା

ସାର ରମଣଙ୍କ ପଦାର୍ଥ ବିଜ୍ଞାନରେ ଏକ ମହାମୂଲ୍ୟ ବୈଜ୍ଞାନିକ ତତ୍ତ୍ୱ ରମଣ ପ୍ରଭାବ ନାମରେ ପ୍ରସିଦ୍ଧ । ସେ ଏସୀୟ ମହାଦେଶର ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରାପ୍ତ ପ୍ରଥମ ବୈଜ୍ଞାନିକ । ଏହା ଜନ୍ମଭୂମି ଭାରତବର୍ଷ ପାଇଁ ଏକ ଗର୍ବ ଓ ଗୌରବର ବିଷୟ ।


ସେ ୧୯୨୯ ମସିହାରେ ଭାରତୀୟ ବିଜ୍ଞାନ କଂଗ୍ରେସର ସଭାପତି ରୂପେ ମନୋନୀତ ହୋଇଥିଲେ । ୧୯୨୯ରେ ବ୍ରିଟିଶ ସମ୍ରାଟ ତାଙ୍କୁ ନାଇଟ ଉପାଧିରେ ଅଳଂକୃତ କରାଇଥିଲେ । ସେହି ବର୍ଷ ଭାରତ ସରକାର ରମଣଙ୍କୁ ସାର ଉପାଧିରେ ମଧ୍ୟ ମଣ୍ଡିତ କରିଥିଲେ । ୧୯୩୩ରେ ରମଣ କଲିକତାରୁ ବାଙ୍ଗାଲୋର ଆସି ସେଠାରେ ଥିବା ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସର ନିର୍ଦ୍ଦେଶକ ହୋଇଥିଲେ । ଏହା ପରେ ରମଣ ବିଜ୍ଞାନ ଗବେଷଣା ଦ୍ୱାରା ଆଲୋକ ସମ୍ବନ୍ଧରେ କେତେକ ନୂତନ ଧାରା ଆବିଷ୍କାର କରିଥିଲେ । ଏ ଗୁଡିକ 'ରମଣ ଲାଇନ୍ସ' ନାମରେ ବିଖ୍ୟାତ । ୧୯୫୪ ମସିହାରେ ଭାରତ ସରକାର ରମଣଙ୍କୁ ଭାରତର ସର୍ବୋଚ୍ଚ ସମ୍ମାନ ଭାରତ ରତ୍ନ ଉପାଧିରେ ଭୂଷିତ କରିଥିଲେ । ତାଙ୍କର ମେଧା, ପ୍ରତିଭା ଓ କାର୍ଯ୍ୟ ଦକ୍ଷତା ଫଳରେ ସେ ସବୁସ୍ତରରେ ଲୋକାମାନଙ୍କ ଦ୍ୱାରା ପ୍ରଶଂସିତ ହୋଇ ପାରିଥିଲେ । କିନ୍ତୁ ତାଙ୍କ ପ୍ରାଣର ଆକାଂକ୍ଷା ବିଜ୍ଞାନ ଚର୍ଚ୍ଚାର ସୁବିଧା ନେବା ପାଇଁ ସର୍ବଦା ବ୍ୟାକୁଳ ଥିଲା । ବିଜ୍ଞାନକୁ ମାନବର କଲ୍ୟାଣ ନିମନ୍ତେ ଉପଯୋଗ କରିବା ତାଙ୍କର ଆଦର୍ଶ ଥିଲା । ଏଥି ପାଇଁ ସେ ଋଷ ଦେଶର ସର୍ବୋଚ୍ଚ ସମ୍ମାନ ଲେଲିନ ଶାନ୍ତି ପୁରସ୍କାର ଲାଭ କରିଥିଲେ । ତାଙ୍କର ସମସ୍ତ ଗବେଷଣା ଓ ସାଧନାର ପ୍ରତୀକ ରୂପେ ବାଙ୍ଗାଲୋର ଠାରେ ରମଣ ଗବେଷଣାଗାର ବିଦ୍ୟମାନ । ତାଙ୍କର ଜୀବନର ସମସ୍ତ ଆୟ ସେହି ଗବେଷଣାଗାରକୁ ଦାନ କରିଛନ୍ତି ।

ସେହି ଅମ୍ଳାନ ଯୋଗଜନ୍ମା ପ୍ରତିଭାଙ୍କର ଦେହାନ୍ତ ୧୯୭୦ ମସିହା ନଭେମ୍ବର ୨୧ ତାରିଖରେ ହୋଇଥିଲା । ଏହି ଜାତୀୟ ବିଜ୍ଞାନ ଦିବସ ପାଳନ ମାଧ୍ୟମରେ ସମସ୍ତଙ୍କ ମନରେ ବିଜ୍ଞାନ ପ୍ରତି ସମ୍ମାନ ଉଦ୍ରେକ କରିବା ପାଇଁ ବିଜ୍ଞାନ ପ୍ରଦର୍ଶନୀ ବିଭିନ୍ନ ସ୍ତରରେ ପ୍ରକଳ୍ପ ପ୍ରସ୍ତୁତି ଓ ପତ୍ରବାଚନ ଆଦି କରାଯାଇ ଜାତୀୟ ସ୍ତର ପର୍ଯ୍ୟନ୍ତ ପ୍ରତିଯୋଗିତା ହେବା ଜରୁରୀ ଅଟେ । ବିଜ୍ଞାନାଗାରରେ ବିଜ୍ଞାନ ସାମଗ୍ରୀ ରଖି ଦେଲେ ହେବନି, ପିଲାମାନଙ୍କ ଦ୍ୱାରା ହସ୍ତ କାର୍ଯ୍ୟ ଭିତ୍ତିକ କାର୍ଯ୍ୟକଳାପକୁ ଅଧିକ ପ୍ରୋତ୍ସାହନ ଦେବାକୁ ପଡ଼ିବ । ଏଥିପାଇଁ ବିଦ୍ୟାଳୟ ମହାବିଦ୍ୟାଳୟରେ ଏନ ସି.ଇ.ଆର ଟି କରିକୁଲାମ, ସି ବି ଏସଇ, ଆଇ ସି ଏସଇ କୋର୍ସ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବିଦ୍ୟାଳୟଗୁଡିକରେ ମଧ୍ୟ ଅନୁପାଳନ କରାଯାଇ ପିଲାମାନଙ୍କ ମଧ୍ୟରେ କୁନି କୁନି ବୈଜ୍ଞାନିକ ଭାବନା ସୃଷ୍ଟି ହେବା ଦରକାର । ଯଦ୍ଦ୍ୱାରା ପିଲାମାନଙ୍କର ଆତ୍ମବିଶ୍ୱାସ ବଢ଼ିବା ସହ ସ୍ୱେଚ୍ଛାକୃତ ଯୋଗଦାନ ପ୍ରକାଶ୍ୟ ହେବ ଏବଂ ପାରଦର୍ଶିତା ଲାଭ କରିପାରିବେ । ରମଣଙ୍କର ବିଜ୍ଞାନକୁ ନୂତନ ନୂତନ ତତ୍ତ୍ୱ ପ୍ରଦାନ କରି ଦେଶ ତଥା ବିଶ୍ୱର ପ୍ରଗତି ପଥରେ ଆଗେଇ ଯିବାକୁ ସର୍ବସର୍ବଦା ଚେଷ୍ଟିତ ହେବା ଉଚିତ ।

*ମଧ୍ୟ ସଂଭାଗ ପ୍ରତିନିଧି*

**ଯୋଗ ବିଜ୍ଞାନ**

# ଅର୍ଦ୍ଧଚନ୍ଦ୍ରାସନ



■ ଶ୍ରୀଯୁକ୍ତ ମଧୁସୂଦନ ବାରିକ

ଆଜିକାଲି ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗରେ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ରୋଗ ଦେଖିବାକୁ ମିଳୁଛି । ବିଶେଷ କରି ଅଣ୍ଟାରୋଗ ଅନ୍ୟତମ । ମଣିଷ ସକାଳୁ ଉଠିବା ଠାରୁ ରାତ୍ରୀରେ ପୁଣି ଶୋଇବା ପର୍ଯ୍ୟନ୍ତ ଏକ ବ୍ୟସ୍ତବହୁଳ ଦିନଚର୍ଯ୍ୟା ଓ ଜୀବନ ଚର୍ଯ୍ୟାରେ ସମୟକୁ ଅତିବାହିତ କରୁଅଛି । ଯେ କୌଣସି କାମ କରୁଛି, କେବଳ ଆଗକୁ ନଇଁ କାମ କରୁଅଛି । ଥକା ମାରିବା ପାଇଁ ବେଳ ନାହିଁ । ବିକଶିତ ଯନ୍ତ୍ରପାତିର ସାହାଯ୍ୟ ତଥା ବିଦେଶୀ କମ୍ପାନୀମାନଙ୍କ ଷଡଯନ୍ତ୍ରର ଶିକାର ହୋଇ ମଣିଷ ଆଜି ପ୍ରାଚୀନ ପରମ୍ପରା ଯୁକ୍ତ ଜୀବନଚର୍ଯ୍ୟା ଭୁଲିଯାଇଛି । ଯଦ୍ୱାରା ଅଣ୍ଟା ସଳଖିବାକୁ ସମୟ ନାହିଁ । ଫଳ ସ୍ୱରୂପ ୪୦ ବର୍ଷ ପରେ ଅଣ୍ଟାବିନ୍ଧା ତଥା ମେରୁଦଣ୍ଡ L4 L5 ରେ ଯନ୍ତ୍ରଣା ଅନୁଭବ କରୁଛି । ୫୦ ବର୍ଷ ଡେଇଁ ଯିବା ପରେ କମର ନଇଁ ଯାଉଛି । ମାଆମାନେ ଅଧିକାଂଶ ଅଣ୍ଟା ଯନ୍ତ୍ରଣାର ଶିକାର ହେଉଛନ୍ତି । ଏସବୁରୁ ସହଜରେ ମୁକ୍ତି ପାଇବା ପାଇଁ ଆଧୁନିକ ଚିକିତ୍ସା ବିଜ୍ଞାନ ପାଖରେ କିଛି ସମାଧାନର ସୂତ୍ର ନାହିଁ । ଯଦିଓ କିଛି ସମୟ ପାଇଁ ଯନ୍ତ୍ରଣାରୁ ଉପଶମ କରାଇଥାନ୍ତି, କିନ୍ତୁ ଯନ୍ତ୍ରଣାରୁ ମୁକ୍ତି ଦେଇ ପାରି ନ ଥାନ୍ତି । ଏଣୁ ଆଜିର ଯୋଗ ବିଜ୍ଞାନ ଓ ଆର୍ୟୁବେଦ ହିଁ ଏ ସମସ୍ତ ରୋଗ ଯନ୍ତ୍ରଣାରୁ ମୁକ୍ତି ଦେଇ ପାରୁଛି । ଆସନ୍ତୁ ଯୋଗାଭ୍ୟାସ କରିବା ଶରୀରକୁ ନୀରୋଗ ଓ ନିରାମୟ ରଖିବା । ଆସନ ଶିଖିବା ଓ ଅଭ୍ୟାସ କରିବା ।

**ଅର୍ଦ୍ଧ ଚନ୍ଦ୍ରାସନ ବିଧି :-**

୧) ବଜ୍ରାସନରେ ବସିବା ପରେ ଦୁଇ ଆଣ୍ଠୁ ଉପରେ ଭରା ଦେଇ ସିଧା ହୋଇ ଯାଆନ୍ତୁ ।

୨) ଦୁଇ ହାତକୁ ଛାତି ଉପରେ ଛନ୍ଦି କରି ଧରନ୍ତୁ ।

୩) ଶ୍ୱାସ ନେଇ ବେକ ଓ ମୁଣ୍ଡକୁ ପଛପଟକୁ ନୁଆଇଁ ସମ୍ପୂର୍ଣ୍ଣ ପଛକୁ ଦେଖନ୍ତୁ ।

୪) ଅଣ୍ଟାକୁ ଆଗକୁ ଟାଣନ୍ତୁ ଯେପରି, ଆଣ୍ଠୁଠାରୁ ଅଣ୍ଟା ପର୍ଯ୍ୟନ୍ତ ସିଧା ରହେ ।

୫) ଏହି ପୂର୍ଣ୍ଣ ସ୍ଥିତିରେ ୨୦ ରୁ ୩୦ ସେକେଣ୍ଡ ସର୍ବାଧିକ ୧ ମି. ପର୍ଯ୍ୟନ୍ତ ରହିବା ।

୬) ଶ୍ୱାସ ଛାଡ଼ି ଧୀରେ ଧୀରେ କ୍ରମଶଃ ପୂର୍ବସ୍ଥିତିକୁ ଫେରିବା ଏହିପରି ୩ ରୁ ୫ ଥର ଅର୍ଥାତ୍ ୧ ରୁ ୫ ମି. ଯାଏଁ ଅଭ୍ୟାସ କରାଯିବା ଆବଶ୍ୟକ ।

ଲାଭ -

୧) ଆଗକୁ ନଇଁବାର ବିପରୀତ କ୍ରିୟା

୨) ମେରୁଦଣ୍ଡ ପାଇଁ ଅତ୍ୟନ୍ତ ଲାଭ ହୋଇଥାଏ ।

୩) ମେରୁଦଣ୍ଡ ନମନୀୟ ହୋଇଥାଏ ।

୪) ମେରୁଦଣ୍ଡର ଏଲ ଫୋର, ଏଲ ଫାଇଭ ବୋନ୍ ସୁସ୍ଥ ହୋଇଥାଏ ।

୫) ଛାତି, ପେଟ, ଜଙ୍ଘ ମାଂସପେଶୀରୁ ଚର୍ବି ହ୍ରାସ ହେବା ସହ ସବଳ ହୋଇଥାଏ ।

ଏ ଘେନି ଗୁରୁ ଭାଗ୍ୟବାନ । ସେ ନୁହେଁ ମନୁଷ୍ୟ ସମାନ ।।

୬) ପିଠି ମାଂସପେଶୀ, ନିତମ୍ବରୁ ଚର୍ବି ହ୍ରାସ ହୋଇଥାଏ ।

୭) ବେକ ଓ କାନ୍ଧର ଯନ୍ତ୍ରଣା ମଧ୍ୟ ଠିକ୍ ହୋଇଥାଏ । ସର୍ବଦା ଏହି ଆସନ କଲେ ସ୍ପଣ୍ଡାଲାଇଟିସରୁ ଉପଶମ ମଧ୍ୟ ମିଳିଥାଏ ।

୮) ଫୁସଫୁସ ଓ ହୃଦୟ ରୋଗ ଦୂର ହେବା ସହ ବକ୍ଷ ବିକସିତ ହୋଇଥାଏ ।

୯) ସର୍ବୋପରି ଦିନସାରା ଆଗକୁ ନଇଁ ସମସ୍ତ କାର୍ଯ୍ୟ ହେଉଥିବାରୁ ଏହି ଆସନରେ ବିପରୀତ କ୍ରିୟା ହେବା ଦ୍ୱାରା ଅଷ୍ଟାଙ୍କୁ ସର୍ବାଧିକ ଲାଭ ମିଳିଥାଏ ।

ଏଣୁ ଆସନ୍ତୁ ଏହି ଆସନକୁ ଅଭ୍ୟାସ କରିବା, ଅନ୍ୟମାନଙ୍କୁ ପ୍ରେରିତ କରିବା । ତତ୍‌ସହିତ ରୋଗମୁକ୍ତ ହେବା । ଯୋଗ କରିବା ନୀରୋଗ ରହିବା ।

*ପ୍ରାନ୍ତ ଯୋଗଶିକ୍ଷା ସଂଯୋଜକ*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*

**ସଂସ୍କୃତେନ ବଦତୁ**

# ସମ୍ଭାଷଣାଭ୍ୟାସଃ

*✸ ଶ୍ରୀ ଶ୍ରୀନିବାସ ପ୍ରଧାନ*

ବନ୍ଧନୀମଧ୍ୟସ୍ଥ ଧାତୂନାମ୍ ଉପଯୁକ୍ତରୂପୈଃ ଶୂନ୍ୟସ୍ଥାନାନି ପୂରୟ ।

ଉଦାହରଣମ୍ - ବାଳକଃ ଇତିହାସଂ (ପଠ୍)

ଉତ୍ତର - ବାଳକଃ ଇତିହାସଂ ପଠତି ।

ପ୍ରଶ୍ନ ୧ :- ଛାତ୍ରଃ ଦ୍ୱିଚକ୍ରିକାୟା (ଗମ୍)

ଉତ୍ତର :- ଛାତ୍ରଃ ଦ୍ୱିଚକ୍ରିକାୟା .................. ।

ପ୍ରଶ୍ନ ୨ :- ଛାତ୍ରାଃ ବିଦ୍ୟାଳୟଂ (ଗମ୍)

ଉତ୍ତର :- ଛାତ୍ରାଃ ବିଦ୍ୟାଳୟଂ ..............................

ପ୍ରଶ୍ନ ୩ :- ଶିଶୁଃ ଦୁଗ୍ଧଂ (ପା)

ଉତ୍ତର :- ଶିଶୁଃ ଦୁଗ୍ଧଂ ................................

ପ୍ରଶ୍ନ ୪ :- ଶିଶବଃ ଜଳଂ (ପା)

ଉତ୍ତର :- ଶିଶବଃ ଜଳଂ ................................

ପ୍ରଶ୍ନ ୫ :- ଗାୟକଃ ଗୀତଂ (ଗା)

ଉତ୍ତର :- ଗାୟକଃ ଗୀତଂ ................................

ପ୍ରଶ୍ନ ୬ :- ଗାୟକାଃ ମଧୁରେଣ (ଗା)

ଉତ୍ତର :- ଗାୟକାଃ ମଧୁରେଣ ................................

ପ୍ରଶ୍ନ ୭ :- ନର୍ତ୍ତକଃ ପାଦାଭ୍ୟାଂ (ନୃତ୍)

ଉତ୍ତର :- ନର୍ତ୍ତକଃ ପାଦାଭ୍ୟାଂ ...........................

ପ୍ରଶ୍ନ ୮ :- ମାତା ଖାଦ୍ୟଂ (ପଚ୍)

ଉତ୍ତର :- ମାତା ଖାଦ୍ୟଂ..........................

ପ୍ରଶ୍ନ ୯ :- ମାତରଃ ଖାଦ୍ୟଂ (ପଚ୍)

ଉତ୍ତର :- ମାତରଃ ଖାଦ୍ୟଂ .................................

ପ୍ରଶ୍ନ ୧୦ :- ସିଂହଃ ବନେ (ଗର୍ଜ୍)

ଉତ୍ତର :- ସିଂହଃ ବନେ ....................................

ପ୍ରଶ୍ନ ୧୧ :- ସିଂହାଃ ବନେ (ଗର୍ଜ୍)

ଉତ୍ତର :- ସିଂହାଃ ବନେ....................................

ପ୍ରଶ୍ନ ୧୨ :- ପିକଃ ବୃକ୍ଷେ (କୂଜ୍)

ଉତ୍ତର :- ପିକଃ ବୃକ୍ଷେ....................................

ପ୍ରଶ୍ନ ୧୩ :- ପିକାଃ ଶାଖାସୁ (କୂଜ୍)

ଉତ୍ତର :- ପିକାଃ ଶାଖାସୁ ............................

**ନିମ୍ନେ ପ୍ରଦତ୍ତଂ ଉତ୍ତରଂ ଦୃଷ୍ଟ୍ୱା ସ୍ୱମୂଲ୍ୟାୟନଂ କୁରୁତ ।**

**ଗଚ୍ଛତି, ଗଚ୍ଛନ୍ତି, ପିବତି, ପିବନ୍ତି, ଗାୟତି, ଗାୟନ୍ତି, ନୃତ୍ୟତି, ନୃତ୍ୟନ୍ତି, ପଚତି, ପଚନ୍ତି, ଗର୍ଜତି, ଗର୍ଜନ୍ତି, କୂଜତି, କୂଜନ୍ତି**

*କ୍ଷେତ୍ର ସଂସ୍କୃତ ପ୍ରମୁଖ*
*ବିଦ୍ୟା ଭାରତୀ, ପୂର୍ବ କ୍ଷେତ୍ର*

## ଆମ ଗୌରବ

# ସମାଜ ଆଇନାରେ ପ୍ରତିଫଳିତ ହେଉଥିବା ପ୍ରତିଛବି : ଆମ ପୂର୍ବଛାତ୍ର ଅଟଳକୃଷ୍ଣ ଖଟୁଆ

ଖୁବ୍ କମ୍ ଲୋକ ବାଟ ତିଆରି କରନ୍ତି । ଏହି କମ୍ ଲୋକଙ୍କ ଦ୍ୱାରା ତିଆରି ହୋଇଥିବା ବାଟରେ ସଂଖ୍ୟାଧିକ ବାଟୋଇ ଆନନ୍ଦ ମନରେ ଗମନ କରନ୍ତି । ଏମିତି ନିଜ ପାଇଁ ନୁହେଁ ବରଂ ସମାଜ ପାଇଁ ବାଟ ଫିଟାଇ ସମାଜ ଆଇନାରେ ପ୍ରତିଫଳିତ ହେଉଥିବା ଉଜ୍ଜ୍ୱଳ ପ୍ରତିଛବି ହେଉଛନ୍ତି ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସହବନ୍ଧିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ଼ର ପୂର୍ବଛାତ୍ର ଶ୍ରୀ ଅଟଳ କୃଷ୍ଣ ଖଟୁଆ । ନାମ ପରି ସେ ସବୁକାମରେ ଅଟଳ ଆଉ ଦୃଢ଼ ସଂକଳ୍ପ ।

ଜଙ୍ଗଲ ପର୍ବତ ଘେରା ପ୍ରାକୃତିକ ସୁଷମା ବିମଣ୍ଡିତ କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ୍ ଅନ୍ତର୍ଗତ ଅଖ୍ୟାତ ପଲ୍ଲୀ ଦୁବେଇ ପେଣ୍ଠ ଆଜି ବିଖ୍ୟାତ ହୋଇଛି । ସେହି ଅଖ୍ୟାତ ପଲ୍ଲୀରେ ଦିନେ ପିତା ଇଂ. ଅମରବର ଖଟୁଆ (ପ୍ରାକ୍ତନ ସମ୍ପାଦକ, ଶିକ୍ଷା ବିକାଶ ସମିତି, ଓଡ଼ିଶା ତଥା ସାମାଜିକ ସମରସତାରେ ଉଦ୍‌ବୁଦ୍ଧ ସୃଜନଶୀଳ ସ୍ରଷ୍ଟା) ମାତା ଅଧାପିକା ସରୋଜିନୀ ପୃଷ୍ଟିଙ୍କ କୋଳ ମଣ୍ଡନ କରିଥିଲେ ଅଟଳକୃଷ୍ଣ ।

ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ଶୈଶବରୁ ହିଁ ସେ ଦେଖାଇ ଥିଲେ ପାରଦର୍ଶିତା । ବିଭିନ୍ନ ଶ୍ରେଣୀରେ ମେଧା ଏବଂ ବୃତ୍ତି ତାଲିକାରେ ଯୋଡ଼ିଥିଲେ ନିଜ ନାଁ । ସେଥିପାଇଁ ସେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କଲାବେଳେ ଶ୍ରେଷ୍ଠ ଶିଶୁ ଭାବେ ବିବେଚିତ ହୋଇ ତତ୍‌କାଳୀନ ଓଡ଼ିଶାର ରାଜ୍ୟପାଳ ଏମ୍.ଏମ୍. ରାଜେନ୍ଦ୍ରନ୍‌ଙ୍କ କରକମଳରୁ ଶିଶୁ ପ୍ରତିଭା ସମ୍ମାନ ଲାଭ କରିଥିଲେ । ସେଦିନର ସେହି ପୁରସ୍କାର ହିଁ ଏହି ମେଧାବୀ ଛାତ୍ରଙ୍କୁ ସମାଜ ବଡ଼ଦାଣ୍ଡରେ ନିଜର ପଦଚିହ୍ନ ଛାଡ଼ିଯିବାକୁ ଅନୁପ୍ରାଣିତ କରିଥିଲା । ଅନ୍ୟ କାହା ସଫଳତାରେ ତାଳି ବଜାଳି ନ ହୋଇ ବରଂ ଅନ୍ୟମାନେ ତା ସଫଳତା ପାଇଁ ତାଳି ବଜାନ୍ତୁ ଚିନ୍ତନରେ ସିଏ ହୋଇଗଲେ ଜ୍ଞାନଲିପ୍ସୁ ସାଧନା ଦୀପ୍ତ ।

କଳିଙ୍ଗ ଭାରତୀ ଆବାସିକ ବିଦ୍ୟାଳୟ, କଟକରେ +୨ ବିଜ୍ଞାନ, B.Tech in Indian Institute of Space Science & Technology ପରେ ୨୮ ଅକ୍ଟୋବର ୨୦୧୨ରେ ଜୁନିୟର ବୈଜ୍ଞାନିକ ଭାବେ ବିକ୍ରମ ସରାଭାଇ Space Centre ତିରୁଅନନ୍ତପୁରମ, ISROରେ ଯୋଗ ଦିଅନ୍ତି । ଏହି ମନନଶୀଳ ସ୍ରଷ୍ଟା ସେହିଦିନଠାରୁ ନୂତନ ସର୍ଜନାରେ ଲାଗି ପଡ଼ନ୍ତି ।



ଚନ୍ଦ୍ରଯାନ-୨ରେ କ୍ରାୟୋଜେନିକ୍‌ଷ୍ଟେରିଓ ଥର୍ମାଲ ପ୍ରୋଟେକ୍ସନ ବିଭାଗରେ କାର୍ଯ୍ୟକରି ବିଭାଗୀୟ ଅଧିକାରୀଙ୍କ ଶୁଭଦୃଷ୍ଟିକୁ ଆସିଥିଲେ । ଏବେ ପୋଲିସାଇଡ୍ ପାଇପଲାଇନ୍ ଥର୍ମାଲ ପ୍ରୋଟେକ୍ସନ୍, ସ୍ପେଶିଆଲ ପରପୋଜ କୋଟିଂ, ସୋଲିଡ୍ ଫିଲସ ଲୁବ୍ରିକେଟ ଏନର୍ଜି ସିଷ୍ଟମ, ପଲିକ୍ରିଟିକାଲ ସିଷ୍ଟମର ଉନ୍ନତି ଦିଗରେ ଗବେଷଣାରତ ।

କୃତି ଓ କୀର୍ତ୍ତିର ଶିଖର ଛୁଇଁଥିବା ଏହି ଯୁବ ବୈଜ୍ଞାନିକଙ୍କୁ ଅନେକ ସମ୍ମାନ ଓ ପୁରସ୍କାର ପ୍ରାପ୍ତ ହୋଇସାରିଛି । ତନ୍ମଧ୍ୟରୁ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ପ୍ରଶସ୍ତି ପତ୍ର, ଅନ୍ତରୀକ୍ଷ ଗବେଷଣା କ୍ଷେତ୍ରରେ ପ୍ରତ୍ୟେକ ସିଷ୍ଟମର ପ୍ଲାନ, ଡିଜାଇନ୍ ଠାରୁ ଠିକ୍ ଉତ୍ପାଦନ ପର୍ଯ୍ୟନ୍ତ ତାଙ୍କ ସଫଳତା ପାଇଁ ତାଙ୍କୁ ବିକ୍ରମ ଭାଇ କ୍ୱାଲିଟି ଆୱାର୍ଡ଼- ୨୦୨୦ ର ନିର୍ଦ୍ଦେଶକ ଏସ୍. ସୋମନାଥଙ୍କ ଦ୍ୱାରା ପ୍ରଦାନ ଉଲ୍ଲେଖାଯୋଗ୍ୟ ଅଟେ ।

ଶିକ୍ଷାସୃଜନୀ ତଥା ଶିକ୍ଷା ବିକାଶ ସମିତି ପରିବାର ତରଫରୁ ଏହି ସଫଳ ନାୟକଙ୍କର ସଫଳ ଯାତ୍ରା ପଥରେ ଈଶ୍ୱର ଶୁଭାଶୀର୍ବାଦ କରନ୍ତୁ ଏହି କାମନା ।

ଶ୍ରମ ସାରିଲେ ଯେଝାମତେ । ଚଳନ୍ତି ବୃକ୍ଷ ଛାଡ଼ି ପଥେ ।।

# ଆମେ ଭେଟିଥିଲୁ .......

କରୋନା ତା'ର କରାଳ ରୂପରେ କବଳିତ କରିଛି ସାରା ବିଶ୍ୱକୁ । ସମଗ୍ର ମାନବ ସମାଜ ବନ୍ଦୀଗୃହରେ ବି ଅନୁଭବ କରିସାରିଛି ପ୍ରକୃତିର ସେହି କ୍ରୁର ରୂପକୁ । ଏବେ ଧୀରେ ଧୀରେ ଅପସରି ଯାଇଛି ସେହି ମହାମାରୀ କିନ୍ତୁ ଏ ଭିତରେ ବଦଳିଛି ଅନେକ କିଛି । ପୁଣି ବଦଳିଛି ମଣିଷର ଜୀବନ ଆଉ ଜୀବିକା । କରୋନା ଖାଲି ମାସ୍କ ପିନ୍ଧି ମୁହଁ ଘୋଡ଼ାଇବା ଶିଖାଇ ନାହିଁ ବରଂ ଅନେକ ନୂଆ ଚେହେରାକୁ ଆମ ସାମ୍ନାକୁ ଆଣିଛି । କରୋନା ଖାଲି ସାମାଜିକ ଦୂରତା କଥା ଶିଖାଇ ନାହିଁ ବରଂ ଅନେକଙ୍କୁ ସମାଜର ଏହି ଦୁର୍ଦ୍ଦିନରେ ସମାଜ ସହିତ ଯୋଡ଼ି ଦେଇଛି ନିଜ ନିଜର କ୍ଷେତ୍ରରେ ପ୍ରତିଷ୍ଠିତ ଅନେକ ବ୍ୟକ୍ତିତ୍ୱଙ୍କୁ । ସମାଜର ଏହି ଦୁର୍ଦ୍ଦିନରେ ସମାଜ ସାଥିରେ ଠିଆ ହୋଇ ସାଧାରଣ ଦୁଃଖୀ ମଣିଷର ଦୁଃଖ ବାଣ୍ଟିବାକୁ ଆଗେଇ ଆସିଛନ୍ତି ଆଉ ସେଥିରୁ ଆମ ପ୍ରିୟ ଚଳଚ୍ଚିତ୍ର ତାରକାମାନେ ବାଦ୍ ଯାଆନ୍ତେ କିପରି ? ନିଜ ହସ ଲୁହ ମାଧ୍ୟମରେ ସମସ୍ତଙ୍କ ମନ କିଣି ନେଉଥିବା ଏହି ତାରକାମାନେ ହିଁ ସାଧାରଣ ଜନତାର ଲୁହ ପୋଛି ତାଙ୍କ ଓଠରେ ହସ ଭରି ଦେବାର ଦୃଢ଼ ସଂକଳ୍ପ ନେଇଛନ୍ତି । ଧ୍ରୁବତାରା ଭଳି ସଂଖ୍ୟାରେ ନଗଣ୍ୟ ହେଲେ ମଧ୍ୟ ଏମାନେ ଆମ ଆଗାମୀ ପିଢ଼ି ପାଇଁ ପଥ ପ୍ରଦର୍ଶକ ନିଶ୍ଚୟ । ଆଉ ଏମିତି ଓଡ଼ିଆ ଚଳଚ୍ଚିତ୍ର ଆକାଶର ଜଣେ ଧ୍ରୁବତାରା ହେଉଛନ୍ତି ଅଭିନେତା ତଥା ସମାଜସେବୀ ସବ୍ୟସାଚୀ ମିଶ୍ର । ଓଡ଼ିଆ ଚଳଚ୍ଚିତ୍ର ଆକାଶରେ





ଝିଲମିଲ କରୁଥିବା ଏହି ଦୁଷ୍ପ୍ରାପ୍ୟ ତାରକାଙ୍କୁ କରୋନାର ବିଭୀଷିକାମୟ ପରିସ୍ଥିତିକୁ ସାମ୍ନା କରୁଥିବା ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତି କିନ୍ତୁ ପାଇଥିଲା ନିଜ ହାତ ପାହାନ୍ତାରେ । ପରଦାର ଚିକ୍‌ମିକ୍ ଆଲୁଅ ଛାଡ଼ି ଦୁଃଖୀ ମଣିଷର ଲୁହ ପୋଛି ଦେବାକୁ ଆଗେଇ ଆସିଥିଲେ ଧୂଳି ଧୂସରିତ ରାଜରାସ୍ତାକୁ ଆଉ ଏକଥା ଦେଖିଥିଲା ସାରା ଓଡ଼ିଶା । ସେହି ପ୍ରେରଣାଦାୟୀ ବ୍ୟକ୍ତିତ୍ୱଙ୍କୁ ଭେଟିଥିଲେ ଆମ ସମ୍ବାଗ ପ୍ରତିନିଧି ଶ୍ରୀମତୀ ସଙ୍ଗୀତା ମିଶ୍ର ।

ପ୍ରଶ୍ନ - ଆପଣଙ୍କ ପିଲାଦିନ କେଉଁ ଠାରେ ଓ କିପରି କଟିଥିଲା ?

ଉ. - ମୁଁ ପିଲାଦିନେ ଅଜାଆଈଙ୍କ ପାଖରେ ରହି ପ୍ଲେ ସ୍କୁଲରେ ପଢୁଥିଲି । ସେତେବେଳେ ଅଜା ରହୁଥିଲେ ଜ୍ୟୋତିବିହାରରେ । ପ୍ଲେ ସ୍କୁଲର ବାର୍ଷିକ ଉତ୍ସବରେ ସ୍କୁଲର ଛୋଟ ଛୋଟ ପିଲାମାନଙ୍କୁ ନେଇ ନାଟକ ହୋଇଥିଲା । ମୋ ବଡ ମାଇଁ ସବୁ ଛୁଆଙ୍କୁ ବେଶ ଭୂଷାରେ ସଜାଇ ଦେଇଥିଲେ । ମୁଁ ନାୟକ ଭୂମିକାରେ ଅଭିନୟ କରିଥିଲି । ମୋର ଅଭିନୟ ଦେଖଣାହାରୀଙ୍କ ମନକୁ ଛୁଇଁଥିଲା । ତା'ପରେ ମୁଁ ସୁନ୍ଦରଗଡ଼ ଆମ ଘରକୁ ଆସି ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଲି । ନନା ସେଠାରେ ତହସିଲଦାର ଥିଲେ । ସେତେବେଳେ ଟି.ଭି.ରେ ମହାଭାରତ ସିରିଏଲ ଓ କାର୍ଟୁନ ଚିତ୍ର ଆମେ

ଯେସନେ ପ୍ରାଣୀ ନିଦ୍ରାଗତେ । ସମ୍ପଦ ଦେଖେ ସ୍ୱପ୍ନଗତେ ।।



ଦେଖୁଥିଲୁ । ମହାଭାରତର ଡାଇଲଗ କହି ମୁଁ ଓ ମୋ ସାନଭାଇ ଖେଳୁଥିଲୁ । ମୋର ବୋଉ ନାଟକ ଲେଖି ସାହିର ଛୋଟ ଛୋଟ ପୁଅଝିଅଙ୍କୁ ନେଇ କ୍ଷୁଦ୍ର ନାଟକମାନ କରାଉଥିଲେ । ସେଥିରେ ମୁଁ ଓ ମୋ ସାନଭାଇ ଭାଗ ନେଇ ପ୍ରଶଂସା ପାଇଥିଲୁ । ଏହା ବ୍ୟତୀତ ସ୍କୁଲରେ ଅଭିନୀତ ହେଉଥିବା ନାଟକରେ ମଧ୍ୟ ମୁଁ ପ୍ରତିବର୍ଷ ଭାଗ ନିଏ ଓ ପୁରସ୍କାର ପାଏ । ଗ୍ରୀଷ୍ମଛୁଟିରେ ଆମେ ଅଜାଘର ଗାଁ ବୀରପ୍ରତାପପୁରକୁ ଯାଉ । ସେତେବେଳେ ଅଜା ଚାକିରିରୁ ଅବସର ନେଇ ଗାଁରେ ରହୁଥିଲେ । ଅଜା ଡ୍ରାମା ଲେଖି ପିଲାମାନଙ୍କୁ ନାଟକ ଆବୃତ୍ତି ଓ ନାଚ ଇତ୍ୟାଦି ଅଭିନୟ ଶିଖାନ୍ତି । ଆମେ ଦୁଇଭାଇ ମଧ୍ୟ ସବୁଥିରେ ଭାଗନେଇ ଅଭିନୟ କରୁ । ଗାଁରେ ଆମ ସାଙ୍ଗମାନଙ୍କ ସହିତ ଶୀତଳଷଷ୍ଠୀ ଯାତ୍ରା ପାଇଁ ବାଣ ବାଡଉ । ରଜରେ ଗାଁରେ ଦୋଳି ଖେଳୁ ଓ ଗୀତ ବୋଲୁ । ଗ୍ରୀଷ୍ମଛୁଟିରେ ସ୍କୁଲ ଖୋଲିଲେ ଘରକୁ ଆସୁ । ଛୁଟିରେ ମୁଁ ଅଜାଙ୍କ ନିକଟରେ ଉପର ଶ୍ରେଣୀ ଅଙ୍କ ବହି, ସାହିତ୍ୟ ବହିପଢ଼ା ଆରମ୍ଭ କରେ । ଅଜା ମତେ ବହୁତ ବାହାର ବହି ପଢ଼ିବାକୁ ଦିଅନ୍ତି । ସ୍କୁଲ ପଢ଼ିବା ସମୟରେ ପ୍ରାୟ ସବୁ ବହି ମୁଁ ପଢ଼ିଛି ବିଶ୍ୱ ସାହିତ୍ୟ ଗ୍ରନ୍ଥମାଳାର ।

ପ୍ରଶ୍ନ - ଆପଣ କେବେ ଓ କାହା ଦ୍ୱାରା ଆକର୍ଷିତ ହୋଇ କଳା ଜଗତରେ ପାଦ ଥାପିଲେ ?

ଉ. ପିଲାଟି ଦିନରୁ ମୋର ନାଚିବାର ନିଶା । ନାଚ ଲାଗି ମତେ ପ୍ରଥମେ ଆଲବମ୍‌ରେ ଓ ପରେ ଚଳଚିତ୍ରରେ ଭାଗ ନେବାର ସୁଯୋଗ ମିଳିଥିଲା । ବିଶିଷ୍ଟ ଚଳଚିତ୍ର ଅଭିନେତା ଓ ନିର୍ଦ୍ଦେଶକ ଶ୍ରୀଯୁକ୍ତ ହର ପଟ୍ଟନାୟକ ଏକ ଅନୁଷ୍ଠାନରେ ମୋ ନୃତ୍ୟରେ ବିମୋହିତ ହୋଇ ମତେ ପ୍ରଥମେ ପାଗଳ ପ୍ରେମୀ ଚଳଚିତ୍ରରେ ନାୟକ ଭାବରେ ଗ୍ରହଣ କରିଥିଲେ ୨୦୦୭ ମସିହାରେ ।

ପ୍ରଶ୍ନ - କଳାକୁ ଆପଣ ନିଶା ବା ପେଷା ଭାବନ୍ତି ?

ଉ. କଳା ମୋ ପାଇଁ ଉଭୟ ନିଶା ଓ ପେଷା ।

ପ୍ରଶ୍ନ - କଳାକାର ହୋଇ ନ ଥିଲେ ଆଉ କ'ଣ ହୋଇଥାନ୍ତେ ?

ଉ. କଳାକାର ହୋଇ ନ ଥିଲେ ମୁଁ ଇଞ୍ଜିନିୟର ଭାବେ କାର୍ଯ୍ୟ କରିଥାନ୍ତି ।

ପ୍ରଶ୍ନ - କରୋନା ପରି ମହାମାରୀ ସମୟରେ ସାରା ବିଶ୍ୱ ବନ୍ଦୀଗୃହରେ ଥିଲା ବେଳେ ଦେବଦୂତ ସାଜି ଆପଣ କି ଭଳି ସେବା କାର୍ଯ୍ୟ କରିବା ପାଇଁ ଯୋଜନା କରିଥିଲେ ?

ଉ. ସେବା କାର୍ଯ୍ୟ କରିବା ପାଇଁ ମୁଁ କୌଣସି ଯୋଜନା କରି ନ ଥିଲି । କରୋନା ସମୟରେ ପ୍ରବାସୀ ଓଡିଆଙ୍କର ଦୁଃଖ ମତେ ବହୁତ ପ୍ରଭାବିତ କରିଥିଲା । ସେଥିପାଇଁ ମୁଁ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଚେଷ୍ଟା କରିଥିଲି ।



ଏହି ପ୍ରକାରେ ଗୃହବାସ । ଏଣେ ନ କରିବ ବିଶ୍ୱାସ ।।



ପ୍ରଶ୍ନ - କଳା ଓ ସେବା ଭିନ୍ନ ଭିନ୍ନ କ୍ଷେତ୍ର ହୋଇଥିଲେ ମଧ୍ୟ ଆପଣ କିଭଳି ସମନ୍ୱୟ ରଖନ୍ତି ?

ଉ. କରୋନା ସମୟରେ କଳାକ୍ଷେତ୍ରର କାର୍ଯ୍ୟ ପ୍ରାୟ ବନ୍ଦ ଥିଲା । ତେଣୁ ସେତେବେଳେ ସେବା କାର୍ଯ୍ୟ କରିବାରେ କୌଣସି ଅସୁବିଧା ହୋଇନାହିଁ । ଯଦି ସେବା କରିବା ପାଇଁ ଦୃଢ଼ ଇଚ୍ଛା ଥିବ ତେବେ ସମନ୍ୱୟର ଉପାୟ ନିଶ୍ଚୟ ବାହାରି ପାରିବ ।

ପ୍ରଶ୍ନ - ଆପଣଙ୍କ ସେବାର କୃତଜ୍ଞତା ଆପଣଙ୍କୁ କିଭଳି ଅନୁଭବ ଆଣିଦିଏ ?

ଉ. ସେବାର କୃତଜ୍ଞତା ଦ୍ୱାରା ମୋତେ ଆତ୍ମସନ୍ତୋଷ ମିଳେ ।

ପ୍ରଶ୍ନ - ସତରେ କ'ଣ ସେବାର ବିକଳ୍ପ ନାହିଁ ?

ଉ. ସେବାର ବିକଳ୍ପ ହେଉଛି ସରକାରୀ ସାହାଯ୍ୟ ।

ପ୍ରଶ୍ନ - ଆପଣଙ୍କ ଦ୍ୱାରା ହୋଇଥିବା କିଛି ଏପରି ସେବାକାର୍ଯ୍ୟ ଉଲ୍ଲେଖ କରନ୍ତୁ ଯାହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହେବ ।

ଉ.- ଆନ୍ଧ୍ରପ୍ରଦେଶର ବାପଟଲା ନାମକ ଏକ ସ୍ଥାନରେ ଜଗତସିଂହପୁରର ଏକ ଝିଅ ଚିଙ୍ଗୁଡ଼ି ଫାର୍ମରେ ଚାକିରି କରିଥିଲା । କରୋନା ଲାଗି ଫ୍ୟାକ୍ଟ୍ରି ବନ୍ଦ ହୋଇଗଲା । ରେଳ, ମଟର ଯାତାୟାତ ମଧ୍ୟ ବନ୍ଦ ଥିଲା । ତେଣୁ ସେ ଘରକୁ ଫେରିପାରିଲା ନାହିଁ । ଯିଏ ତାକୁ ଚାକିରି କରାଇ ଦେଇଥିଲେ ସେ ମଧ୍ୟ ଘର ସଙ୍ଗେ ସମ୍ପର୍କ ରଖିବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିଲେ । ତା'ର ମୋବାଇଲଟି ମଧ୍ୟ ଚୋରି ହୋଇଗଲା । ଝିଅକୁ ଉଦ୍ଧାର କରିବାକୁ ବହୁ ଚେଷ୍ଟା କରି ବିଫଳ ହୋଇଥିବା ତା'ର ମା' ଶେଷରେ ମୋତେ ଅନୁରୋଧ କଲେ । ମୁଁ ତେଲୁଗୁ ସିନେମାରେ ଅଭିନୟ କରିଥିବାରୁ ଜଣେ ପ୍ରଯୋଜକଙ୍କୁ ଜାଣିଥିଲି । ସେ ଓ ତାଙ୍କ ଲୋକଙ୍କ ସାହାଯ୍ୟରେ ମୁଁ ସେ ଝିଅକୁ ସ୍ପେଶାଲ ଟ୍ରେନ ଯୋଗେ ଓଡ଼ିଶା ଆଣିବାର ସକ୍ଷମ ହୋଇଥିଲି । ତା' ପୂର୍ବରୁ ମୁଁ କିଛି ଟଙ୍କା ପଠାଇ ସେ ଝିଅପାଇଁ ମୋବାଇଲ କିଣାଇ ଦେଇ ଥିଲି । ମୁଁ ସେ ଝିଅର ମା'ଙ୍କୁ ଡକାଇ ମା' ଝିଅ ଦୁହିଁଙ୍କୁ ଟ୍ୟାକ୍ସିରେ ତାଙ୍କ ଗାଁକୁ ପଠାଇଦେଲି । ସମସ୍ତ ଖର୍ଚ୍ଚ ମୁଁ ନିଜେ ବହନ କରିଥିଲି ।

ପ୍ରଶ୍ନ - ଆପଣଙ୍କ ଉପଲବ୍ଧିରୁ ଆଗାମୀ ପିଢ଼ି ପାଇଁ କ'ଣ ବାର୍ତ୍ତା ରଖିବେ ?

ଉ. ମୋ ଅନୁଭୂତିରୁ ଜାଣିଲି ବିପଦରେ ପଡିଥିବା ଲୋକ ହତାଶ ହୋଇଯାଏ । ତା' ମନରେ ଆଶା ଓ ସାହସ ଭରିଦେବାକୁ ଚେଷ୍ଟା କରନ୍ତୁ ।

ପ୍ରଶ୍ନ - କର୍ତ୍ତବ୍ୟ ଓ ପୁରସ୍କାରକୁ ଆପଣ କିଭଳି ଦେଖନ୍ତି ?

ଉ. କର୍ତ୍ତବ୍ୟ ସମ୍ପାଦନର ଲକ୍ଷ୍ୟ ପୁରସ୍କାର ପାଇବା ନୁହେଁ ତେଣୁ କର୍ତ୍ତବ୍ୟ ହେଲା ମୌଳିକ ଓ ପୁରସ୍କାର ଆନୁଷଙ୍ଗିକ ।

ପ୍ରଶ୍ନ - ଆପଣଙ୍କର ଆଗାମୀ ଯୋଜନା କ'ଣ ?

ଉ. ସୁଯୋଗ ପାଇଲେ ଲୋକଙ୍କର ଅଧିକ ସେବା କରିବି ।

ଦୃଷ୍ଟି-ପବିତ୍ର ପାଦନ୍ୟାସ । ବସ୍ତ୍ର-ପବିତ୍ର ଜଳ ଗ୍ରାସ ।



ପ୍ରାଦେଶିକ ଶିକ୍ଷା ପରିଷଦ ବୈଠକ - ୨୦୨୧, ସ୍ଥାନ- ସରସ୍ୱତୀ ବିଦ୍ୟାମନ୍ଦିର
କେଶବଧାମ, ଗତିରାଉତପାଟଣା, କଟକ



ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ବୈଠକ ଅବସରରେ ସେବା କାର୍ଯ୍ୟ, ସ୍ଥାନ : ସ.ପ୍ର.ମ. କେଶବଧାମ, କଟକ

March - 2021 RNI - Reg. No : ODIODI/2012/51053



# ଛତ୍ରପତି ଶିବାଜୀ ମହାରାଜଙ୍କ ପବିତ୍ର ଜୟନ୍ତୀ ସ୍ମରଣେ

(ବୈଶାଖ ଶୁକ୍ଳ ଦ୍ୱିତିୟା ୧୬୨୭)

Printed and published by : Secretary, on behalf of Shiksha Vikash Samiti, Odisha &
Printed at Saraswati DTP Centre, E-59, Sector -A, Zone -A
Mancheswar Industrial Estate, Bhubaneswar-10, Chief Editor : Dr. Shyam Sundar Mishra